


# ଜଗନ୍ନାଥ ଏକ୍ସପ୍ରେସ୍
JAGANNATH EXPRESS



ବର୍ଷ- ୧୧ ସଂଖ୍ୟା-୨୨୬ ଭୁବନେଶ୍ୱର ବୁଧବାର, ମଇ ୦୭.୨୦୨୫ ପୃଷ୍ଠା - ୮ ମୂଲ୍ୟ : ୨.୦୦/- Vol.11 . No.226 Bhubaneswar, Wednesday, May 07, 2025

# ଅପରାହ୍ନ ୪ଟାରେ ବାଜିବ ଯୁଦ୍ଧ ସାଇରନ୍

## ଓଡ଼ିଶାର ୧୨ଟି ସ୍ଥାନରେ ହେବ ସିଭିଲ ଡିଫେନ୍ସ ମକ୍ ଡ୍ରିଲ୍



### ମକ୍ ଡ୍ରିଲ୍ ପାଇଁ ପରାମର୍ଶ, ସାଇରନ୍ ଶବ୍ଦ ଶୁଣିଲେ ଛାତତଳକୁ ଯାଆନ୍ତୁ

ଭୁବନେଶ୍ୱର,୬/୫: ଭାରତ-ପାକିସ୍ତାନ ମଧ୍ୟରେ ଦେଖାଯାଇଥିବା ଉତ୍ତେଜନା ମଧ୍ୟରେ ବୁଧବାର ଦେଶର ୨୪୪ଟି ଜିଲ୍ଲାରେ ସିଭିଲ ଡିଫେନ୍ସ ମକ୍ ଡ୍ରିଲ୍ କରିବେ। ଏହି ମକ୍ ଡ୍ରିଲ୍‌ରେ ଓଡ଼ିଶାର ୧୨ଟି ଜିଲ୍ଲା ମଧ୍ୟ ସାମିଲ କରାଯାଇଛି, ଯେଉଁଥିରେ ଭୁବନେଶ୍ୱର ମଧ୍ୟ ସାମିଲ ରହିଛି। ବୋମା ବର୍ଷଣକୁ ନେଇ ମକ୍ ଡ୍ରିଲ୍ କରାଯିବ। ଅପରାହ୍ନ ୪ଟା ବେଳେ ସାଇରନ୍ ବାଜିବ। ୫ ମିନିଟ ଧରି ଏହି ସାଇରନ୍ ବାଜିବ। ସାଇରନ ଶବ୍ଦ ଶୁଣିଲେ ଛାତ ତଳକୁ ସୁରକ୍ଷିତ ସ୍ଥାନକୁ ଯିବାକୁ ଲୋକଙ୍କୁ ଅନୁରୋଧ କରାଯାଉଛି। ଅଗ୍ନିଶମ ଆଇଜି ଉମାଶଙ୍କର ଦାଶ ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି। ବରିଷ୍ଠ ପୁଲିସ ଅଧିକାରୀ ଶ୍ରୀ ଦାସ କହିଛନ୍ତି ରାଜଧାନୀ ଭୁବନେଶ୍ୱରରେ ପ୍ରଥମ ସାଇରନ୍ ?ର ୧୫ ମିନିଟ ପରେ ଆଉ ଏକା ସାଇରନ୍ ବାଜିବ। ଦ୍ୱିତୀୟ ଥର ସାଇରନ ଶୁଣିବା ପରେ ଲୋକେ ଘରୁ ବାହାରିପାରିବେ। ମକ୍ ଡ୍ରିଲ୍ କ'ଣ ସେନେଇ ଲୋକଙ୍କୁ ସଚେତନ କରାଯିବ। ଯଦି ଯୁଦ୍ଧ ପରିସ୍ଥିତି ଆସେ ଓ ବୋମା ବର୍ଷଣ ହୁଏ ତେବେ କିଭଳି ସୁରକ୍ଷିତ ରହିବେ ସେନେଇ ମକ ଡ୍ରିଲ ହେବ। ଜମ୍ମୁ କଶ୍ମୀରର ଅନନ୍ତନାଗ ଜିଲ୍ଲା ପହଲଗାମରେ ଗତମାସ ୨୨ ତାରିଖରେ ଘଟିଥିବା ଆତଙ୍କବାଦୀଙ୍କ ଆକ୍ରମଣ ପରେ ଭାରତ ଓ ପାକିସ୍ତାନ ମଧ୍ୟରେ ଉତ୍ତେଜନା ପରିସ୍ଥିତି ଦେଖାଯାଇଛି। ଉଭୟ ଦେଶ ମଧ୍ୟରେ ସଂପର୍କ ସଂପୂର୍ଣ୍ଣ ଭାବେ ବନ୍ଦ ହୋଇଯାଇଥିବା ବେଳେ ଅନେକ ଏହାକୁ ଯୁଦ୍ଧ ପରିସ୍ଥିତି ଭାବେ ଦେଖୁଛନ୍ତି। ଏହାରି ମଧ୍ୟରେ ଭାରତ ସରକାର ମେ' ୭ ତାରିଖ ଦିନରେ ଦେଶରେ ମକ୍ ଡ୍ରିଲ୍‌ପାଇଁ ଆଦେଶ ଦେଇଛନ୍ତି। ଦେଶର ୨୪୪ଟି ଜିଲ୍ଲାରେ ଆସନ୍ତାକାଲି ମକ୍‌ଡ୍ରିଲ କରାଯିବ, ଯେଉଁଥିରେ ଓଡ଼ିଶାର ୧୨ଟି ଜିଲ୍ଲା ସାମିଲ ରହିଛି।

ଭୁବନେଶ୍ୱର,୬/୫: ମକ୍‌ଡ୍ରିଲ ନେଇ ଅଗ୍ନିଶମ ଡିଜିଙ୍କ ପ୍ରତିକ୍ରିୟା । କାଲି ଅପରାହ୍ନ ୪ଟାରେ ବାଜିବ ମକ୍‌ଡ୍ରିଲ ସାଇରନ । ସୂଚନା ଦେଲେ ଅଗ୍ନିଶମ ଡିଜି ସୁଧାଂଶୁ ଷଡଙ୍ଗୀ । କାଲିଠୁ ପର୍ଯ୍ୟାୟ କ୍ରମେ ସପ୍ତାହେ ଧରି କାର୍ଯ୍ୟକ୍ରମ ଚାଲିବ । କାଲି ଉପକୂଳବର୍ତ୍ତୀ ଜିଲ୍ଲା, ସହରାଞ୍ଚଳରେ ହେବ ମକ୍‌ଡ୍ରିଲ । ଶତ୍ରୁ ପକ୍ଷ ବିମାନ ଆକ୍ରମଣ କଲେ କ'ଣ କରାଯିବ ଜଣାଇ ଦିଆଯିବ । ପ୍ରାୟ ୫ ମିନିଟ୍ ଧରି ସାଇରନ୍ ବାଜିବ, ମକ୍‌ଡ୍ରିଲ ଆରମ୍ଭ ହେବ । ପୁଣି ସାଇରନ ବାଜିଲେ ମକ୍‌ଡ୍ରିଲ ସରିଲା ବୋଲି ଜଣାଇ ଦିଆଯିବ । ସାଧାରଣତଃ କଂକ୍ରିଟ ଛାତ ତଳେ ରହିବାକୁ ପରାମର୍ଶ ଦିଆଯିବ । ବସ୍ତି ଅଞ୍ଚଳର ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର ଯୋଜନା ହେବ । ଜେନିଭା ଚୁକ୍ତି ଅନୁଯାୟୀ ବେସାମରିକ ଅଞ୍ଚଳରେ ଆକ୍ରମଣ ମନା । ରେଡକ୍ରସ ଉପରେ ମଧ୍ୟ ଜେନିଭା ଚୁକ୍ତି ଅନୁସାରେ ଆକ୍ରମଣ ମନା । ଓଡ଼ିଶାର ୧୨ଟି ଜିଲ୍ଲାରେ ଏହି ମକ୍‌ଡ୍ରିଲ ପାଇଁ ସାଇରନ ବାଜିବ । ବାତ୍ୟା, ବନ୍ୟା ଆଶ୍ରୟସ୍ଥଳୀରେ ଥିବା ସାଇରନ ମଧ୍ୟ ବାଜିବ । ଆସନ୍ତାକାଲି ଦେଶର ୨୪୪ ଜିଲ୍ଲାରେ ହେବ ମକ୍‌ଡ୍ରିଲ । ଓଡ଼ିଶାର ୧୨ଟି ସ୍ଥାନରେ ହେବ ମକ୍‌ଡ୍ରିଲ । ତାଳଚେର, ବାଲେଶ୍ୱର, କୋରାପୁଟ, ଭୁବନେଶ୍ୱର, ଗୋପାଳପୁର, ହୀରାକୁଦ, ପାରାଦୀପ, ରାଉରକେଲା, ଭଦ୍ରକ, ଢେଙ୍କାନାଳ, ଜଗତସିଂହପୁର ଓ କେନ୍ଦ୍ରାପଡାରେ ହେବ ମକ୍‌ଡ୍ରିଲ । ମକ୍‌ଡ୍ରିଲ ନେଇ ନିର୍ଦ୍ଦେଶ ଦେଇଥିଲେ ଗୃହ ମନ୍ତ୍ରାଳୟ ।

## ପାକ୍ ସେନା ଗାଡ଼ି ଉଡ଼ାଇଲା ବିଏଲଏ



କ୍ୱେଟା,୬/୫: ଗୋଟିଏ ପଟେ ପାକିସ୍ତାନ ଭାରତର ସମ୍ଭାବ୍ୟ ଆକ୍ରମଣକୁ ନେଇ ଆଶଙ୍କିତ ଥିବାବେଳେ ଅନ୍ୟପଟେ ବଲୋଚ ବିଦ୍ରୋହୀମାନେ ପାକିସ୍ତାନ ସେନା ଉପରେ ଏକ ବଡ଼ ଆକ୍ରମଣ କରିଛନ୍ତି । ବିଏଲଏ ପକ୍ଷରୁ କ୍ୱେଟାର ମାର୍ଗତ ଅଞ୍ଚଳରେ ପାକ ସୈନିକ ଥିବା ଏକ ଟ୍ରକକୁ ଆଇଇଡି ମାଧ୍ୟମରେ ଉଡ଼ାଇଦିଆଯାଇଛି । ଏହା ଫଳରେ ୭ ଜଣ ପାକ୍ ସୈନ୍ୟ ମୃତ୍ୟୁବରଣ କରିଛନ୍ତି ବୋଲି କୁହାଯାଉଛି । କିନ୍ତୁ ପାକ୍ ସେନା ପକ୍ଷରୁ ଏପର୍ଯ୍ୟନ୍ତ ଏହି ମୃତ୍ୟୁସଂଖ୍ୟାକୁ ସ୍ପଷ୍ଟ କରାଯାଇନାହିଁ । ଏହି ଆକ୍ରମଣ ଏକ ରିମୋଟ୍-କଣ୍ଟ୍ରୋଲ୍ ଆଇଇଡି ବ୍ୟବହାର କରି କରାଯାଇଥିଲା, ଯେଉଁଥିରେ ଏକ ସେନା ଗାଡ଼ି ସମ୍ପୂର୍ଣ୍ଣ ଧ୍ୱଂସ ହୋଇଯାଇଥିଲା। ବିଏଲଏ ଆକ୍ରମଣ ପାଇଁ ଦାୟୀ ବୋଲି ନିଜେ ଏକ ବିବୃତ୍ତି ଜାରି କରିଛି। ଏହି ଆକ୍ରମଣ ଏକ ରିମୋଟ୍-କଣ୍ଟ୍ରୋଲ୍ ଆଇଇଡି ବ୍ୟବହାର କରି କରାଯାଇଥିଲା, ଯେଉଁଥିରେ ଏକ ସେନା ଗାଡ଼ି ସମ୍ପୂର୍ଣ୍ଣ ଧ୍ୱଂସ ହୋଇଯାଇଥିଲା। ବିଏଲଏ ଆକ୍ରମଣ ପାଇଁ ଦାୟୀ ବୋଲି ଏକ ବିବୃତ୍ତି ଜାରି କରିଛି। ସଂଗଠନର ମୁଖପାତ୍ର ଜିୟାନ୍ଦ ବାଲୋଚ୍ କହିଛନ୍ତି, 'ଏହି ଆକ୍ରମଣ ପାକିସ୍ତାନୀ ଦଖଲକାରୀ ସେନା ବିରୁଦ୍ଧରେ ଆମର ଚାଲିଥିବା ସଂଘର୍ଷର ଏକ ଅଂଶ। ଆକ୍ରମଣରେ ମୃତ ସୈନିକଙ୍କ ମଧ୍ୟରେ ସୁବେଦାର ଶାହଜାଦ ଅମିନ, ନାଏବ ସୁବେଦାର ଆବାସ, ସିପାହୀ ଖଲିଲ, ସିପାହୀ ଜାହିଦ, ସିପାହୀ ଖୁରମ ସଲିମ ଏବଂ ଅନ୍ୟମାନେ ଅଛନ୍ତି। ବିଏଲଏ ତାର ବିବୃତ୍ତିରେ କହିଛି, 'ବାଲୋଚ୍ ଭୂମି ଦଖଲ କରୁଥିବା ସେନା ସମ୍ପୂର୍ଣ୍ଣ ଭାବରେ ନଷ୍ଟ ନହେବା ପର୍ଯ୍ୟନ୍ତ ଆମର ଅଭିଯାନ ଜାରି ରହିବ।' ଦୁଇଦିନ ପୂର୍ବେ ବିଏଲଏ ପକ୍ଷରୁ ବେଲୋଚିସ୍ତାନର କଲାତ ଜିଲ୍ଲାର ମଙ୍ଗଚୋର ସହର ଉପରେ ଆକ୍ରମଣ କରି ତାହାକୁ ନିଜ ନିୟନ୍ତ୍ରଣକୁ ନେଇଯାଇଥିବା ଦାବି କରାଯାଇଥିଲା ।

## ଯୁଦ୍ଧ ଭୟରେ କମ୍ପିଲା ପାକ୍ ଷ୍ଟକ ମାର୍କେଟ୍

ନୂଆଦିଲ୍ଲୀ,୬/୫: ଭାରତର ୱାଟର ଷ୍ଟ୍ରାଇକ୍‌ରେ ଛାନିଆ ପାକିସ୍ତାନ । ପାକିସ୍ତାନ ଅଭିଯୋଗ କରିଛି, ଭାରତ ଚେନାବ ନଦୀର ଜଳପ୍ରବାହକୁ ଅବରୋଧ କରି ପ୍ରାରମ୍ଭିକ ଖରିଫ ଫସଲ ଋତୁକୁ ବିପଦରେ ପକାଇଛି । ପାକିସ୍ତାନର ଇଣ୍ଡସ ରିଭର ସିଷ୍ଟମ୍ ଅଥରିଟି ଚେନାବ ନଦୀର ମାରାଲା ହେଡୱାର୍କସରେ ଜଳପ୍ରବାହରେ ହଠାତ୍ ହ୍ରାସ ନେଇ ଗଭୀର ଚିନ୍ତା ପ୍ରକାଶ କରିଛି । ରବିବାର ୩୫ ହଜାର ୬୦୦ କ୍ୟୁସେକ୍ ଥିବା ଜଳସ୍ତର ସୋମବାର ସକାଳେ ୩ ହଜାର ୧୭୭ କ୍ୟୁସେକ୍‌କୁ ଖସି ଆସିଛି, ଯାହା ପ୍ରାୟ ୯୦% ହ୍ରାସ ଦର୍ଶାଉଛି । ଏହା ପାକିସ୍ତାନର ପଞ୍ଜାବରେ କୃଷି ଉପରେ ଗୁରୁତର ପ୍ରଭାବ ପକାଇବ, ଯାହା ଚେନାବରୁ ନିର୍ଭରଶୀଳ । ଭାରତ ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ପରେ ଇଣ୍ଡସ ୱାଟର ଚୁକ୍ତିକୁ ସ୍ଥଗିତ ରଖି ଜମ୍ମୁର ବାଗଲିହାର ଓ ସାଲାଲ ଡ୍ୟାମ୍‌ର ଗେଟ୍ ବନ୍ଦ କରିଦେଇଛି । ଆଇଆରଏସ୍‌ଏ ଅନୁଯାୟୀ, ଏହା ପ୍ରାରମ୍ଭିକ ଖରିଫ୍ ଋତୁରେ ୨୧% ଜଳ ଅଭାବ ସୃଷ୍ଟି କରିପାରେ, ଯାହା ପାକିସ୍ତାନର କୃଷି ଉପରେ ବିପର୍ଯ୍ୟୟ ଆଣିବ । ଖରିଫ୍ ଫସଲ ଯଥା: ଧାନ, ମକା ଓ କପା ଉପରେ ଏହାର ପ୍ରଭାବ ପଡ଼ିବ, ଯାହା ଆଗରୁ ହିଁ ୨୧% ଅଭାବର ସମ୍ମୁଖୀନ ହେଉଛି ।

## ମମତା ବାନାର୍ଜୀଙ୍କୁ ଚିଠି ଲେଖିଲେ ମୋହନ ମାଝୀ



ଭୁବନେଶ୍ୱର,୬/୫: ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଙ୍ଗଳବାର ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ଚିଠି ଲେଖିଛନ୍ତି। ଶ୍ରୀ ମାଝୀ ଚିଠି ଲେଖିବାର କାରଣ ହେଲା ପଶ୍ଚିମବଙ୍ଗର ଦୀଘାରେ ଜଗନ୍ନାଥ ମନ୍ଦିର ବିବାଦ। ମୁଖ୍ୟମନ୍ତ୍ରୀ ଚିଠିରେ ଉଲ୍ଲେଖ କରିଛନ୍ତି ଯେ, ଦୀଘା ଜଗନ୍ନାଥ ମନ୍ଦିରକୁ 'ଧାମ' କୁହାଯାଉ। ପଶ୍ଚିମବଙ୍ଗ ସରକାର 'ଧାମ' ଶବ୍ଦ ବ୍ୟବହାରରୁ ଦୂରରେ ରୁହନ୍ତୁ। ଆନ୍ତଃରାଜ୍ୟ ସମ୍ମାନ ଓ ସାଂସ୍କୃତିକ ସମ୍ବେଦନଶୀଳତାକୁ ବଜାୟ ରଖନ୍ତୁ। ଦୀଘାରେ ଜଗନ୍ନାଥ ଧାମ ବିବାଦ ନେଇ ପ୍ରସିଦ୍ଧ ବାଲୁକା ଶିଳ୍ପୀ ସୁଦର୍ଶନ ପଟ୍ଟନାୟକ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଚିଠି ଲେଖିଛନ୍ତି। ଏହି ପ୍ରସଙ୍ଗକୁ ଗୁରୁତ୍ୱପୂର୍ଣ୍ଣ ମନେ କରି ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିବାକୁ ସେ ପ୍ରଧାନମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି। ଚିଠିରେ ସୁଦର୍ଶନ ଲେଖିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀ, ଦୀଘାରେ ଥିବା ଜଗନ୍ନାଥ ମନ୍ଦିରକୁ 'ଜଗନ୍ନାଥ ଧାମ' ଭାବରେ ପଶ୍ଚିମବଙ୍ଗ ସରକାରଙ୍କ ସମ୍ବୋଧିତ କରିବାର ନିଷ୍ପତ୍ତି ଉପରେ ଆପଣ ହସ୍ତକ୍ଷେପ କରନ୍ତୁ ଏବଂ ଏହାର ସମାଧାନ କରନ୍ତୁ। ଏହି ପବିତ୍ର ଉପାଧି କେବଳ ଓଡ଼ିଶାର ପୁରୀ ସହିତ ଜଡ଼ିତ। ଅନ୍ୟ ଏକ ସ୍ଥାନ ପାଇଁ ଏହି 'ଜଗନ୍ନାଥ ଧାମ' ଶବ୍ଦର ବ୍ୟବହାର ବ୍ୟାପକ ଦ୍ୱନ୍ଦ୍ୱ ସୃଷ୍ଟି କରିଛି ଏବଂ ମହାପ୍ରଭୁ ଜଗନ୍ନାଥଙ୍କ ଅଗଣିତ ଭକ୍ତଙ୍କ ଭାବନାକୁ ଗଭୀର ଆଘାତ ଦେଇଛି। ଏହି ଚର୍ଚ୍ଚିତ ଧାର୍ମିକ ପରିଚୟର ପବିତ୍ରତା ଏବଂ ଅନନ୍ୟତାକୁ ବଜାୟ ରଖିବା ପାଇଁ ତୁରନ୍ତ ପଦକ୍ଷେପ ନେବା ଆବଶ୍ୟକ। ପଶ୍ଚିମବଙ୍ଗ ପୂର୍ବ ମେଦିନୀପୁରର ଦୀଘାଠାରେ ନବନିର୍ମିତ ଶ୍ରୀଜଗନ୍ନାଥ ମନ୍ଦିର ଓ 'ଜଗନ୍ନାଥ ଧାମ' ନାମକରଣ ପ୍ରସଙ୍ଗରେ ସୋମବାର ବଡ଼ ମନ୍ତବ୍ୟ ଦେଇଛନ୍ତି ପୁରୀ ଗଜପତି ମହାରାଜା ଦିବ୍ୟସିଂହ ଦେବ। ଗଜପତି ମହାରାଜା କହିଛନ୍ତି, ପୁରୀ କେବଳ 'ଜଗନ୍ନାଥ ଧାମ'। ଅନ୍ୟ କୌଣସି ସ୍ଥାନକୁ 'ଜଗନ୍ନାଥ ଧାମ' କୁହାଯାଇପାରିବ ନାହିଁ। ଏହା ଶାସ୍ତ୍ରସମ୍ମତ ମତ ଓ ଶ୍ରୀମନ୍ଦିର ମୁକ୍ତିମଣ୍ଡପ ପଣ୍ଡିତସଭା ବି ସ୍ପଷ୍ଟ କରିଛି। ଏଣୁ ଦୀଘା ଶ୍ରୀଜଗନ୍ନାଥ ମନ୍ଦିରର ଉଦ୍ୟୋକ୍ତା, ଟ୍ରଷ୍ଟି ଏବଂ ପୃଷ୍ଠପୋଷକମାନେ ଦୀଘା ଜଗନ୍ନାଥ ମନ୍ଦିରକୁ 'ଜଗନ୍ନାଥ ଧାମ' କିମ୍ବା 'ଜଗନ୍ନାଥ ଧାମ ସାଂସ୍କୃତିକ କେନ୍ଦ୍ର' ଭାବେ ନାମିତ କରିବାରୁ ନିବୃତ୍ତ ରହିବାକୁ ଗଜପତି ନିବେଦନ କରିଛନ୍ତି।

## ୧୩ରେ ଆଣ୍ଡାମାନ ଛୁଇଁବ ମୌସୁମୀ; ୮ ପରଠୁ ବଢ଼ିବ ତାତି

ଭୁବନେଶ୍ୱର,୬/୫: ଗତବର୍ଷ ତୁଳନାରେ ଏଥର ଶୀଘ୍ର ଆସିବ ମୌସୁମୀ। ଆସନ୍ତା ୧୩ରେ ଆଣ୍ଡାମାନ ଛୁଇଁବ ମୌସୁମୀ ବାୟୁ। ଦକ୍ଷିଣ ଆଣ୍ଡାମାନ ସାଗର ସହ ଦକ୍ଷିଣ ବଙ୍ଗୋପସାଗରର କିଛି ଅଞ୍ଚଳ ଏବଂ ନିକୋବର ଦୀପପୁଞ୍ଜର କିଛି ଅଞ୍ଚଳକୁ ୧୩ ତାରିଖ ବେଳକୁ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଅଗ୍ରସର ହେବା ପାଇଁ ପାଗ ଅନୁକୂଳ ରହିଥିବା ନେଇ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଆସନ୍ତା ସପ୍ତାହରେ ମୌସୁମୀ ବାୟୁ ବଙ୍ଗୋପସାଗର ଛୁଇଁବ। ପ୍ରଭାବରେ ରାଜ୍ୟରେ ପୁଣି ବର୍ଷା ହେବାର ସମ୍ଭାବନା ରହିଛି। ସେପଟେ ରାଜ୍ୟରେ କାଳବୈଶାଖୀ ପ୍ରଭାବ ଲାଗି ରହିଛି। ଆହୁରି ୨ ଦିନ ପ୍ରବଳ ବର୍ଷା ସହ କୁଆପଥର ବର୍ଷା ହେବାର ସମ୍ଭାବନା ରହିଛି। ଏନେଇ କିଛି ଜିଲ୍ଲାକୁ ସତର୍କତା ଜାରି କରାଯାଇଛି। ବର୍ଷା ପ୍ରଭାବରେ କିଛି ଦିନ ତାତିରୁ ନିସ୍ତାର ମିଳିଥିବା ବେଳେ ଏବେ ପୁଣି ଫେରିବ ତାତି। ଅପରପକ୍ଷେ ୮ତାରିଖ ପରଠାରୁ ତାତି ବଢ଼ିବା ସହ ପ୍ରବଳ ଗରମ ଅନୁଭୂତ ହେବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ମିଳିଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଅନେକ ସ୍ଥାନରେ ବର୍ଷା ବିଜୁଳି ଘଡ଼ଘଡ଼ି ସାଙ୍ଗକୁ ଘଣ୍ଟାପ୍ରତି ୪୦ରୁ ୫୦ କିମି ବେଗରେ ପବନ ବହିବ। ଯାହାକୁ ନେଇ କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଗଞ୍ଜାମ, ଗଜପତି, ରାୟଗଡ଼ା, କୋରାପୁଟ ଓ ମାଲକାନଗିରି ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି। ସେହିପରି ସୁନ୍ଦରଗଡ଼, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ଖୋର୍ଦ୍ଧା, ପୁରୀ, ନୟାଗଡ଼, ନବରଙ୍ଗପୁର, କଳାହାଣ୍ଡି ଓ ନୂଆପଡ଼ାରେ ମଧ୍ୟ ବର୍ଷା ସହ ବିଜୁଳି ଘଡ଼ଘଡ଼ି ଓ ଝଟକା ପବନର ବେଗ ୩୦ରୁ ୪୦ କିମି ରହିବ। ଏସବୁ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ। ଆସନ୍ତାକାଲିଠାରୁ ବର୍ଷାର ପରିମାଣ କମିଲେ ମଧ୍ୟ ବିଜୁଳି ଘଡ଼ଘଡ଼ି ଓ ଝଟକା ପବନ ୩୦ରୁ ୪୦ କିମି ବେଗରେ ବହିବ। ଯାହାକୁ ନେଇ ମୟୂରଭଞ୍ଜ, ବାଲେଶ୍ୱର, ଗଞ୍ଜାମ, ଗଜପତି, ରାୟଗଡ଼ା, କୋରାପୁଟ, ମାଲକାନଗିରି ଓ ନବରଙ୍ଗପୁର ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ଆଞ୍ଚଳିକ ପାଣିପାଗ ବିଭାଗ। ୮ତାରିଖରେ କିଛି କିଛି ସ୍ଥାନରେ ହାଲୁକାରୁ ମଧ୍ୟମଧରଣର ବର୍ଷା ହେବାକୁ ଥିବା ବେଳେ ବିଜୁଳି ଘଡ଼ଘଡ଼ି ପାଇଁ କୌଣସି ସତର୍କତା ଜାରି କରାଯାଇ ନାହିଁ। କିନ୍ତୁ ଗ୍ରୀଷ୍ମ ପ୍ରବାହ ପ୍ରଭାରେ ପ୍ରବଳ ଗରମ ସହ ଗୁଳୁଗୁଳି ଅନୁଭୂତ ହେବ। ଯାହାକୁ ନେଇ ମୁଖ୍ୟତଃ ଉପକୂଳବର୍ତ୍ତୀ ଜିଲ୍ଲାର ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତସିଂହପୁର, କଟକ, ଖୋର୍ଦ୍ଧା, ପୁରୀ, ନୟାଗଡ଼, ଗଞ୍ଜାମ ଓ ଗଜପତି ଜିଲ୍ଲାକୁ ୟେଲୋ ଆଲର୍ଟ ଜାରି ହୋଇଛି। ସେପଟେ ୯ ତାରିଖରୁ ତାତି ଆହୁରି ବଢ଼ିବ। ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହକୁ ନେଇ ସୁନ୍ଦରଗଡ଼ ଓ ଝାରସୁଗୁଡ଼ାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି। ସେହିପରି ଗରମ ଓ ଗୁଳୁଗୁଳି ପାଇଁ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତସିଂହପୁର, କଟକ, ଖୋର୍ଦ୍ଧା, ପୁରୀ, ନୟାଗଡ଼, ଗଞ୍ଜାମ ଓ ଗଜପତି ଜିଲ୍ଲାକୁ ୟେଲୋ ଆଲର୍ଟ ଜାରି କରିଛି ପାଣିପାଗ ବିଭାଗ। ୧୦ ତାରିଖରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହକୁ ନେଇ ବଲାଙ୍ଗୀର, ବୌଦ୍ଧ, ସୁନ୍ଦରଗଡ଼ ଓ ଝାରସୁଗୁଡ଼ା ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି।

## ଓଡ଼ିଶାର ଲୋକସଂସ୍କୃତିର ଏକ ଅମୂଲ୍ୟ ଅଂଶ ହେଉଛି "ରଙ୍ଗବତୀ" : ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର/କେନ୍ଦୁଝର,୬/୫: ରଙ୍ଗବତୀ ପରି କାର୍ଯ୍ୟକ୍ରମ କେବଳ ଏକ ଉତ୍ସବ ନୁହେଁ, ଏହା ହେଉଛି ଏକ ଘୋଷଣା ଯେ, ଓଡ଼ିଶା ଏବେ ତାଙ୍କର ଅନୁପମ କଳାକୁ ଗର୍ବର ସହ ଆଗକୁ ବଢ଼ାଉଛି। ରଙ୍ଗବତୀ କେବଳ ଏକ ଗୀତ ନୁହେଁ, ଏହା ନିଜ ଆତ୍ମୀୟତାର ଅନୁଭବ, ରମ୍ୟତା ଓ ଉଦ୍ଦୀପନାର ପ୍ରତୀକ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଦ୍ୱାରା କେନ୍ଦୁଝର ଜିଲ୍ଲାର କାଳି ପଡିଆ ଠାରେ ଆୟୋଜିତ ସାଂସ୍କୃତିକ ମହୋତ୍ସବ 'ରଙ୍ଗବତୀ' କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କହିଛନ୍ତି । ଏହି ଅବସରରେ, ମୁଖ୍ୟମନ୍ତ୍ରୀ କହିଥିଲେଯେ, ଆମେ ଓଡ଼ିଆ, ସବୁଠୁ ବଢିଆ। ଓଡିଶାର ପ୍ରତ୍ୟେକ କୋଣ ଅନୁକୋଣରେ ଭରି ରହିଛି ଲୋକଗୀତ, ଲୋକନୃତ୍ୟର ମଧୁର ମୂର୍ଚ୍ଛନା। ଏହି ବିବିଧାତା ଭିତରେ ଏକତା ଆମର ଶକ୍ତି। ଆମ ରାଜ୍ୟରେ ଭାଷା ଅଂଚଳ ବଦଳିବ ସହିତ ବଦଳି ଯାଇଥାଏ। ଭାଷା ଅଲଗା ସିନା କିନ୍ତୁ ପରିଚୟ ଏକ । ପ୍ରତ୍ୟେକ ଜିଲ୍ଲାର ଭାଷାରେ କିଛି ନା କିଛି ସ୍ୱତନ୍ତ୍ରତା ଦେଖିବାକୁ ମିଳିବ। ଏହି ମଞ୍ଚ ଆଜି ସ୍ଥାନ ଦେଇଛି ଅନେକ କଳାକାରଙ୍କୁ । ଓଡ଼ିଶାର କୋଣ ଅନୁକୋଣରୁ ଆଜି କଳାକାର ମାନେ ନିଜର ପ୍ରତିଭା ଦେଖାଇବା ପାଇଁ ଗୋଟିଏ ଜାଗାରେ ଏକତ୍ରିତ ହୋଇଛନ୍ତି । ଏହାହିଁ ଆମ ଏକତାର ପ୍ରତୀକ । ଓଡିଶାର ପ୍ରସିଦ୍ଧ ଗୀତ ରଙ୍ଗବତୀ ବିଷୟରେ କହିବାକୁ ଯାଇ ମୁଖ୍ୟମନ୍ତ୍ରୀ କହିଥିଲେଯେ, ରଙ୍ଗବତୀ ଗୀତ ଅନେକ ପୁରୁଣା । "ରଙ୍ଗବତୀ" ଗୀତ କେବଳ ଏକ କାର୍ଯ୍ୟକ୍ରମ ନୁହେଁ, ଏହା ହେଉଛି ଓଡ଼ିଆ ମାଟିର ସ୍ପନ୍ଦନ। ଓଡ଼ିଶାର ଲୋକସଂସ୍କୃତିର ଏକ ଅମୂଲ୍ୟ ଅଂଶ ହେଉଛି "ରଙ୍ଗବତୀ"। ଗୀତଟି ଆଜି କେବଳ ଓଡିଶା ନୁହେଁ, ସାରା ଭାରତର ବିଭିନ୍ନ ରାଜ୍ୟର ଏକ ଲୋକପ୍ରିୟ ଗୀତର ମାନ୍ୟତା ଲାଭ କରିଛି। ଯେଉଁଭଳି ଆମେ ବିକାଶର ରାସ୍ତାରେ ଆଗେଇ ଯାଉଛୁ, ସେହିପରି ଆମ ସଂସ୍କୃତିକ ମୂଲ୍ୟବୋଧ, ଆମର ଲୋକକଳା, ଆମ ଉତ୍ସବ, ପର୍ବ ଓ ଐତିହ୍ୟକୁ ସୁରକ୍ଷିତ ରଖିବା ଆମର ପ୍ରଥମ ଦାୟିତ୍ୱ। ଏହିପରି ମହୋତ୍ସବ, ଆମ ତରୁଣ ପିଢିକୁ ଆମ ଦେଶ ଓ ଅଞ୍ଚଳର ସଂସ୍କୃତି ସହ ପରିଚୟ କରାଇଥାଏ ବୋଲି ସେ କହି ଥିଲେ । ସେ ପୁଣି କହିଥିଲେଯେ, ଆଜି ଆମ ସରକାର କଳାକାରଙ୍କୁ ବିକାଶର ମୁଖ୍ୟସ୍ରୋତକୁ ଆଣିବାକୁ ପ୍ରତିଶ୍ରୁତିବଦ୍ଧ।ସେମାନଙ୍କ ଶ୍ରମ ଓ ଦକ୍ଷତାକୁ ଜନାଭିମୁଖୀ କରିବା ପାଇଁ ଚେଷ୍ଟିତ। ୧୧ ମାସରେ ଆମେ ସରକାରକୁ ଆସି ଲୋକଙ୍କ ପାଖକୁ ପହଞ୍ଚି ପାରିଲୁ। ଆମେ ଶୁନ୍ୟ ରୁ ଆରମ୍ଭ କରି, ଏକ ନୂତନ ଦିଗରେ ଯିବାପାଇଁ ଅଗ୍ରସର ହେଉଛୁ। ଆଜି ଗାଁ ଗାଁ ର କଳାକାରମାନେ ମଞ୍ଚ ପାଉଛନ୍ତି। ଦେଶ ବିଦେଶ ମଧ୍ୟରେ ତାଙ୍କର କଳା ପହଞ୍ଚୁଛି, ଏହା ଗର୍ବ ର ବିଷୟ। ମୁଁ ବିଶ୍ୱାସ କରେଯେ, ଯେଉଁ ରାଜ୍ୟ ତାଙ୍କର କଳାକୁ ସମ୍ମାନ ଦିଏ,ସେ ରାଜ୍ୟର ଆତ୍ମା ସଦା ଜୀବିତ ରହିଥାଏ। ଏହି ଅବସରରେ ଉଚ୍ଚଶିକ୍ଷା, ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଥିଲେଯେ, ରଙ୍ଗବତୀ ଭଳି କାର୍ଯ୍ୟକ୍ରମ ଦେଶର ସମସ୍ତ କଳା ଓ କଳାକାର ମାନଙ୍କ ପାଇଁ ଉଦ୍ଦିଷ୍ଟ କାରଣ କଳାକାର ମାନଙ୍କର ସୀମା ସରହଦ ନଥାଏ। ଉକ୍ତ କାର୍ଯ୍ୟକ୍ରମରେ କେନ୍ଦୁଝର ସାଂସଦ ଶ୍ରୀ ଅନନ୍ତ ନାୟକ, ତେଲକୋଇ ବିଧାୟକ ଡଃ ଫକୀର ମୋହନ ନାୟକ, ପାଟଣା ବିଧାୟକ ଶ୍ରୀ ଅଖିଳ ଚନ୍ଦ୍ର ନାୟକ, ଚମ୍ପୁଆ ବିଧାୟକ ଶ୍ରୀ ସନାତନ ମହାକୁଡ ଓ କେନ୍ଦୁଝର ଜିଲ୍ଲାପାଳ ଶ୍ରୀ ବିଶାଲ ସିଂହ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ନିର୍ଦ୍ଦେଶକ ସୂଚନା ଓ ଲୋକସମ୍ପର୍କ ବିଭାଗ ତଥା ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଶ୍ରୀ ଦେବ ପ୍ରସାଦ ଦାଶ ସ୍ୱାଗତ ଭାଷଣ ଦେଇଥିବା ବେଳେ, ଓଡ଼ିଆ ସାହିତ୍ୟ ଏକାଡେମୀ ସଚିବ ଡ଼କ୍ଟର ଚନ୍ଦ୍ରଶେଖର ହୋତା ଧନ୍ୟବାଦ ଦେଇଥିଲେ।

## ଜାପାନକୁ ଟପି ଭାରତ ହେବ ବିଶ୍ୱର ୪ର୍ଥ ବୃହତ୍ତମ ଅର୍ଥନୀତି

ନୂଆଦିଲ୍ଲୀ,୬/୭: ଚଳିତ ବର୍ଷ ଭାରତୀୟ ଅର୍ଥନୀତି ଏକ ବଡ଼ ମାଇଲଖୁଣ୍ଟ ଅତକ୍ରମ କରିବାକୁ ଯାଉଛି । ଭାରତୀୟ ଅର୍ଥନୀତି ଚଳିତ ବର୍ଷ ଶେଷସୁଦ୍ଧା ଜାପାନକୁ ପଛରେ ପକାଇ ବିଶ୍ୱର ୪ର୍ଥ ବୃହତ୍ତମ ଅର୍ଥନୀତି ହେବ ବୋଲି ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠି (ଆଇଏମଏଫ) ପୂର୍ବାନୁମାନ କରିଛି । ଆଇଏମଏଫ ଦ୍ୱାରା ପ୍ରକାଶିତ ବିଶ୍ୱ ଅର୍ଥନୈତିକ ଆଉଟଲୁକ ଏପ୍ରିଲ ୨୦୨୫ ରେ ଏହି ସୂଚନା ଦିଆଯାଇଛି। ରିପୋର୍ଟରେ କୁହାଯାଇଛି ଯେ ୨୦୨୫ ମସିହାରେ ଭାରତର ମୋଟ ଘରୋଇ ଉତ୍ପାଦ ବା ଜିଡିପି ୪,୧୮୭.୦୧୭ ବିଲିୟନ ଡଲାରକୁ ବୃଦ୍ଧି ପାଇବ। ସେହି ସମୟରେ, ଜାପାନର ଜିଡିପିର ଆକାର ୪,୧୮୬.୪୩୧ ବିଲିୟନ ଡଲାର ହେବ ବୋଲି ଆକଳନ କରାଯାଇଛି। ଭାରତ ବର୍ତ୍ତମାନ ବିଶ୍ୱର ପଞ୍ଚମ ବୃହତ୍ତମ ଅର୍ଥନୀତି। ଜିଡିପିରେ ଭାରତଠାରୁ ଆମେରିକା, ଚୀନ୍, ଜର୍ମାନୀ ଏବଂ ଜାପାନ ଆଗରେ ଅଛନ୍ତି। ଭାରତ ବର୍ତ୍ତମାନ ବିଶ୍ୱର ପଞ୍ଚମ ବୃହତ୍ତମ ଅର୍ଥନୀତି। ଜିଡିପିରେ ଭାରତଠାରୁ ଆମେରିକା, ଚୀନ୍, ଜର୍ମାନୀ ଏବଂ ଜାପାନ ଆଗରେ ଅଛନ୍ତି। ଆଇଏମଏଫର ଆକଳନ ଅନୁଯାୟୀ, ଭାରତ ଆଗାମୀ କିଛିବର୍ଷରେ ଜର୍ମାନୀକୁ ପଛରେ ପକାଇ ବିଶ୍ୱର ତୃତୀୟ ବୃହତ୍ତମ ଅର୍ଥନୀତି ହେବ। ୨୦୨୭ ସୁଦ୍ଧା ଭାରତର ଅର୍ଥନୀତି ୫ ଟ୍ରିଲିୟନ ଡଲାର ଅତିକ୍ରମ କରିପାରିବ ଏବଂ ଏହି ସମୟ ମଧ୍ୟରେ ଏଉଚ ଆକାର ୫,୦୬୯.୪୭ ବିଲିୟନ ଡଲାର ହେବ ବୋଲି ଆକଳନ କରାଯାଇଛି।

## ବାଣ ଗୋଦାମରେ ବିସ୍ଫୋରଣ: ୨ ମୃତ



ଭଦ୍ରକ,୬/୫: ବାଣ ଗୋଦାମରେ ଭୟଙ୍କର ବିସ୍ଫୋରଣ ଘଟିଛି । ଏହି ଦୁର୍ଘଟଣାରେ ୭ ଜଣ ଗୁରୁତର ହୋଇଥିବା ବେଳେ ୪ ଜଣ ଆହତ ହୋଇଛନ୍ତି । ୭ ଜଣ ଗୁରୁତରଙ୍କ ଅବସ୍ଥା ସଂକଟପୂର୍ଣ୍ଣ ଥିବା ସୂଚନା ମିଳିଛି । ଗୁରୁତର ମଧ୍ୟରେ ଅନେକ ମହିଳା ଏବଂ ନାବାଳିକ ଅଛନ୍ତି । ଭଦ୍ରକ-ଚାନ୍ଦବାଲି ରାସ୍ତା ହଳଦୀଡିହରେ ବିସ୍ଫୋରଣ ଘଟିଥିଲା । ବାଣ ବିସ୍ଫୋରଣ କେମିତି ହେଲା କାରଣ ଅସ୍ପଷ୍ଟ ରହିଛି । ଲକ୍ଷାଧିକ ଟଙ୍କାର ବାଣ ନଷ୍ଟ ହୋଇଛି । ନିଆଁକୁ ଆୟତ୍ତ କରିବାକୁ ଅଗ୍ନିଶମ ବାହିନୀର ଉଦ୍ୟମ ଜାରି ରହିଛି । ସମସ୍ତ ଗୁରୁତରଙ୍କୁ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି । କଟକ ବଡ ମେଡିକାଲରେ ଚିତିତ୍ସାଧୀନ ଅବସ୍ଥାରେ ୨ ଜଣଙ୍କ ମୃତ୍ୟୁ ହୋଇଛି । ଘଟଣାସ୍ଥଳରେ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି ।

## ୮ ବର୍ଷର ନାବାଳିକାକୁ ଦୁଷ୍କର୍ମ

ରାଉରକେଲା,୬/୫: ରାଉରକେଲାରେ ପୁଣି ଲଜ୍ଜା । ନାବାଳିକାକୁ ଦୁଷ୍କର୍ମ କରି ଆତ୍ମହତ୍ୟା ଉଦ୍ୟମ କଲା ଅଭିଯୁକ୍ତ । ଗତକାଲି ରାତିରେ ରାଉରକେଲା ପ୍ଲାଣ୍ଟସାଇଟ୍ ଅଞ୍ଚଳରେ ଜଣେ ୮ ବର୍ଷର ନାବାଳିକାକୁ ଜଣେ ୨୫ ବର୍ଷୀୟ ଯୁବକ ଦୁଷ୍କର୍ମ କରିଥିଲା । ଏହା ପରେ ପୋଲିସ ଭୟରେ ତିନି ମହଲା ଛାତରୁ ଡେଇଁ ପଡିଛି ଅଭିଯୁକ୍ତ । ତେବେ ତଳେ ଏକ ଚାରି ଚକିଆ ଗାଡ଼ି ଥିବାରୁ ଅଳ୍ପକେ ମୃତ୍ୟୁ ମୁଖରୁ ବଞ୍ଚି ଯାଇଛି ଅଭିଯୁକ୍ତ ଜଣକ ।ଗୁରୁତର ଅବସ୍ଥାରେ ଅଭିଯୁକ୍ତକୁ ରାଉରକେଲା ସରକାରୀ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ପ୍ଲାଣ୍ଟସାଇଡ଼ ପୁଲିସ ଘଟଣାର ତଦନ୍ତ ଜାରି ରଖିଛି । ସୁସ୍ଥ ହେବା ପରେ ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯିବ ବୋଲି କହିଛି ପୋଲିସ କ୍ଷ ଘରେ କେହି ନଥିବାର ସୁଯୋଗ ନେଇ ଅଭିଯୁକ୍ତ ନାବାଳିକାକୁ ଦୁଷ୍କର୍ମ କରିଥିବା ପରିବାର ଲୋକ ଅଭିଯୋଗ କରିଛନ୍ତି ।

# ରିଜର୍ଭ ପୁଲିସ କାର୍ଯ୍ୟାଳୟ କୋଠାର ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ

## ୩୨ ହଜାର ପୁଲିସ ପଦବୀ ପୂରଣ କରିବେ ମୋହନ ସରକାର

ଭୁବନେଶ୍ୱର/କେନ୍ଦୁଝର, ୬/୫: ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ କେନ୍ଦୁଝର ଟାଉନରେ ନବ ନିର୍ମିତ ଥାନାଗୃହ ଏବଂ ରିଜର୍ଭ ପୋଲିସ ଅଫିସ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ନବନିର୍ମିତ ଟାଉନ ଥାନାରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ସମୁଦାୟ ୩ କୋଟି ୩୪ ଲକ୍ଷ ୧୪ ହଜାର ଟଙ୍କା ବ୍ୟୟରେ ନିର୍ମିତ ଏହି ଥାନା ଓ ୨ କୋଟି ୭୬ ଲକ୍ଷ ୬୮ ହଜାର ଟଙ୍କା ବ୍ୟୟରେ ନିର୍ମିତ ରିଜର୍ଭ ପୋଲିସ ଅଫିସର ଅଧିକାରୀ ଓ କର୍ମଚାରୀମାନେ ସାଧାରଣ ଜନତାଙ୍କୁ ଉତ୍ସର୍ଗୀକୃତ ସେବା ପ୍ରଦାନ କରିବେ । ଏହି ଥାନାଗୁଡ଼ିକ ଦ୍ୱାରା ଲୋକମାନେ ଉନ୍ନତ ମାନର ସେବା ପାଇବେ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଥିଲେ। ଏହି ଅବସରରେ ପୋଲିସ କର୍ମଚାରୀଙ୍କ ପାଇଁ ୧୭ ଟି SUV ଗାଡି ଏବଂ ୮୦ ଟି ମୋଟର ସାଇକେଲକୁ ସବୁଜ ପତାକା ଦେଖାଇ ମୁଖ୍ୟମନ୍ତ୍ରୀ ଶୁଭାରମ୍ଭ କରିଥିଲେ। ସୂଚନାଯୋଗ୍ୟ ଯେ, ଏହି ନବନିର୍ମିତ ଥାନାରେ ଭିନ୍ନକ୍ଷମଙ୍କ ପାଇଁ ରାମ୍ପ ବ୍ୟବସ୍ଥା, ବିଲ୍ଡିଂ ଏବଂ ବାରାକ୍, ସମ୍ମିଳନୀ କୋଠରୀ, ସନ୍ଦିଗ୍ଧ ଓ ସାକ୍ଷୀ ପରୀକ୍ଷା କୋଠରୀ, ୱେୟାରଲେସ୍ ଏବଂ ଯୋଗାଯୋଗ କୋଠରୀ, ଆଧୁନିକ ମାଲଖାନା, Reception Centre ଏବଂ ମହିଳା ଓ ଶିଶୁ Help desk ପ୍ରସ୍ତୁତ କରାଯାଇଛି। ଏହାବ୍ୟତୀତ ଶିଶୁସଦନ, ଯାନ ବାହନ ପାର୍କିଂ ବ୍ୟବସ୍ଥା, ତଥ୍ୟ ସଂରକ୍ଷଣ ସହିତ ୨୪ ଘଣ୍ଟିଆ ସିସିଟିଭି କ୍ୟାମେରା ବ୍ୟବସ୍ଥା, ଅଗ୍ନି ନିର୍ବାପକ ଯନ୍ତ୍ର ଏବଂ ଅଗ୍ନି ସତର୍କ ସୂଚନା ଘଣ୍ଟି ବ୍ୟବସ୍ଥା ଭଳି ଅତ୍ୟାଧୁନିକ ବ୍ୟବସ୍ଥା ମଧ୍ୟ କରାଯାଇଛି । ନିଜ ଅଭିଭାଷଣରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆଇନ ଶୃଙ୍ଖଳା ରକ୍ଷା ଦିଗରେ ଥାନାର ପ୍ରମୁଖ ଭୂମିକା ରହିଛି। ସେଥିପାଇଁ ଆମ ସରକାର ଆସିବା ପରେ ଥାନାଗୁଡ଼ିକୁ ଆଧୁନିକୀକରଣ ଓ ସୁବ୍ୟବସ୍ଥିତ କରିବା ପାଇଁ ସମସ୍ତ ପଦକ୍ଷେପ ନେଉଛନ୍ତି। ଥାନାରେ କର୍ତ୍ତବ୍ୟରତ ସମସ୍ତ ଅଧିକାରୀ ଓ କର୍ମଚାରୀମାନଙ୍କୁ ମୋର ପରାମର୍ଶ, ଥାନାକୁ ବିଭିନ୍ନ ସମସ୍ୟା ନେଇ ଆସୁଥିବା ଜନସାଧାରଣମାନଙ୍କୁ ଉତ୍ତମ ବ୍ୟବହାର କରନ୍ତୁ। କାରଣ ସେମାନେ ଅସୁବିଧାରେ ପଡି ମନଦୁଃଖରେ ଆପଣଙ୍କ ପାଖକୁ ଆସୁଛନ୍ତି। ସେମାନଙ୍କ ସହ ବନ୍ଧୁତ୍ୱପୂର୍ଣ୍ଣ ବ୍ୟବହାର କରନ୍ତୁ। ସେ କହିଥିଲେ ଯେ, ରାଜ୍ୟରେ ଅପରାଧ ନିୟନ୍ତ୍ରଣ ଓ ନିରାକରଣ ପାଇଁ ଆମ ସରକାର ବିଭିନ୍ନ ଯୋଜନା ହାତକୁ ନେଇଛନ୍ତି। ଆଗାମୀ ଦିନରେ ସମସ୍ତ ଥାନାମାନଙ୍କରେ ଅତିରିକ୍ତ ଯାନ ଉପଲବ୍ଧ କରିବା ନିମନ୍ତେ ଉଚ୍ଚମାନର ଦ୍ରୁତଗାମୀ SUV ଗାଡି ଯୋଗାଇ ଦେବାର ବ୍ୟବସ୍ଥା କରା ଯାଇଛି । ଏହି ଯାନବାହନର ସଠିକ ଉପଯୋଗ ଦ୍ୱାରା ଅପରାଧ ନିୟନ୍ତ୍ରଣ ତଥା ଆଇନ ଶୃଙ୍ଖଳା ରକ୍ଷା ଭଳି କାର୍ଯ୍ୟ ସୁରୁଖୁରୁରେ ସମ୍ପାଦିତ ହୋଇପାରିବ ବୋଲି ମୁଁ ଆଶା ପ୍ରକଟ କରୁଛି । ପୋଲିସ କର୍ମଚାରୀଙ୍କ କାର୍ଯ୍ୟଦକ୍ଷତାକୁ ଆହୁରି ପ୍ରଭାବଶାଳୀ କରିବା ପାଇଁ ଆବଶ୍ୟକ ସମ୍ବଳ, ତାଲିମ ଏବଂ ଭିତ୍ତିଭୂମି ଯୋଗାଇ ଦେବାକୁ ଆମ ସରକାର ପ୍ରତିଶ୍ରୁତିବଦ୍ଧ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ଭୁବନେଶ୍ୱରରେ ବିଗତ ଦିନରେ ଘଟିଥିବା ଅପରାଧର ଆଉ ଯେପରି ପୁନରାବୃତ୍ତି ନହୁଏ ସେଥିପ୍ରତି ସଜାଗ ରହିବାପାଇଁ ଉପସ୍ଥିତ ପୋଲିସ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେବା ସହିତ ଥାନାକୁ ଆସୁଥିବା ସାଧାରଣ ଲୋକମାନଙ୍କୁ ଭଲ ବ୍ୟବହାର କରିବା ପାଇଁ ଅଧିକାରୀ ଓ କର୍ମଚାରୀମାନଙ୍କୁ କଡ଼ା ଚେତାବନୀ ଦେଇଥିଲେ ଏବଂ ଥାନାକୁ ଅଭିଯୋଗ ନେଇ ଆସୁଥିବା ଲୋକଙ୍କ ପାଖରୁ ତୁରନ୍ତ FIR ଗ୍ରହଣ ନକଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଥିଲେ । ସେ ଏହା ମଧ୍ୟ କହିଥିଲେ ଯେ, ଗତ ସରକାର ଅମଳରେ ପୋଲିସକୁ ନିଜର କାର୍ଯ୍ୟ କରିବା ପାଇଁ ଦିଆଯାଉନଥିଲା। ଯାହାର ଫଳାଫଳ ଆମେ ସମସ୍ତେ ଦେଖିଛୁ। ଅପରାଧୀମାନେ ଜାଣିଥିଲେ ଯେ ସେମାନଙ୍କୁ ରାଜନୈତିକ ସୁରକ୍ଷା ମିଳୁଛି, ତେଣୁ ବେଧଡକ ବିଭିନ୍ନ ଅପରାଧ ଘଟାଉ ଥିଲେ। ନୂଆ ସରକାର ସହିତ ସେହି ମାନସିକତା ବି ବଦଳି ଯାଇଛି। ଅପରାଧୀଙ୍କୁ ମିଳୁଥିବା ରାଜନୈତିକ ସୁରକ୍ଷାର ଅବଧି ୧୨ ଜୁନ ୨୦୨୪ ରୁ ସରିଯାଇଛି। Renewal ହେବାର କୌଣସି ସୁଯୋଗ ବି ନାହିଁ। ଏହାର ଫଳାଫଳ ଆପଣ କେନ୍ଦୁଝର ଜିଲ୍ଲାରେ ଦେଖିପାରୁଥିବେ। ଆଇନ ଆଗରେ ରାଜା-ପ୍ରଜା ସମସ୍ତେ ସମାନ। ଯଦି ଅପରାଧ କରିବ, ତାର ଫଳାଫଳ ଭୋଗିବ। ଅପରାଧୀ ଯେତେବଡ଼ ହୋଇଥାଉ ନା କାହିଁକି, ଯେତେ ବିତ୍ତଶାଳୀ ହୋଇଥାଉନା କାହିଁକି, ଯେତେ ପ୍ରଭାବଶାଳୀ ହୋଇଥାଉ ନା କାହିଁକି, ଆଇନ ଆଗରେ ନତମସ୍ତକ ହେବାକୁ ପଡ଼ିବ। ରାଜ୍ୟରେ ସମୁଦାୟ ୩୨ ହଜାର ନୂଆ ପଦବୀ ସୃଷ୍ଟି କରାଯାଇଥିବା ବେଳେ ୧୬ ହଜାର ଖାଲି ପଦବୀ, ନୂତନ ଭାବେ ସୃଷ୍ଟି ହୋଇଥିବା ୧୬ ହଜାର ପଦବୀ ପୂରଣ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି। ଆପଣମାନେ ଭାବନ୍ତୁ, ଆଗାମୀ କିଛି ବର୍ଷ ମଧ୍ୟରେ ରାଜ୍ୟ ପୋଲିସର କର୍ମଚାରୀ ଓ ଅଧିକାରୀ ସଂଖ୍ୟା ୩୨ ହଜାର ବଢ଼ିବ। ଏହାଦ୍ୱାରା ପୋଲିସର ସାମର୍ଥ୍ୟ ବୃଦ୍ଧି ପାଇବ। ସରକାର ପୋଲିସ ବାହିନୀର ସାମର୍ଥ୍ୟ ଓ ମନୋବଳ ବୃଦ୍ଧି କରିବା ପାଇଁ ସମ୍ପୂର୍ଣ୍ଣ ଭାବରେ ପ୍ରତିବଦ୍ଧ ହୋଇ କାମ କରୁଛନ୍ତି। ତେଣୁ ଆପଣମାନେ ମଧ୍ୟ ରାଜ୍ୟର ଆଇନଶୃଙ୍ଖଳା ପରିସ୍ଥିତିରେ ଉନ୍ନତି ଆଣିବା ପାଇଁ ସେହିପରି ପ୍ରତିବଦ୍ଧ ହୋଇ କାମ କରନ୍ତୁ ବୋଲି ଶେଷରେ ମୁଖ୍ୟମନ୍ତ୍ରୀ କହିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଡିଜିପି ଯୋଗେଶ ବାହାଦୁର ଖୁରାନିଆ କହିଥିଲେଯେ ଏହି ନୂଆ ଥାନା ଗୃହ ଜରିଆରେ ଆମ ପୋଲିସ କର୍ମଚାରୀଙ୍କ କାର୍ଯ୍ୟ ଦକ୍ଷତାରେ ଉନ୍ନତି ଆଣିବା ସହ ଜନସାଧାରଣଙ୍କୁ ଉନ୍ନତ ସେବା ପ୍ରଦାନ କରିବାକୁ ଆମେ ସଦାସର୍ବଦା ପ୍ରତିଶ୍ରୁତିବଦ୍ଧ ରହିଛୁ । ସାଧାରଣ ଜନତାଙ୍କ ସେବା ଏବଂ ସୁରକ୍ଷା ପାଇଁ ଆମେ ସବୁବେଳେ ତତ୍ପର ଏବଂ ଜାଗ୍ରତ। ଆଇନକୁ ବଜାୟ ରଖିବା ଏବଂ ସାଧାରଣ ନାଗରିକଙ୍କ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ଆମେ ଆଗାମୀ ଦିନରେ ନିଷ୍ଠାର ସହ କାର୍ଯ୍ୟ କରିବୁ। ଏହି କାର୍ଯ୍ୟକ୍ରମରେ ଉଚ୍ଚଶିକ୍ଷା, ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୂରଜ, ଆନନ୍ଦପୁର ବିଧାୟକ ଶ୍ରୀ ଅଭିମନ୍ୟୁ ସେଠୀ, ଘସିପୁରା ବିଧାୟକ ଶ୍ରୀ ବଦ୍ରିନାରାୟଣ ପାତ୍ର, ତେଲକୋଇ ବିଧାୟକ ଡଃ ଫକୀର ମୋହନ ନାୟକ, ପାଟଣା ବିଧାୟକ ଶ୍ରୀ ଅଖିଳ ଚନ୍ଦ୍ର ନାୟକ, ଚମ୍ପୁଆ ବିଧାୟକ ଶ୍ରୀ ସନାତନ ମହାକୁଡ, ଡିଜିପି ଯୋଗେଶ ବାହାଦୁର ଖୁରାନିଆ, ଆଇ ଜି ଶ୍ରୀ ହିମାଂଶୁ ଲାଲ, କେନ୍ଦୁଝର ଜିଲ୍ଲାପାଳ ଶ୍ରୀ ବିଶାଲ ସିଂହ, କେନ୍ଦୁଝର ଏସ୍‌ପି ନୀତିନ କୁଶଲକର ପ୍ରମୁଖ ଉପସ୍ଥିତ ଥିଲେ।









## ସବୁ ଖଣି ଜିଲ୍ଲାର ମେଡିକାଲରେ ଟ୍ରମା କେୟାର ସେଣ୍ଟର




କେନ୍ଦୁଝର, ୬/୫: ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୋମବାର କେନ୍ଦୁଝରର ଧରଣୀଧର ମେଡିକାଲ କଲେଜ ଏବଂ ହସ୍ପିଟାଲରେ ଇନ-ପେସେଣ୍ଟ ଏବଂ ଟ୍ରମା କେୟାର ସେବାର ଶୁଭାରମ୍ଭ କରିଛନ୍ତି। ସ୍ୱାଧୀନତା ସଂଗ୍ରାମୀ ଧରଣୀଧର ନାୟକଙ୍କ ଜନ୍ମବାର୍ଷିକୀ ଅବସରରେ ମୁଖ୍ୟମନ୍ତ୍ରୀ ହସ୍ପିଟାଲରେ ଏହି ସେବାର ଶୁଭାରମ୍ଭ କରିଛନ୍ତି। ସେ କହିଛନ୍ତି ଯେ, ଦେଶରେ ଦୁର୍ଘଟଣା ଏବଂ ଦୁର୍ଘଟଣାଜନିତ ମୃତ୍ୟୁ ସଂଖ୍ୟା ବହୁତ ଅଧିକ। କେଉଁଝର ଭଳି ଜିଲ୍ଲାଗୁଡ଼ିକରେ ଖଣି କାର୍ଯ୍ୟ ପାଇଁ ବହୁ ସଂଖ୍ୟକ ଯାନବାହାନ ଚଳାଚଳ ହେଉଛି। ଆଗାମୀ ଦିନରେ ନୂତନ ଶିଳ୍ପ ପ୍ରତିଷ୍ଠା ହେବ ଏବଂ ଭିତ୍ତିଭୂମି ବିକାଶ କରାଯିବ। ଜିଲ୍ଲାରେ ଯାନବାହାନ ଚଳାଚଳ ଆହୁରି ବୃଦ୍ଧି ପାଇବ। ତେଣୁ, ଦୁର୍ଘଟଣାଜନିତ ମୃତ୍ୟୁରୁ ଲୋକଙ୍କୁ ରକ୍ଷା କରିବାରେ ଏକ ଟ୍ରମା କେୟାର ୟୁନିଟ୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ସେ କହିଛନ୍ତି। ସରକାର ଗଠନ କରିବାର କିଛି ଦିନ ମଧ୍ୟରେ, ସମସ୍ତ ଖଣି ଜିଲ୍ଲାରେ ଥିବା ମେଡିକାଲ କଲେଜଗୁଡ଼ିକରେ ଟ୍ରମା କେୟାର ସେଣ୍ଟର ସ୍ଥାପନ କରିବାକୁ ନିଷ୍ପତ୍ତି ନିଆଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସେ କହିଛନ୍ତି ଯେ, କେନ୍ଦୁଝରରେ ଏପରି ଏକ ସୁବିଧା ଉଦ୍‌ଘାଟନ କରାଯାଇଛି ଏବଂ ଅନ୍ୟ ଖଣି ଜିଲ୍ଲାରେ ମଧ୍ୟ ସମାନ ଟ୍ରମା କେୟାର ସେଣ୍ଟର ଖୁବ୍ ଶୀଘ୍ର ପ୍ରତିଷ୍ଠା କରାଯିବ।ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ତାଙ୍କ ସରକାର ରାଜ୍ୟରେ ସ୍ୱାସ୍ଥ୍ୟ କ୍ଷେତ୍ରର ଉନ୍ନତି ପାଇଁ ଅନେକ ପଦକ୍ଷେପ ନେଉଛନ୍ତି। ହସ୍ପିଟାଲଗୁଡ଼ିକର ଭିତ୍ତିଭୂମିକୁ ସୁଦୃଢ଼ କରାଯାଉଛି ଏବଂ ଡାକ୍ତର ଏବଂ ସ୍ୱାସ୍ଥ୍ୟ କର୍ମୀଙ୍କୁ ନିଯୁକ୍ତି ଦିଆଯାଉଛି ବୋଲି ସେ କହିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ଭଦ୍ରକ, ଜଗତସିଂହପୁର, ଢେଙ୍କାନାଳ ଏବଂ ନବରଙ୍ଗପୁର ଜିଲ୍ଲାରେ ଖୁବ୍ ଶୀଘ୍ର ଆଉ ଚାରୋଟି ନୂତନ ମେଡିକାଲ କଲେଜ ପ୍ରତିଷ୍ଠା ହେବ।

## ପ୍ରଶାସନ ଶୁଣିଲାନି, ପାଣି ଯୋଗାଇଲେ ସମାଜସେବୀ



ବାଲିଅନ୍ତା,୬/୫: ବାଲିଅନ୍ତା ବ୍ଲକ୍ ପୂରଣ ପଞ୍ଚାୟତ ଅଧୀନ ଏରକଣ୍ଠା ଗ୍ରାମରେ ୩ ବର୍ଷ ହେଲା ପିଇବା ପାଣି ସମସ୍ୟା ଲାଗି ରହିଛି। ପ୍ରତ୍ୟେକ ଗ୍ରୀଷ୍ମଋତୁ ସମୟରେ ଜଳ ସଂକଟ ଉତ୍କଟ ହୋଇପଡ଼େ। ୩ ବର୍ଷ ତଳେ ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତା କାମ ଚାଲିଥିବା ବେଳେ ମାଟିତଳେ ବିଛା ଯାଇଥିବା ଅଧ କିମି ପର୍ଯ୍ୟନ୍ତ ପାଇପ୍‌ଲାଇନ ନଷ୍ଟ ହୋଇଯାଇଥିଲା। ଗାଁରେ ଥିବା ୩ଟି ନଳକୂପରୁ ଲୌହମିଶ୍ରିତ ପାଣି ବାହାରୁଥିବାରୁ ପାଣି ବ୍ୟବହାର ଅନୁପଯୋଗୀ ହୋଇପଡିଛି। ଗ୍ରାମବାସୀ ଏ ସମ୍ପର୍କରେ ବିଭାଗୀୟ ସହକାରୀ ଯନ୍ତ୍ରୀ ଓ ସରପଞ୍ଚଙ୍କୁ ଜଣାଇ ଆସୁଥିଲେ ମଧ୍ୟ ସେମାନେ କୌଣସି ପଦକ୍ଷେପ ନେଉ ନଥିବା ଅଭିଯୋଗ ହୋଇଛି। ଏବେ ଖରାଦିନେ ଗ୍ରାମବାସୀଙ୍କ ପାଣି ସମସ୍ୟାର ସମାଧାନ ନେଇ ଯୁବ ସମାଜସେବୀ ବ୍ରହ୍ମାନନ୍ଦ ସ୍ୱାଇଁ, ପ୍ରଦୀପ୍ତ ମହାନ୍ତି, ଅଜୟ ସାହୁଙ୍କ ସହ ଅନ୍ୟ ଉତ୍ସାହୀ ଯୁବକ ଗ୍ରାମବାସୀଙ୍କୁ ଟ୍ୟାଙ୍କର ଯୋଗେ ପାଣି ଯୋଗାଇ ଦେଇଛନ୍ତି। ପ୍ରଶାସନ ପାଣି ସମସ୍ୟାର ସମାଧାନ ନକରିବା ପର୍ଯ୍ୟନ୍ତ ସେମାନେ ଜଳ ଯୋଗାଣ ସେବା ଜାରି ରଖିବେ ବୋଲି କହିଛନ୍ତି।


# ନବୀନ ଜଣାଇଲେ ପାଣ୍ଡିଆନ୍‌ର ନୁହଁ ତ ମୋର ନୁହେଁ



ଭୁବନେଶ୍ୱର,୬/୫: ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ପୁନଶ୍ଚ ସଭାପତି ନିଯୁକ୍ତ ହେବା ପରେ ଦଳର ସାଂଗଠନିକ ପୁର୍ନଗଠନ କରିଛନ୍ତି। ପୁର୍ନଗଠନ କରି ନବୀନ ଯେଉଁ ବାର୍ତ୍ତା ଦେଇଛନ୍ତି ତାହା ସବୁ ବିଜୁ ଜନତା ଦଳର ନେତା ଓ କର୍ମୀମାନଙ୍କୁ ଚକିତ କରିଛି। ଏହି ପୁର୍ନଗଠନରେ ନବୀନ ସ୍ପଷ୍ଟ ଭାବରେ ଏକ ବାର୍ତ୍ତା ଦଳର ସବୁ ସ୍ତରର ନେତାମାନଙ୍କୁ ଦେଇଛନ୍ତି ଯେ, ଭି.କେ ପାଣ୍ଡିଆନ୍‌ଙ୍କୁ ସମାଲୋଚନା କଲେ ତାଙ୍କୁ ଦଳରେ ଗୁରୁତ୍ୱ ମିଳିବ ନାହିଁ। ଗୋଟିଏ କଥା କହିଲେ ଅତ୍ୟୁକ୍ତି ହେବନି ନବୀନ ଜଣାଇଲେ ଯେ, ଯେ ପାଣ୍ଡିଆନ୍‌ର ନୁହେଁ ସେ ମୋର ନୁହେଁ। ପାଣ୍ଡିଆନ୍ ଦଳରେ ନାହାଁନ୍ତି ତମେ ତାଙ୍କ ବିଷୟରେ କିଛଇ କହିପାରିବ ନାହିଁ। ପରୋକ୍ଷରେ ଦେଖିଲେ ନବୀନଙ୍କ କାର୍ଯ୍ୟାଧାରାରୁ ସ୍ପଷ୍ଟ ଜଣାପଡ଼ିଲା ଏବେବି ବିଜେଡିରେ ପ୍ରଚ୍ଛଦ ପଟରେ ପାଣ୍ଡିଆନ୍ ସକ୍ରିୟ ହୋଇ ରହିଛନ୍ତି। ତାଙ୍କ ଇଶାରାରେ ହିଁ ସବୁ କିଛି ଚାଲିଛି। ଦଳର ସାଂଗଠନିକ ପୂର୍ନଗଠନ ପୂର୍ବରୁ ୱାକଫ୍ ବୋର୍ଡକୁ ନେଇ ସମର୍ଥନ ଦେବା ଓ ନଦେବା ପ୍ରସଙ୍ଗରେ ବଡ଼ଧରଣର ଝଡ଼ ସୃଷ୍ଟି ହୋଇଥିଲା। ପ୍ରଥମେ ଦଳର ସଂସଦୀୟ କମିଟି ବୈଠକରେ ୱାକଫ୍ ବୋର୍ଡକୁ ବିରୋଧ କରିବା ପାଇଁ ନବୀନ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ପରେ ମତ ବଦଳାଇ ନିଜ ବିବେକ ଅନୁସାରେ ଭୋଟ୍ ଦେବାକୁ କୁହାଗଲା। ଯାହାକୁ ନେଇ ବିବାଦ ବଢ଼ିଲା। ଦଳରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଲା। ଏପରିକି ଏପରି ନିର୍ଦ୍ଦେଶ ନବୀନ ନିଜେ ଦେଇଥିବା ନେଇ ସ୍ପଷ୍ଟ କଲେ ନାହିଁ। ଏହାପରେ ଅନୁଧ୍ୟାନ କରାଯିବ ବୋଲି ନବୀନ କହି ସନ୍ଦେହକୁ ଅଧିକ ଘନିଭୁତ କଲେ। ଯାହା ଫଳରେ ସମସ୍ତଙ୍କ ସନ୍ଦେହ ପାଣ୍ଡିଆନ୍‌ଙ୍କ ଆଡ଼କୁ ଗଲା। ବରିଷ୍ଠ ନେତାମାନେ ଏକାଠି ହୋଇ ବୈଠକ କଲେ। ଏବଂ ଅସନ୍ତୋଷ ବ୍ୟକ୍ତ କଲେ। ଯାହାକି ବିଜେଡିର 'ମିଡ୍‌ନାଇଟ୍ ଅପରେସନ୍' ପରେ ପ୍ରଥମ ମେଳି ହେଲା। ପ୍ୟାରୀ ମହାପାତ୍ର ଥିଲାବେଳେ ଏହି 'ମିଡ୍‌ନାଇଟ୍ ଅପରେସନ୍'ରେ ସବୁ ବରିଷ୍ଠ ନେତାମାନଙ୍କୁ ଏକାଠି କରିଥିଲେ। ଯାହାକୁ ନେଇ ସେତେବେଳେ ବହୁ ବିବାଦ ଦେଖାଦେଇଥିଲା। ଯାହାର ପରିଣତି ସମସ୍ତେ ଜାଣନ୍ତି। ଏବେ ପୁଣି ବରିଷ୍ଠ ନେତାମାନେ ଏକାଠି ହୋଇ ପାଣ୍ଡିଆନ୍‌ଙ୍କ ବିରୋଧରେ ବିଶୋଦ୍‌ଗାର କରିବା ଘଟଣାକୁ ନବୀନ ସହଜରେ ଗ୍ରହଣ କଲେ ନାହିଁ। ଏହି ବୈଠକରେ ବରିଷ୍ଠଠୁ କନିଷ୍ଠ ସମସ୍ତେ ନବୀନ ପଟ୍ଟନାୟକଙ୍କ ନେତୃତ୍ୱକୁ ସମର୍ଥନ ଦେଇଥିଲେ। ନବୀନଙ୍କ ସହ ରହିବେ ବୋଲି ଘୋଷଣା କରିଥିଲେ। ପାଣ୍ଡିଆନ୍‌ଙ୍କୁ ବିରୋଧ କରିଥିଲେ। ପାଣ୍ଡିଆନ୍ ହଟାଅ ନେଇ ଏକ ପ୍ରକାର ସ୍ୱର ଜୋରଦାର୍ ହୋଇଥିଲା। ଶେଷରେ ନବୀନ ଗଣମାଧ୍ୟମକୁ ଆସି ପାଣ୍ଡିଆନ୍‌ଙ୍କ ସୁରକ୍ଷା କବଚ ସାଜିଥିଲେ । ସେବେଠୁ ଜଣାପଡୁଥିଲା ନବୀନ କିଛି ପଦକ୍ଷେପ ନେବେ। ଯେଉଁ କେତେଜଣ ବରିଷ୍ଠ ସ୍ୱର ଉଠାଇଥିଲେ ସେମାନଙ୍କୁ ଦୂରେଇ ରଖିବେ। ସଭାପତି ହେବାପରେ ନବୀନ ଦଳ ପରିଚାଳନା ପାଇଁ ଯେଉଁ ସହଯୋଗୀମାନଙ୍କୁ ନେଲେ ସେଥିରୁ ପାଣ୍ଡିଆନ୍‌ଙ୍କ ବିରୋଧରେ ନେତାମାନଙ୍କୁ ବିଦା କଲେ। ପ୍ରଫୁଲ୍ଲ ମଲ୍ଲିକ, ଶଷିଭୂଷଣ ବେହାରା, ଭୁପିନ୍ଦର ସିଂ, ଦେବାଶିଷ ସମାନ୍ତରାୟ, ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ପ୍ରମୁଖଙ୍କୁ ଆଉ ସଂଗଠନରେ କୌଣସି କର୍ମକର୍ତ୍ତା ଭାବେ ନେଲେ ନାହିଁ। ଦଳରେ ୧୫ଜଣ ଉପସଭାପତି, ୨୦ଜଣ ବରିଷ୍ଠ ସାଧାରଣ ସମ୍ପାଦକ ଓ ୩୫ଜଣ ସାଧାରଣ ସମ୍ପାଦକ ୭୦ଜଣଙ୍କୁ ନେଇଥିଲେ ବି ଅସନ୍ତୁଷ୍ଟଙ୍କୁ ସ୍ଥାନ ଦେଲେ ନାହିଁ। ପାଣ୍ଡିଆନ୍‌ଙ୍କ ବିରୋଧରେ ଯେଉଁ ମେଳି ହୋଇଥିଲା ସେଥିରେ ରଣେନ୍ଦ୍ର ପତାପ ସ୍ୱାଇଁ ଯୋଗ ଦେଇନଥିଲେ। ହେଲେ ପଛୁଆ ବର୍ଗ ଓ ଅନୁସୂଚିତ ଜାତି ଓ ଜନଜାତିକୁ ଉପଯୁକ୍ତ ପ୍ରତିନିଧିତ୍ୱ ଦଳ ସଂଗଠନରେ ଦେବା ପାଇଁ ଚିଠି ଲେଖି ଥିବାରୁ ବିବାଦରେ ଫସିଥିଲେ। ପ୍ରଭାତ ତ୍ରିପାଠୀଙ୍କ ଉପରୁ ନିଲମ୍ବନ ପ୍ରତ୍ୟାହାର ହୋଇଥିଲେ ବି ସେ ଦଳରେ ନାହାଁନ୍ତି ବୋଲି ନବୀନ କହିଲେ। ତାଙ୍କ ପୁଅ ବର୍ତ୍ତମାନ ବିଧାୟକ ଥିଲେ ବି ଦଳରୁ ବାଦ୍ ପଡ଼ିଲେ। ଏହିପରିକି ଯେଉଁ ରାଜନୈତିକ ବ୍ୟାପାର କମିଟି ଗଠନ କଲେ ସେଥିରେ ବି ପ୍ରମୁଖ ବରିଷ୍ଠମାନଙ୍କୁ ସ୍ଥାନ ଦେଲେ ନାହିଁ। ଏପରିକି ବିଧାୟକ ଦଳର ଉପନେତା ଥିବା ବରିଷ୍ଠ ବିଧାୟକ ତଥା ନେତା ପ୍ରସନ୍ନ ଆଚାର୍ଯ୍ୟଙ୍କୁ ରାଜନୈତିକ ବ୍ୟାପାର କମିଟିରେ ସ୍ଥାନ ମିଳିଲା ନାହିଁ। ଏପରିକି ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲଙ୍କ ଭଳି ନେତାମାନେ ବି ସ୍ଥାନ ପାଇଲେ ନାହିଁ। ପ୍ରାୟ ୨୫ ବର୍ଷ ପରେ ଏହି କମିଟିର ପୁର୍ନଗଠନ ହୋଇଥିଲେ ବି ନବୀନ ନିଜ କବ୍ ?ଜାରେ ଏହାକୁ ରଖିବାକୁ ଚାହିଁଛନ୍ତି ବୋଲି କୁହାଯାଉଛି। ଏ ସବୁ ଘଟଣାକୁ ନେଇ ଏବେ ରାଜନୈତିକ ମହଲରେ ଏକ ଆଲୋଚନା ଚାଲିଛି ଯେ, ପାଣ୍ଡିଆନ୍ ବିଜେଡିରୁ ସନ୍ୟାସ ନେଲେ ବୋଲି ଘୋଷଣା କରିଥିଲେ ବି ବାସ୍ତବରେ ଦଳରେ ତାଙ୍କର ପ୍ରଭାବ ରହିଛି। ନବୀନ ପଟ୍ଟନାୟକ ତାଙ୍କ ଇଶାରାରେ ଚାଲୁଛନ୍ତି। ତାଙ୍କୁ ସେ କୌଣସି ଦୂରେଇ ଦେଇ ପାରିବେ ନାହିଁ। ଏ ଅଦୃଶ୍ୟ ଶକ୍ତି ଭାବରେ ନବୀନଙ୍କ ପାଖରେ ରହି କାର୍ଯ୍ୟ କରିବେ । ଏପରିକି ଆଲୋଚନା ହେଉଛି ଯେ ନବୀନଙ୍କ ଏହି କାର୍ଯ୍ୟଧାରାରୁ ଜଣାପଡ଼ିଲା ବିଜେଡିରେ ପ୍ରକୃତ ନେତା ହେଉଛନ୍ତି ପାଣ୍ଡିଆନ୍। ସେ ହିଁ ହେଉଛନ୍ତି ଦଳର ସର୍ବେସର୍ବା। ନବୀନ କେବଳ ନିମିତ ମାତ୍ର। ପାଣ୍ଡିଆନ୍ ଚାହିଁଲେ ଜଣେ ଦଳରେ ରହିବେ, ନବୀନ ଚାହିଁଲେ ନୁହେଁ।

# ଦୋକାନୀଙ୍କ ତୁଳନାରେ ଭେଣ୍ଡିଂଜୋନ୍ ସଂଖ୍ୟା କମ୍

## ବଢୁଛି ଉଠାଦୋକାନ, ସ୍ଥାୟୀ ସମାଧାନ ନାହିଁ



ଖଣ୍ଡଗିରି,୬/୫: ସହର ଦିନକୁ ଦିନ ବଢ଼ିବାରେ ଲାଗିଛି। ଏହାକୁ ତାଳଦେଇ ଭୁବନେଶ୍ୱର ଉପକଣ୍ଠରେ ଆପାର୍ଟମେଣ୍ଟ, ଶିକ୍ଷାନୁଷ୍ଠାନ, ମେଡିକାଲ୍ ଗଢ଼ି ଉଠିଲାଣି। ପାତ୍ରପଡ଼ା, କଳିଙ୍ଗନଗର ଆଦି ଅଞ୍ଚଳରେ ଲୋକଙ୍କ ଆବଶ୍ୟକତାକୁ ମେଣ୍ଟାଇବାକୁ ଯାଇ ଗୋଟିକ ପରେ ଗୋଟିଏ ଗଢ଼ିଉଠୁଛି ଉଠାଦୋକାନ। ରାସ୍ତାକଡ଼ରେ ଥିବା ଖାଲି ସରକାରୀ ଜମିରେ କ୍ୟାବିନ୍‌ଟିଏ ପକାଇ ଆରମ୍ଭ ହୋଇଯାଉଛି ବ୍ୟବସାୟ। ଏହାରି ଭିତରେ ଉଠାଦୋକାନୀମାନଙ୍କୁ ବାରମ୍ବାର ପ୍ରଶାସନ ପକ୍ଷରୁ ଉଚ୍ଛେଦର ମଧ୍ୟ ସମ୍ମୁଖୀନ ହେବାକୁ ପଡୁଛି। କିଛି ଦିନ ପରେ ପୁଣି କ୍ୟାବିନ୍ ଖୋଲିଯାଉଛି। ହେଲେ ଏହାର କୌଣସି ସ୍ଥାୟୀ ସମାଧାନ କରାଯାଉ ନାହିଁ। ଉଲ୍ଲେଖଯୋଗ୍ୟ, ଡୁମୁଡୁମାଠାରୁ ଡିଏନ୍ ରିଗାଲିଆ ଏବଂ କଳିଙ୍ଗନଗର ପ୍ରବେଶପଥଠାରୁ କୋଳଥିଆ ଛକ ପର୍ଯ୍ୟନ୍ତ ୭୫ରୁ ଅଧିକ ଉଠାଦୋକାନ ରହିଛି। ଅନୁରୂପ ଭାବେ ଜାତୀୟ ରାଜପଥରୁ ଏମ୍‌ସ ରାସ୍ତା ମଧ୍ୟରେ ୩୦ରୁ ଅଧିକ ଉଠାଦୋକାନ ଅଛି। କିଛି ସ୍ଥାନରେ ସରକାରୀ ଜମିରେ ସ୍ଥାୟୀ ନିର୍ମାଣ ମଧ୍ୟ ହୋଇଛି। ଦୋକାନ ପାଇଁ କିଛି ସ୍ଥାନରେ ଗଛ ମଧ୍ୟ କଟାଯାଉଛି। ଏହି ସମସ୍ୟାକୁ ଏଡ଼ାଇବା ପାଇଁ ଉଠାଦୋକାନୀଙ୍କୁ ଥଇଥାନ କରିବା ଲାଗି ବିଏମ୍‌ସି ପକ୍ଷରୁ ଭେଣ୍ଡିଂଜୋନ୍ କରାଯାଉଛି। ତେବେ ଉଠାଦୋକାନୀଙ୍କ ତୁଳନାରେ ଭେଣ୍ଡିଂଜୋନ୍ ସଂଖ୍ୟା ବହୁତ କମ୍। ଫଳରେ ଏମାନେ ବାଧ୍ୟ ହୋଇ ରାସ୍ତାକଡ଼ରେ ବ୍ୟବସାୟ କରୁଛନ୍ତି। ଗ୍ରାହକମାନେ ରାସ୍ତା ଉପରେ ଗାଡ଼ି ପାର୍କ କରିବା ଫଳରେ ସ୍ଥାନୀୟ ଅଞ୍ଚଳରେ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେଉଛି। ସେହିପରି ୱେଲକମ୍ ହୋଟେଲ ନିକଟରେ ପରିବା ଦୋକାନୀଙ୍କ ପାଇଁ କ୍ୟାନୋପି ନିର୍ମାଣ ହୋଇଥିଲେ ମଧ୍ୟ ଏହା ଏପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ହୋଇନାହିଁ। ଏସମ୍ପର୍କରେ ପୂର୍ବରୁ ବିଏମ୍‌ସି ବୈଠକରେ ୪୯ନମ୍ବର ୱାର୍ଡ କର୍ପୋରେଟର ସଞ୍ଜୁକ୍ତା ସୁନ୍ଦରାୟ ଉଠାଦୋକାନୀମାନଙ୍କ ଥଇଥାନ ଲାଗି ପ୍ରଶ୍ନ କରିଥିଲେ। ଶନିମନ୍ଦିର ପାର୍ଶ୍ୱ ଓ ଆଲୁଗଦି ନିକଟରେ ବିଏମ୍‌ସି ପକ୍ଷରୁ ସ୍ଥାନ ନିରୂପଣ କରାଯାଇ ଭେଣ୍ଡିଂଜୋନ୍ ନିର୍ମାଣ ଲାଗି ପ୍ରସ୍ତାବ ଦେଇଥିଲେ। ତେବେ ଏହି ସ୍ଥାନରେ ନେବରହୁଡ୍ ମାର୍କେଟ୍ ନିର୍ମାଣ ଲାଗି ବିଏମ୍‌ସି ପକ୍ଷରୁ ଆଞ୍ଚଳିକ ଅଧିକାରୀ ଓ ନିର୍ବାହୀଯନ୍ତ୍ରୀଙ୍କୁ ସ୍ଥିତି ଅନୁଧ୍ୟାନ ଲାଗି ନିର୍ଦ୍ଦେଶ ଦିଆଯାଇଛି। ରିପୋର୍ଟ ମିଳିବା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି।

# କେବେ ଲେଖାହେବ ଓଡିଶା ?

ଭୁବନେଶ୍ୱର,୬/୫: ଦୀର୍ଘବର୍ଷର ଦାବି ପରେ ୨୦୧୧ ମସିହାରେ 'ଓରିଶା'ର ନାମ 'ଓଡ଼ିଶା'କୁ ସାମ୍ବିଧାନିକ ବ୍ୟବସ୍ଥା ଅନୁଯାୟୀ ପରିବର୍ତ୍ତିତ ହୋଇଥିଲେ ମଧ୍ୟ ଏଯାବତ୍ କଟକରେ ଥିବା ଓଡ଼ିଶା ହାଇକୋର୍ଟର ନାମ କିନ୍ତୁ ପୂର୍ବଭଳି ଓରିଶା ରହିଛି । ହାଇକୋର୍ଟଙ୍କ ସହ ଆଲୋଚନା କରି ରାଜ୍ୟ ସରକାର ଏ ସଂକ୍ରାନ୍ତରେ କେନ୍ଦ୍ର ସରକାରଙ୍କ ସହ ଯୋଗଯୋଗ କରିବାକୁ ମତ ପ୍ରକାଶ ପାଉଛି । ୧୯୩୬ ଏପ୍ରିଲ ପହିଲାରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପୂର୍ବରୁ ବ୍ରିଟିଶ ସରକାର ଆମ ରାଜ୍ୟକୁ ବଙ୍ଗ, ବିହାର, ମଧ୍ୟପ୍ରଦେଶ ଓ ମାଡ୍ରାସ ପ୍ରେସିଡେନ୍ସିରେ ବାଣ୍ଟି ରଖିଥିଲେ । ସେତେବେଳେ ବି ବିହାର-ଓରିଶା ବୋଲି କୁହାଯାଉଥିଲା । ସ୍ୱତନ୍ତ୍ର ପ୍ରଦେଶ ଗଠନ ବେଳେ ଆମ ରାଜ୍ୟରେ ନାମ ଇଂରାଜୀରେ ଓରିଶା ଓ ଓଡ଼ିଆ ଭାଷାକୁ ଓରିଆ ବୋଲି ସରକାରୀ ଦସ୍ତାବିଜରେ ଦର୍ଶାଯାଇଥିଲା । ପରବର୍ତ୍ତୀ ସମୟରେ ଓଡ଼ିଶାରେ ହାଇକୋର୍ଟ ସ୍ଥାପନ ହେବା ପରେ ଏହାର ନାମ ବି ଇଂରାଜୀରେ ହାଇକୋର୍ଟ ଅଫ୍ ଓରିଶା ବୋଲି ଉଲ୍ଲେଖ କରାଯାଇଥିଲା । ଦୀର୍ଘବର୍ଷର ଲଗାତାର ଦାବି ପରେ ୨୦୦୮ର ଓଡ଼ିଶା ବିଧାନସଭାରେ ଏକ ସର୍ବସମ୍ମତ ପ୍ରସ୍ତାବ ପାରିତ କରାଯାଇ ଆମ ରାଜ୍ୟର ନାମ ଇଂରାଜୀରେ ଓରିଶା ପରିବର୍ତ୍ତେ ଓଡ଼ିଶା ଓ ଭାଷାର ନାମ ଓରିଆ ପରିବର୍ତ୍ତେ ଓଡ଼ିଆ ରଖିବାକୁ ନିଷ୍ପତ୍ତି ହୋଇଥିଲା । ଏ ସଂକ୍ରାନ୍ତରେ ରାଜ୍ୟ ସରକାର କେନ୍ଦ୍ରକୁ ଅବହିତ କରାଇଥିଲେ । ୨୦୧୦ ମସିହାରେ ବିଧିବଦ୍ଧ ଭାବେ ସଂସଦରେ ଏହି ପ୍ରସ୍ତାବ ଆସିଥିଲା । ୨୦୧୧ ମାର୍ଚ୍ଚ ମାସରେ ରାଜ୍ୟସଭା ଲୋକସଭାରେ ପାରିତ ଏହି ପ୍ରସ୍ତାବକୁ ମଞ୍ଜୁରୀ ଦେବା ପରେ ରାଷ୍ଟ୍ରପତି ଏହି ସଂଶୋଧନ ବିଲ୍‌କୁ ସ୍ୱୀକୃତି ଦେଇଥିଲେ । ଫଳରେ ୨୦୧୧ ନଭେମ୍ବର ପହିଲାରୁ ସାମ୍ବିଧାନିକ ବିଧିବ୍ୟବସ୍ଥା ମୁତାବକ ଓରିଶା ନାମ ବଦଳି ଓଡ଼ିଶା ଏବଂ ଓରିଆ ନାମ ବଦଳି ଓଡ଼ିଆ ହୋଇଥିଲା । ଏ ସଂକ୍ରାନ୍ତରେ କେନ୍ଦ୍ର ସରକାର ବିଧିବଦ୍ଧ ଗେଜେଟ୍ ? ବିଜ୍ଞପ୍ତି ପ୍ରକାଶ କରିବା ପରେ ଓଡ଼ିଶା ସରକାର ମଧ୍ୟ ବିଜ୍ଞପ୍ତି ଜାରି କରିଥିଲେ । ସେବେଠାରୁ ରାଜ୍ୟ ସରକାରଙ୍କ ସମସ୍ତ ଦପ୍ତର ଓରିଶା ପରିବର୍ତ୍ତେ ଓଡ଼ିଶା ବ୍ୟବହାର କରିଆସୁଛନ୍ତି । ଏମିତିକି ମୋଟରଗାଡ଼ି ରେଜିଷ୍ଟ୍ରେସନ୍ ପାଇଁ ଥିବା ଓଆର ପରିବର୍ତ୍ତେ ଓଡି ବ୍ୟବହୃତ ହେଉଛି । ତେବେ ରାଜ୍ୟ ସରକାର ଜାରି କରିଥିବା ବିଜ୍ଞପ୍ତି ଆଧାରରେ ହାଇକୋର୍ଟ ଅଫ୍ ଓରିଶାର ନାମ କିନ୍ତୁ ଓଡ଼ିଶାକୁ ବଦଳି ପାରିବ ନାହିଁ । ଏଥିପାଇଁ ଥିବା ସାମ୍ବିଧାନିକ ବ୍ୟବସ୍ଥା ମୁତାବକ ହାଇକୋର୍ଟଙ୍କ ସହ ଆଲୋଚନା କରି ରାଜ୍ୟ ସରକାର କେନ୍ଦ୍ରକୁ ବିଧିବଦ୍ଧ ପ୍ରସ୍ତାବ ପଠାଇବା କଥା ଏବଂ ତାହା ଉପରେ ସୁପ୍ରିମକୋର୍ଟଙ୍କ ଅନୁମୋଦନ ମିଳିବା ପରେ ରାଷ୍ଟ୍ରପତିଙ୍କ ସ୍ୱୀକୃତି ଲାଭ କଲେ ଯାଇ ଆମ ହାଇକୋର୍ଟର ନାମରୁ ଓରିଶା ସଂଶୋଧିତ ହୋଇ ଓଡ଼ିଶା ହୋଇପାରିବ ବୋଲି ଆଇନ୍‌ଜୀବୀମାନେ କହୁଛନ୍ତି । ୨୦୧୧ରୁ ଏଯାବତ୍ କିନ୍ତୁ ହାଇକୋର୍ଟଙ୍କ ନାମ ପରିବର୍ତ୍ତନ ପ୍ରକ୍ରିୟା ଚୂଡ଼ାନ୍ତ ହୋଇପାରି ନାହିଁ । ତେଣୁ ଆମ ରାଜ୍ୟ ହାଇକୋର୍ଟଙ୍କ ନାମ ଫଳକ ଠାରୁ ଆରମ୍ଭ କରି ବିଚାରପତିମାନଙ୍କ ରାୟ ଓ ନିର୍ଦ୍ଦେଶ ଆଦିରେ ହାଇକୋର୍ଟ ଅଫ ଓରିଶା ବୋଲି ଉଲ୍ଲେଖ ରହୁଛି । ହାଇକୋର୍ଟରେ ଯେତେ ମାମଲା ରୁଜୁ ହେଉଛି ସେଥିରେ ବି ସରକାରୀ ଓ ବେସରକାରୀ ପକ୍ଷ ଓରିଶା ଲେଖିବାକୁ ବାଧ୍ୟ ହେଉଛନ୍ତି । ଏମିତିକି ଆମ ହାଇକୋର୍ଟର ମୁଖ୍ୟ ବିଚାରପତି ଓ ବିଚାରପତିମାନଙ୍କ ନିଯୁକ୍ତି ପତ୍ରରେ ବି ଓରିଶା ଶବ୍ଦ ବ୍ୟବହୃତ ହେଉଛି । କେବଳ ସେତିକି ନୁହେଁ, ଆମ ହାଇକୋର୍ଟର ଯେଉଁ ରାୟ ସବୁ ବିଭିନ୍ନ ଆଇନ୍ ପତ୍ରିକାରେ ପ୍ରକାଶ ପାଉଛି ସେଥିରେ ବି ହାଇକୋର୍ଟ ଅଫ୍ ଓରିଶା ଲେଖାଯାଉଛି ।

# ବିପର୍ଯ୍ୟସ୍ତ ଅବସ୍ଥାରେ ଖାରବେଳନଗର ଆହାର କେନ୍ଦ୍ର: ଟ୍ୟାପ୍‌ରେ ପାଣି ଆସୁନି, ଶୌଚାଳୟରେ ତାଲା

ଭୁବନେଶ୍ୱର,୬/୫: ରାଜଧାନୀର ସବୁଠୁ ଜନବହୁଳ ଅଞ୍ଚଳ ଖାରବେଳନଗରରେ ଥିବା ଆହାର କେନ୍ଦ୍ରଟି ବିପର୍ଯ୍ୟସ୍ତ ଅବସ୍ଥାରେ ଗତି କରୁଛି। ଏଠାକୁ ଖାଇବାକୁ ଆସୁଥିବା ଲୋକଙ୍କ ପାଇଁ ମୌଳିକ ସୁବିଧା ବି ଠିକ୍ ଭାବେ ଉପଲବ୍ଧ ହୋଇପାରୁନି। ହାତ ଧୋଇବାକୁ ଟ୍ୟାପ୍‌ରେ ପାଣି ଆସୁନି। ଅଧା ଟ୍ୟାପ୍ ୧୦ ମାସ ହେଲାଣି ଭାଙ୍ଗିଥିଲେ ସୁଦ୍ଧା ସଜଡ଼ା ଯାଉନାହିଁ। ଏପରିକି ପିଇବା ପାଇଁ ଥିବା ୱାଟର କିଓସ୍କର ଗୋଟିଏ ଟ୍ୟାପ୍ ଭାଙ୍ଗିଯାଇଥିବା ବେଳେ ଅନ୍ୟଟିରେ ପୂରା ଧୀରେ ପାଣି ଆସୁଛି। ଫଳସ୍ୱରୂପ ଥଣ୍ଡା ପାଣି ପିଇବାକୁ ଲୋକ ହଇରାଣରେ ପଡୁଛନ୍ତି। ପୁଣି କିଛି ଶୌଚାଳୟରେ ତାଲା ଝୁଲୁଥିବା ବେଳେ ଯେଉଁଟା ଅଛି ତା'ର କବାଟ ଭାଙ୍ଗି ଯାଇଛି। ଏପରିକି ଶୌଚାଳୟ ଓ ଆହାର କେନ୍ଦ୍ର ଭିତର, ପାର୍କିଂ ସ୍ଥାନ ପାଲଟିଛି। କେନ୍ଦ୍ର ପରିସରରେ ଲାଗିଥିବା ଟିଭି ଅଚଳ ପଡ଼ିଛି। ପୁଣି କୀଟ ପ୍ରତିରୋଧକ ଯନ୍ତ୍ର ଓ ସିସି କ୍ୟାମେରା ମଧ୍ୟ ଅଚଳ ହୋଇଯାଇଛି। କେବଳ ସେତିକି ନୁହେଁ ଆହାର କେନ୍ଦ୍ର ଗଳିରେ ପ୍ରବେଶ କରିବା ପୂର୍ବରୁ ଆବର୍ଜନାର ଦୁର୍ଗନ୍ଧ ସ୍ୱାଗତ କରୁଛି। ମାତ୍ର ୫ଟଙ୍କାରେ ଖାଦ୍ୟ ମିଳୁଥିବାରୁ ଏହି ଆହାର କେନ୍ଦ୍ରରେ ପ୍ରତିଦିନ ସାଧାରଣ ଲୋକଙ୍କ ଠାରୁ ଆରମ୍ଭ କରି ଦିନମଜୁରିଆ, ଶ୍ରମିକ, ରିକ୍ସାବାଲା ସମେତ ସରକାରୀ ତଥା ବେସରକାରୀ ଅଫିସରେ କାମ କରୁଥିବା କର୍ମଚାରୀମାନେ ଭିଡ଼ ଲଗାଉଛନ୍ତି। ହେଲେ ଏଠାରେ ଦେଖାଯାଉଥିବା ବ୍ୟାପକ ଅବ୍ୟବସ୍ଥା ଲୋକଙ୍କୁ ହଇରାଣରେ ପକାଉଛି। ଏହି କେନ୍ଦ୍ରରେ ରାଧିକା ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ୧୦ ଜଣ ମହିଳା କାର୍ଯ୍ୟ କରୁଛନ୍ତି। ଆହାର କେନ୍ଦ୍ରରେ ପ୍ରାୟ ୧୦ମାସ ହେଲାଣି ଡିସ୍ ୱାସର ନଥିବାରୁ ପରିଚାଳନା ଦାୟିତ୍ୱରେ ଥିବା ମହିଳାମାନେ ଥାଳିଗୁଡ଼ିକୁ ହାତରେ ଧୋଉଛନ୍ତି। ଥାଳିଗୁଡ଼ିକୁ ଗରମ ପାଣିରେ ଧୋଇବାର ନିୟମ ରହିଥିଲେ ସୁଦ୍ଧା ମହିଳାମାନେ ଡିଟରଜେଣ୍ଟ ବ୍ୟବହାର କରିବାକୁ ବାଧ୍ୟ ହେଉଛନ୍ତି। ଏପରିକି ଭିଡ଼ ଅଧିକ ଥିଲେ ଖାଲି ପାଣିରେ ଥାଳି ଧୁଆ ହୋଇ ଲୋକଙ୍କୁ ଖାଇବା ପାଇଁ ଦିଆଯାଉଛି। ଗୋଷ୍ଠୀର ସଦସ୍ୟାମାନେ ଏନେଇ ବାରମ୍ବାର ଅଭିଯୋଗ କରିଥିଲେ ସୁଦ୍ଧା କୌଣସି ପଦକ୍ଷେପ ନିଆଯାଇନାହିଁ। ତେବେ ଏ ସଂକ୍ରାନ୍ତରେ କର୍ପୋରେଟର କବିତା ସ୍ୱାଇଁ କହିଛନ୍ତି, ସେ ଏସବୁ ସମସ୍ୟା ବିଷୟରେ ମେୟରଙ୍କ ସହ ଆଲୋଚନା କରିଛନ୍ତି। ତୁରନ୍ତ କାର୍ଯ୍ୟକ୍ଷମ ହେବା ନେଇ ସେ ଆଶା କରିଛନ୍ତି।

# ସଂପାଦକୀୟ

## ନିଯୁକ୍ତି ସୁଯୋଗ ସୃଷ୍ଟି କରାଯାଉ

କରୋନା କାଳରେ ମଧ୍ୟ ଦେଶର ବିକାଶ ହାର ସାଢ଼େ ଦଶ ପ୍ରତିଶତ ଉପରେ ରହିପାରେ ବୋଲି ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ନିଜର ଅପ୍ରେଲ ତ୍ରୈମାସିକ ଆର୍ଥିକ ନୀତି ସମୀକ୍ଷା ପରେ କହିଥିଲେ। ସଂକ୍ରମଣ ବୃଦ୍ଧି ସହିତ ଦେଶର ଅଧିକାଂଶ ରାଜ୍ୟରେ ଆଶିଂକ ଲକ୍‌ଡାଉନ ଲାଗିଥିବା ବେଳେ ସରକାର ଆର୍ଥିକ କାରବାର ଚଳାଇ ରଖିବା ଲାଗି ବ୍ୟବସ୍ଥା ଘୋଷଣା କରିଛନ୍ତି। ଦେଶର କର୍ପୋରେଟ ପ୍ରତିନିଧି କନଫେଡେରେସନ ଅଫ୍ ଇଣ୍ଡିଆନ ଇଣ୍ଡଷ୍ଟ୍ରି ପକ୍ଷରୁ ଦେଶର ୧୫୦ ଟପ୍ ସିଇଓ ମାନଙ୍କର ଏକ ସର୍ଭେ ହୋଇଥିଲା। କରୋନାର ଦ୍ୱିତୀୟ ଲହର ବେଳେ ବ୍ୟବସାୟ ଓ ଉଦ୍ୟୋଗ ସେଭଳି ପ୍ରଭାବିତ ହୋଇନି ବୋଲି ସେମାନେ ମତ ଦେଇଥିଲେ। ତେବେ ମୁଦ୍ରାସ୍ଫୀତି ବୃଦ୍ଧି ଓ ଜିଡ଼ିପି ତଳକୁ ଯିବା ନେଇ ସେମାନେ ଭିନ୍ନ ଭିନ୍ନ ମତ ଦେଇଥିଲେ। ବର୍ତ୍ତମାନ ପେଟ୍ରୋଲ ଓ ଡିଜେଲ ଦର ଲଗାତାର ବଢ଼ିବାରେ ଲାଗିଛି। ଏହାକୁ ତାଳ ଦେଇ ମୁଦ୍ରାସ୍ଫୀତି ମଧ୍ୟ ବଢୁଛି। ଲୋକଙ୍କ ମଧ୍ୟରେ ତ୍ରାହି ତ୍ରାହି ଡାକ। ଦରଦାମ କମିବାର ନାଁ ଗନ୍ଧ ନାହିଁ। କେଉଁଠି ଥମିବ କେହି କହିପାରୁନାହାନ୍ତି। କରୋନା ଯୋଗୁ କୋଟି କୋଟି ଲୋକ ରୋଜଗାର ହରାଇ ଆଜି ବେକାର। ସେହିପରି ସରକାରୀ କର୍ମଚାରୀଙ୍କର ବେତନ କଟାଯାଉଛି। ଘରୋଇ କମଚାରୀଙ୍କ କଥା କିଏ ପଚାରେ। ସେମାନେ ଯେଉଁ ଦୟନୀୟ ସ୍ଥିତିରେ ରହିଛନ୍ତି ସେକଥା ସେମାନେ ହିଁ କହିପାରିବେ। କରୋନା ସଂକ୍ରମଣ ଯୋଗୁ କୋଟି କୋଟି ଲଘୁ , ସୂକ୍ଷ୍ମ ଓ ମଧ୍ୟମ ଉଦ୍ୟୋଗ ହୁଏତ ବନ୍ଦ ହୋଇଗଲାଣି ଅଥବା ବନ୍ଦ ହେବା ସ୍ଥିତିରେ ଆସି ପହଞ୍ଚିଗଲାଣି। ଯଦିଓ ବ୍ୟାଙ୍କରୁ ପୁଣି ଋଣ ନେଇ ନିଜର ଉଦ୍ୟୋଗକୁ ପୁନରୁଜ୍ଜୀବିତ କରିବା ଲାଗି କେନ୍ଦ୍ର ସରକାର ଆର୍ଥିକ ପ୍ୟାକେଜ ଘୋଷଣା କରିଛନ୍ତି ସତ କିନ୍ତୁ ଋଣ ନେବାକୁ କେହି ମଗୁଁ ନାହାନ୍ତି, କି ବ୍ୟାଙ୍କଗୁଡ଼ିକ ଋଣ ଦେବାକୁ ଟାଳଟୁଳ ନୀତି ଅବଲମ୍ବନ କରୁଛନ୍ତି। କାରଣ କରୋନାର ଅନିଶ୍ଚିତତା ଭିତରେ ବକେୟା ଋଣ ଅର୍ଥ ଫେରିପାରିବା ନେଇ ବ୍ୟାଙ୍କଗୁଡ଼ିକ ସନ୍ଦିହାନ ଅଛନ୍ତି। ସୁଧ ହାର ସର୍ବନିମ୍ନ ସ୍ତରରେ ଥିଲେ ମଧ୍ୟ ବ୍ୟବସାୟୀମାନେ ଋଣ ନେବାକୁ ଆଗ୍ରହ ଦେଖାଉ ନ ଥିବାରୁ କ୍ଷୁଦ୍ର, ଲଘୁ ଓ ମଧ୍ୟମ ଉଦ୍ୟୋଗ ଚାଲୁ ହେବା ନେଇ ଅନିଶ୍ଚିତତା ଲାଗି ରହିଛି। କରୋନାକୁ ନେଇ ସମସ୍ତଙ୍କ ମନରେ ଆଶଙ୍କା ରହିଛି। ଏହା କେବେ ଶେଷ ହେବ କେହି କହିପାରୁନାହାନ୍ତି। ଏପରି ସ୍ଥିତିରେ ଋଣ ନେଇ ବେପାର ବଢ଼ାଇବାର ରିସ୍କ ବା ବିପଦ ମୁଣ୍ଡାଇବାକୁ ବ୍ୟବସାୟୀମାନେ ପଛଘୁଞ୍ଚା ଦେଉଛନ୍ତି। ଏଭଳି ଏକ ପରିବେଶ ଭିତରେ ରିଜର୍ଭ ବ୍ୟାଙ୍କର ଆକଳନ ନେଇ ସନ୍ଦେହ ଉପୁଜିବା ସ୍ୱାଭାବିକ। ତେବେ ଆର୍ଥିକ ସମାବେଶ ଉପରେ ଭରସା କରି ଆର୍‌ବିଆଇ ଏଭଳି ଆକଳନ କରିଥିବା ମନେ ହେଉଛି। ଗତ କିଛି ବର୍ଷ ମଧ୍ୟରେ ଦେଶରେ ବାଣିଜ୍ୟିକ, ବ୍ୟବସାୟିକ ଅସମାନତା ଦେଖାଯାଉଛି। କେତେକ ଉଦ୍ୟୋଗ ପରିବାର ଦିନକୁ ଦିନ ନିଜର ସମ୍ପତ୍ତି ବଢ଼ାଇ ଚାଲୁଥିବା ବେଳେ କେତେକ ଉଦ୍ୟୋଗ ନିଜର ଅସ୍ତିତ୍ୱ ବଞ୍ଚାଇବାକୁ ସଂଘର୍ଷ କରୁଛି। ସେହିପରି ଇଣ୍ଟରନେଟ ଜରିଆରେ ଦେଶବିଦେଶର ବହୁ କମ୍ପାନୀ କରୋନା କାଳରେ ବେଶ ଫାଇଦା ମାରିନେଇଛନ୍ତି। ସେହିପରି ବିକ୍ରି କ୍ଷେତ୍ରରେ ବହୁ ଅନୀୟମିତତା ଦେଖାଯାଇଛି। ଏହି କାରଣରୁ ବ୍ୟବସାୟିକ କ୍ଷେତ୍ରରେ କାରବାରରେ ଅସନ୍ତୁଳ ସୃଷ୍ଟି ହୋଇଛି। ଏହାକୁ ଆର୍‌ବିଆଇ କିପରି ସନ୍ତୁଳନ କରିବ ଦେଖିବାକୁ ହେବ। ଏବେ ଚାହିଦା କମିଯାଇଛି ବୋଲି ଆର୍‌ବିଆଇ ସ୍ୱୀକାର କରିଛି। ଏହାର ପ୍ରଭାବ ଉତ୍ପାଦନ ଉପରେ ପଡିବ ଏହା ସ୍ୱତଃସିଦ୍ଧ କଥା। ବଜାରକୁ ଗତିଶୀଳ କରିବା ବର୍ତ୍ତମାନ ସମୟର ଆବଶ୍ୟକତା। ଅର୍ଥବ୍ୟବସ୍ଥା ସେତେବେଳେ ଦୃଢ଼ ହେବ ଯେତେବେଳେ ଲୋକଙ୍କ କ୍ରୟଶକ୍ତି ବଢ଼ିବ ଓ ରୋଜଗାର ଅଧିକମାତ୍ରାରେ ସୃଷ୍ଟି ହେବ। ବର୍ତ୍ତମାନ ସ୍ଥିତି ଏଭଳି ଅବସ୍ଥାରେ ପହଞ୍ଚିଯେ ଉଦ୍ୟୋଗ, ଶିଳ୍ପ ସଂସ୍ଥାଗୁଡ଼ିକରେ ନୂଆ ନିଯୁକ୍ତି ସମ୍ପୂର୍ଣ୍ଣ ବନ୍ଦ କରାଯାଇଛି। ପୁରୁଣା ଯେତିକି ଅଛି ସେଥିରୁ ମଧ୍ୟ ଛଟେଇ କରିଦିଆଯାଉଛି। ଫଳରେ ଲୋକଙ୍କର ଆୟ କମିଯାଇଛି ଅଥବା ନାହିଁ କହିଲେ ଚଳେ। ନିଜର ଗୁଜରାଣ ମେଣ୍ଟାଇବାକୁ ଯାଇ ଚାକରି ହରାଇଥିବା ବ୍ୟକ୍ତି ଅନ୍ୟ କାମ କରିବାକୁ ବାଧ୍ୟ ହେଉଛି। ଏଭଳି ସ୍ଥିତିରେ ଲୋକଙ୍କ ନିକଟରେ ଅର୍ଥର ଘୋର ଅଭାବ ଦେଖାଦେଉଛି। ସେମାନେ ଏହି କାରଣରୁ ନିଜର ଖର୍ଚ୍ଚ କମାଇବାରେ ଲାଗିଛନ୍ତି। ଏଭଳି ସ୍ଥିତିରେ ବଡ଼ ପୁଞ୍ଜିପତି ମାନେ ନିଜ ଉଦ୍ୟୋଗରେ ନୂଆ ନିଯୁକ୍ତି କରିବାକୁ ହେବ। ଏହା ହେଲେ ଲଘୁ, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପରେ ମଧ୍ୟ ଅଧିକ ନିଯୁକ୍ତି ସୃଷ୍ଟି ହେବ। ଫଳରେ ଲୋକଙ୍କ ନିକଟରେ ଖର୍ଚ୍ଚ କରିବା ଯୋଗ୍ୟ ଅର୍ଥ ଆସିବ ଏବଂ ଲୋକଙ୍କ କ୍ରୟଶକ୍ତି ବଢ଼ିଲେ ଉତ୍ପାଦନ ବଢ଼ିବ ଏବଂ ଦେଶର ଅର୍ଥନୀତି ଗତିଶୀଳ ହୋଇପାରିବ। ଅର୍ଥନୀତିର ଏହି ଶୃଙ୍ଖଳକୁ ପୁଣି ଆରମ୍ଭ କରାଯାଇପାରିବେ ତେବେ ଯାଇ ଦେଶର ଅର୍ଥବ୍ୟବସ୍ଥା ପୁଣି ଗତିଶୀଳ ହେବ।

# କୃତ୍ରିମ ଅମରତ୍ୱ: ମନୁଷ୍ୟ ୧୫୦ ବର୍ଷ ଯାଏ ବଂଚିପାରିବ

**ବିପିନ୍ ବିହାରୀ ରାଉତ**

ଯଦି ଆମେ ୮୦ ବର୍ଷ ବୟସରେ ଜନ୍ମଧାରଣ କରି ଧୀରେ ଧୀରେ ୧୮ ବର୍ଷ ଆଡ଼କୁ ଗତି କରିବା, ତେବେ ଜୀବନ ଅନିର୍ଦ୍ଦିଷ୍ଟ କାଳ ଯାଏ ସୁଖଶୀଳ ହୋଇ ରହିପାରିବ ବୋଲି ଆମେରିକାର ଖ୍ୟାତନାମା ସାହିତ୍ୟିକ ମାର୍କ ଟ୍ୱେନ୍ ଦେଇଥିବା ବକ୍ତବ୍ୟ ଯୁଗେ ଯୁଗେ ଏକ ପରିକଳ୍ପନା ହୋଇ ରହିଆସିଛି। ତାହାକୁ ଭିତି କରି ଆମ ମନୁଷ୍ୟ ସମାଜ ଯୁବସୁଲଭ ଠାଣିରେ ଅମର ହୋଇ ବଂଚି ରହିବାର ବାସ୍ତବ ରୂପରେଖ ଶତାବ୍ଦୀ ଶତାବ୍ଦୀ ଧରି ଖୋଜି ଚାଲିଛି। ତେବେ ମନୁଷ୍ୟ ବାସ୍ତବରେ ସର୍ବାଧିକ କେତେ ଦିନ ଯାଏ ବଂଚିପାରିବ, ତାହାର ଉତର ବାହାର କରିବାକୁ ସିଙ୍ଗାପୁରର କିଛି ଗବେଷକ ସେମାନଙ୍କର ଅନୁଧାନ ଜାରି ରଖିଛନ୍ତି। ଏ ପରିପ୍ରେକ୍ଷୀରେ ମନୁଷ୍ୟ ୧୨୦ରୁ ୧୫୦ ବର୍ଷ ଯାଏ ଜୀବନ ଧାରଣ କରିପାରିବ ବୋଲି ଜିରୋ ନାମକ ଜୈବପ୍ରଯୁକ୍ତି କମ୍ପାନୀର ଏହି ଗବେଷକମାନେ କହିଛନ୍ତି। ନେଚର କମ୍ୟୁନିକେସନ ନାମକ ପତ୍ରିକାରେ ପ୍ରକାଶିତ ସେମାନଙ୍କର ରିପୋର୍ଟ ଅନୁଯାୟୀ, ମୃତ୍ୟୁ ଜୀବନର ଏକ ଅନ୍ତର୍ଭୁକ୍ତ ବା ସ୍ୱାଭାବିକ ଜୈବ ଗୁଣ ଯାହା ବିଭିନ୍ନ ଚାପ ଉପରେ ନିର୍ଭର କରିନଥାଏ। ଆମେରିକା, ରୁଷିଆ ଓ ବ୍ରିଟେନର ବିଭିନ୍ନ ଗୋଷ୍ଠୀର ସ୍ୱାସ୍ଥ୍ୟ ସଂକ୍ରାନ୍ତ ତଥ୍ୟାବଳୀକୁ ତର୍ଜମା କରି ସେମାନେ ଏପରି ନିର୍ଯାସ ପାଇପାରିଛନ୍ତି। ଲୋକେ ପ୍ରତ୍ୟହ ନେଉଥିବା ବିଭିନ୍ନ ପଦକ୍ଷେପ ସାଙ୍ଗକୁ ସେମାନଙ୍କ ରକ୍ତକଣିକା ସଂଖ୍ୟାରେ ସଂଘଟିତ ପରିବର୍ତନକୁ ସେମାନେ ପୁଙ୍ଖାନୁପୁଙ୍ଖ ଅନୁଧ୍ୟାନ କରିଥିଲେ। ମନୁଷ୍ୟର ବୟସ ବଢ଼ିବା ଦ୍ୱାରା ଏପରି ସାର୍ବଜନୀନ ଉପାଦାନ ପ୍ରଦର୍ଶନ କରିଥାଏ ଯାହା ବିଘଟନ ପାଇଁ କାର୍ଯ୍ୟ କରୁଥିବା ଜଟିଳ ପ୍ରକ୍ରିୟା ସହ ସମତୁଳ ବୋଲି ସେମାନେ କହିଛନ୍ତି। ତେଣୁ ବୟସ ବଢ଼ିବା ସହ କୌଣସି ରୋଗ ବାହାରେ ବି ଶରୀରରେ କ୍ଷୟପ୍ରାପ୍ତ ରକ୍ତକଣିକା ସଂଖ୍ୟାର ଭରଣା ପାଇଁ ସାମର୍ଥ୍ୟ କମି କମି ଆସିଥାଏ। ରକ୍ତକଣିକା ସଂଖ୍ୟାରେ ଏପରି ଅଧୋଗତି ହିଁ ସ୍ୱାଭାବିକ ମୃତ୍ୟୁର ଆଗମନକୁ ନିର୍ଦ୍ଧାରଣ କରିଥାଏ। ଏପରି ରକ୍ତକଣିକା ହ୍ରାସରେ ଭରଣା କରିବାର ସାମର୍ଥ୍ୟ ୧୨୦ରୁ ୧୫୦ ବର୍ଷ ଭିତରେ ସମ୍ପୂର୍ଣ୍ଣ ଲୋପ ପାଇଯାଇଥାଏ।

ଆମ ଶାସ୍ତ୍ର ପୁରାଣଗୁଡ଼ିକରେ ଦେବତା, ରାକ୍ଷସ ଓ ମନୁଷ୍ୟମାନଙ୍କର ଅମରତ୍ୱ ନେଇ ଅନେକ କାହାଣୀ ରହିଛି। ଏବେ ବି ଅନେକ ଲୋକ ଅମର ହେବାକୁ ହୁଏତ ଚାହୁଁଥିବେ, କିନ୍ତୁ ଏହା ଅକାଟ୍ୟ ଯେ ମର୍ତ୍ତ୍ୟମଣ୍ଡଳେ ଦେହ ବହି, ଦେବତା ହୋଇଲେ ମରଇ।' ସେଇ କାରଣରୁ ବୋଧହୁଏ ଆପଣ ଜାଣି ଆଶ୍ଚର୍ଯ୍ୟ ହେବେ ଯେ ଏବେ ବାସ୍ତବ ଅମରତ୍ୱ ନୁହେଁ, ମଣିଷ କୃତ୍ରିମ ଅମରତ୍ୱର ଉପାୟ ସୃଷ୍ଟି କରିଛି। ଫେସ୍‌ବୁକ ଭଳି ସାରା ପୃଥିବୀର ଲୋକଙ୍କୁ ପ୍ରତି ମୁହୂର୍ତ୍ତରେ ଏକାଠି ଯୋଡୁଥିବା ସୋସିଆଲ ନେଟୱାର୍କିଂ ସାଇଟଗୁଡ଼ିକ ଏଭଳି ଏକ କୃତ୍ରିମ ଦୁନିଆ ସୃଷ୍ଟି କରିଛନ୍ତି, ଯେଉଁଠି ଅନେକ ବାସ୍ତବ ମୃତ୍ୟୁ ପରେ ବି ଅମର ହୋଇ ରହିଛନ୍ତି ଅର୍ଥାତ୍ ସେମାନଙ୍କର ଡିଜିଟାଲ ଆତ୍ମା ବଂଚି ରହିଛି। କଥା ହେଉଛି, ଫେସ୍‌ବୁକ୍‌ରେ ଏଭଳି କୋଟି କୋଟି ମୃତ ଲୋକଙ୍କ ଖାତା ସକ୍ରିୟ ରହିଛି, ଯେଉଁମାନେ ଏ ଧରା ଧାମରୁ କେବେଠୁ ବିଦାୟ ନେଇସାରିଲେଣି। ନିକଟରେ ପ୍ରକାଶିତ ଏକ ତଥ୍ୟ ଅନୁଯାୟୀ ଫେସ୍‌ବୁକ୍ ଆରମ୍ଭ ହେବାର ଆଠ ବର୍ଷ ପରେ ପ୍ରାୟ ୩ କୋଟି ଫେସ୍‌ବୁକ୍ ବ୍ୟବହାରକାରୀଙ୍କ ମୃତ୍ୟୁ ଘଟିଥିଲା। ଅନୁମାନ ଅନୁଯାୟୀ ପ୍ରତିଦିନ ପ୍ରାୟ ୮ ହଜାର ଫେସ୍‌ବୁକ୍ ସଦସ୍ୟଙ୍କ ମୃତ୍ୟୁ ହୋଇଥାଏ। କିନ୍ତୁ ସେହି ବ୍ୟକ୍ତି ମାନଙ୍କୁ ଜନ୍ମଦିନ ଶୁଭେଚ୍ଛା ପଠାଇବା ପାଇଁ ଅନ୍ୟ ସଦସ୍ୟମାନଙ୍କୁ ଫେସ୍‌ବୁକ୍ ପକ୍ଷରୁ ମନେ ପକାଇ ଦିଆଯାଇଥାଏ। ପ୍ରକୃତରେ ଏଥିପାଇଁ ଏହି ସାଇଟ୍ ବା ତାର କର୍ତୃପକ୍ଷଙ୍କୁ ଦୋଷ ଦେଇ ହେବନାହିଁ, କାରଣ ସେଥିପାଇଁ ଏକ ନିର୍ଦ୍ଦିଷ୍ଟ ବ୍ୟବସ୍ଥା ଖଞ୍ଜାଯାଇଛି। ଫେସ୍‌ବୁକ୍ ବ୍ୟବହାରକାରୀର ମୃତ୍ୟୁ ହେଲେ ତାର ସୂଚନା ତା ଖାତା (ଆକାଉଂଟ)ରେ ଦିଆଯିବା ଆବଶ୍ୟକ। ତାପରେ ତାହା ସ୍ମୃତି ଖାତା ହୋଇଯାଏ ଓ ସେହି ବ୍ୟକ୍ତିର ଜନ୍ମଦିନ ଶୁଭେଚ୍ଛା ପଠାଇବା ବନ୍ଦ ହୋଇଯାଏ। ସମସ୍ୟା ହେଉଛି, କୋଟି କୋଟି ଫେସ୍‌ବୁକ୍ ବ୍ୟବହାରକାରୀଙ୍କର ଇତିମଧ୍ୟରେ ମୃତ୍ୟୁ ହୋଇଥିଲେ ହେଁ ସେମାନଙ୍କର ଖାତା ସ୍ମୃତି ହେବା ପାଇଁ ଯେଉଁ ବ୍ୟବସ୍ଥାଟି ରହିଛି, ଜାଣତ ବା ଅଜାଣତରେ ତାର ଠିକ ଉପଯୋଗ ହେଉନାହିଁ। ଆହୁରି ମଧ୍ୟ ଅନେକ ମୃତକଙ୍କ ଖାତାରୁ ସେମାନଙ୍କ ସମ୍ପର୍କୀୟ ସକ୍ରିୟ ରଖୁଥିବା ଜଣାଯାଏ। କେବଳ ସେତିକି ନୁହେଁ, ପାଶ୍ଚାତ୍ୟ ଜଗତରେ ଏଭଳି ଡିଜିଟାଲ ଆତ୍ମାକୁ ଅମର ରଖିବା ପାଇଁ ଅର୍ଥାତ୍ ସେହି ବ୍ୟକ୍ତିର ଇଣ୍ଟରନେଟ ଉପସ୍ଥିତିକୁ ସକ୍ରିୟ ରଖିବା ପାଇଁ ସେବା ଯୋଗାଇବାକୁ ମଧ୍ୟ କେତେକ କମ୍ପାନୀ ଖୋଲିଗଲାଣି। ଧରାଧାମରୁ ବିଦାୟ ନେଇସାରିଥିଲେ ହେଁ ଜଣକର ଡିଜିଟାଲ ଅସ୍ତିତ୍ୱ ବା ଡିଜିଟାଲ ଆତ୍ମା ଦୁନିଆରେ ବିଚରଣ କରୁ ବୋଲି ଚାହୁଁଥିବା ଲୋକେ ଉଭଟ ହେଲେ ବି ଏଭଳି ସେବାକୁ ଆପଣାଇଛନ୍ତି।

ଶରୀରର ମୃତ୍ୟୁ ହେଲେ ବି ମଣିଷର ଡିଜିଟାଲ ଅବତାରକୁ ବଂଚାଇ ରଖାଯାଉଛି ଏଇଥିପାଇଁ ଯେ ଭବିଷ୍ୟତରେ କୌଣସି ବ୍ୟକ୍ତି ସେସବୁ ତଥ୍ୟ, ଫଟୋ ବା ଭିଡ଼ିଓକୁ ଆଧାର କରି ତା ସହ ସମ୍ବନ୍ଧ ଯୋଡ଼ି ପାରିବ। ତାର ଆଚାର, ବିଚାର ଆଦି ସମ୍ପର୍କରେ ଅବହିତ ହୋଇପାରିବ। ଆଜିକାଲି କୋଟି କୋଟି ଲୋକ ଫେସ୍‌ବୁକ୍‌ରେ କଥା, ଚିତ୍ର ବା ଭିଡ଼ିଓ ଉପସ୍ଥାପନ କରି ଆତ୍ମକଥା ଜଣାଇବାକୁ ଏକ ଦୈନନ୍ଦିନ କାର୍ଯ୍ୟରେ ପରିଣତ କରିଦେଲେଣି। ଯଦି ସେମାନଙ୍କ ମୃତ୍ୟୁର ଅନେକ ବର୍ଷ ପରେ କେହି ବନ୍ଧୁ ସେଗୁଡ଼ିକୁ ଦେଖେ, ତାହା ସଂପୃକ୍ତ ବ୍ୟକ୍ତିଟିର ଉପସ୍ଥିତିକୁ ଅନୁଭବ କରାଇଦେବ। ତେଣୁ ଫେସ୍‌ବୁକ୍‌ରେ ଡିଜିଟାଲ ଆତ୍ମାର ଏ ଅମରତ୍ୱ ଅନେକଙ୍କ ପାଇଁ ସାନ୍ତ୍ୱନାର ବିଷୟ ବୋଲି କୁହାଯାଉଛି।

ଆଧୁନିକ ସୂଚନା ପ୍ରଯୁକ୍ତି ଉଦ୍ୟୋଗ ଏହି ଡିଜିଟାଲ ଆତ୍ମାକୁ ଦୀର୍ଘଜୀବୀ କରିବା ପାଇଁ ମଧ୍ୟ ବିଭିନ୍ନ ପ୍ରକାର ଉପାୟ ବାହାର କରୁଛି। କେତେକ ବୈଜ୍ଞାନିକ ଏଭଳି ରୋବଟ ତିଆରି କରୁଛନ୍ତି, ଯେଉଁମାନେ ମୃତ ବ୍ୟକ୍ତି ଭଳି ଦିଶିବେ ଓ ସେମାନଙ୍କ ଭଳି କଥା ବି କହିବେ। ଏହାଦ୍ୱାରା ମୃତକଟି ଅନ୍ୟମାନଙ୍କ ପାଇଁ ଅମର ହୋଇ ରହିବ। ଏହି କୃତ୍ରିମ ଅମରତ୍ୱ ଅନେକଙ୍କୁ ଆକର୍ଷଣୀୟ ଓ ମଜାଦାର ଲାଗୁଥାଇପାରେ। ମାତ୍ର ଏହା ଭିତରେ ଯେ ମନର ଦୁର୍ବଳତା ଲୁଚିରହିଛି, ଯାହା ତା ପାଇଁ ବିପଜ୍ଜନକ ତାହା ଜାଣିବା ଆବଶ୍ୟକ। ଜନ୍ମ ହେଲେ ମୃତ୍ୟୁ ଅନିବାର୍ଯ୍ୟ। ଜୀବନ ଯେତିକି ଜରୁରୀ, ମୃତ୍ୟୁ ବି ସେତିକି ଜରୁରୀ। ମଣିଷ ନିଜକୁ ସାନ୍ତ୍ୱନା ଦେବା ପାଇଁ କୃତ୍ରିମ ଅମରତ୍ୱ ସୃଷ୍ଟି ତାକୁ ଦିନେ ଯେ କବରଖାନାର ଭୂତ ହୋଇ ନ ଡରାଇବ, ତାହା କହିହେବ ନାହିଁ। ଡିଜିଟାଲ କବରଖାନାରେ ଥିବା କୋଟି କୋଟି ମୃତକଙ୍କ ସୂଚନା ଆମର ବାସ୍ତବ ପୃଥିବୀକୁ ମଧ୍ୟ ପ୍ରଭାବିତ କରିପାରେ ଅର୍ଥାତ୍ ମଣିଷର ଖୁସିକୁ ବଢ଼ାଇଦେବା ବଦଳରେ ସୁଖୀ ମଣିଷଟିକୁ ମଧ୍ୟ ଖୁବ୍ ଦୁଃଖୀ କରିଦେଇପାରେ। ମୃତ୍ୟୁକୁ ସ୍ୱାଭାବିକ ଭାବେ ମଣିଷ ଗ୍ରହଣ କରିବା ହିଁ ତା ପାଇଁ ଶ୍ରେୟସ୍କର। କୃତ୍ରିମ ଅମରତ୍ୱ କେବଳ ଏକ ଅବୋଧ ପରିକଳ୍ପନା।

*ଶ୍ରୀବିହାର କଲୋନୀ, ତୁଳସୀପୁର, କଟକ*

# ମାନସିକ ସ୍ୱାସ୍ଥ୍ୟ ଓ ଯୋଗ

**ଡାକ୍ତର ସମ୍ରାଟ କର**

ବର୍ତ୍ତମାନ ସବୁଠାରେ, ସବୁ କ୍ଷେତ୍ରରେ ବ୍ୟସ୍ତତା ଆମେ ଦେଖୁଛୁ। ତେଲ ଲୁଣ ସଂସାରକୁ ଚଳାଇବା ନିମିତ୍ତ ବୃତିଗତ କ୍ଷେତ୍ର ତ ନିଶ୍ଚୟ କିନ୍ତୁ ସାଧାରଣ ସଚେତନତାର ଅଭାବରୁ ମାନସିକ ସ୍ଥିତି ବିଗିଡ଼ି ଯାଏ। ପ୍ରଥମ କଥା ହେଉଛି ମାନସିକ ରୋଗ ଏକ ଜଟିଳ ରୋଗ ନିଶ୍ଚୟ କିନ୍ତୁ ତଥାକଥିତ ଝଡ଼ାଫୁଙ୍କା, ଗୁଣି ଗାରେଡ଼ିରୁ ଫେଲ ହେଲା ପରେ ଯେଉଁମାନେ ବି ଆସନ୍ତି ସେମାନଙ୍କ ପାଇଁ ଆମର ଚିକିତ୍ସା ବ୍ୟବସ୍ଥା ସ୍ୱତନ୍ତ୍ର ରହିଥାଏ। ଏହି ଲେଖକ ମନକଥା ଜାଣନ୍ତୁ ମାଧ୍ୟମରେ ମାନସିକ ରୋଗର ସମସ୍ତ ଦୃଷ୍ଟିକୋଣକୁ ଚିନ୍ତନ କରିବା ସହ ଆବଶ୍ୟକୀୟ ପରାମର୍ଶ ଓ ଚିକିତ୍ସା ପଦ୍ଧତି ଗ୍ରହଣ କରାଯାଇଛି। ମାନସିକା ବିଶାଦ, ଅବସାଦ, ହତୋତ୍ସାହ ହେଉ ବା ବର୍ତମାନ ସମୟରେ କୁହାଯାଉଥିବା ମାନିଆ ବୋଇଲେ ଅତ୍ୟଧିକ ମାନସିକ ଉତ୍‌ଫୁଲ୍ଲତା, ଉନ୍ମଦତା। ନିଜକୁ ସନ୍ଦେହକରି ବିଭିନ୍ନ ଭୟକୁ ଆଚ୍ଛାଦିତ କରୁଥିବା ରୋଗୀମାନଙ୍କ ପାଇଁ ପ୍ରସଙ୍ଗ ହେଉଛି ସିଜୋଫ୍ରେନିଆ। ତେବେ ଅତ୍ୟଧିକ ଛାନିଆ କୁହାଯାଉଥିବା ଆଙ୍ଗଜାଇଟି ଏବଂ ନିର୍ଦ୍ଦିଷ୍ଟ ସ୍ଥାନ, ବସ୍ତୁ ଓ କାର୍ଯ୍ୟ ପ୍ରସ୍ତୁତିକୁ ଦେଖି ଯେଉଁ ଅହେତୁକ ଭୟ ପରିଦର୍ଶିତ ହୋଇଥାଏ ତାହା ହେଉଛି ଫୋବିୟା। ଯଦିଓ ହିଷ୍ଟେରିଆ, ନିଶା, ନିଦ ନ ହେବା, ସ୍ୱପ୍ନ, ଯୌନ ସମସ୍ୟା ପରି ବିଭିନ୍ନ ପ୍ରସଙ୍ଗରେ ଏହି ଗଣମାଧ୍ୟମ ଦ୍ୱାରା ସଚେତନତାର ବାର୍ତା ଦେଉଛି ସର୍ବଦା ନିଜର ନିୟମିତ ଚିକିତ୍ସକଙ୍କ ଉପରେ ବିଶ୍ୱାସ ରଖିବା ସହ ସଚେତନତାର ବାର୍ତା ପ୍ରସାର କରିବା। ଅନେକ ହୁଏତ ଜାଣିନଥାନ୍ତି ମାନସିକ ସ୍ୱାସ୍ଥ୍ୟ ଚିକିତ୍ସା ବା ପରାମର୍ଶ ସମୟରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଭୂମିକା କରିଥାଏ ପରିପାର୍ଶ୍ୱିକ ଅବସ୍ଥିତି। ତଥାକଥିତ ପ୍ରାଣାମୟ ହେଉ ବା ଯୋଗାଭ୍ୟାସ ଏହା ନିଶ୍ଚିନ୍ତ ଭାବରେ କେବଳ ରୋଗୀ ନୁହଁନ୍ତି ସମସ୍ତଙ୍କ ପାଇଁ ଏକ ଆନନ୍ଦର ସୁଯୋଗ। ପ୍ରଶ୍ନ ଉଠୁଛି ମାନସିକ ରୋଗ ଚିକିତ୍ସା କ୍ଷେତ୍ରରେ ଯୋଗର ପ୍ରାସଙ୍ଗିକତା କ'ଣ ରହିଛି ? ଏହା ଅଟଳ ସତ୍ୟ ଯେ ଯୋଗ ହେଉ ବା ପ୍ରାଣାୟମ, ସୂର୍ଯ୍ୟ ନମସ୍କାର ହେଉ ବା ସମ୍ମାନଜନକ ଦଣ୍ଡବୁଲା ଏହି କ୍ଷେତ୍ରରେ ସ୍ୱତନ୍ତ୍ରତା ରଖିଥାଏ। ମାନସିକ ରୋଗକୁ ସମ୍ମୁଖୀନ ହେଉଥିବା ରୋଗୀମାନେ ନିଶ୍ଚିନ୍ତ ଭାବରେ ଏହି ରୋଗର ସର୍ବୋତମ ଚିକିତ୍ସକଙ୍କୁ ସାକ୍ଷାତ କରିବା। ଏବଂ କୌଣସି କ୍ଷେତ୍ରରେ ବି ନିଜ ପୂର୍ବ ସମୟର ମୁହୂର୍ତକୁ ଲୁଚାଇବା ନାହିଁ। ସାମ୍ପ୍ରତିକ ସମୟରେ କର୍ମ ବ୍ୟସ୍ତତା ବା ଚୁଲି ଚଟୁର ଦାୟିତ୍ୱ ଭିତରେ ନିଜ ଜୀବନକୁ ଉତ୍ସର୍ଗ କରୁଥିବା ଜଣେ ଚରିତ୍ର ହେଉ କିନ୍ତୁ ଏହା ହିଁ ପ୍ରୟୋଜନ ଯେ ଦୈନନ୍ଦିନ ଜୀବନଚର୍ଯ୍ୟାରେ ଯୋଗର ପ୍ରାସଙ୍ଗିକତାକୁ ଉପଲବ୍ଧି କରିବା। ଏକ ସର୍ବବୃହତ୍ତ ଗଣତାନ୍ତ୍ରିକ ରାଷ୍ଟ୍ର ଭାବେ ଭାରତ ଏବେ ବିଭିନ୍ନ ପାଶ୍ଚାତ୍ୟ ଦେଶରେ ଯୋଗକୁ ଗୁରୁତ୍ୱ ଦେଇଛି। ବର୍ତମାନର ସମାଜ, ପରିବେଶ ଏବଂ ପରିପାର୍ଶ୍ୱ ଅବସ୍ଥିତିର କ୍ଷେତ୍ର ଯାହା ନିଜ ବ୍ୟକ୍ତିଗତ ଜୀବନରେ ଯୋଗ କରିବା ନିଶ୍ଚିନ୍ତ ଭାବେ ବାଞ୍ଛନୀୟ। ବିଶେଷକରି ମାନସିକ ରୋଗ ଚିକିତ୍ସା ପାଇଁ ଛଟପଟ ହେଉଥିବା ପରିପାର୍ଶ୍ୱିକ ସ୍ଥିତି ଥିଲେ ବି ଏହାର କୌଣସି ସମାଧାନ ହୋଇପାରିନଥାଏ। କାରଣ ମାନସିକ ଚିକିତ୍ସା ପାଇଁ ଆସୁଥିବା ରୋଗୀ ଜଣେ କୌଣସି କ୍ଷେତ୍ରକୁ ନଲୁଚାଇ ଚିକିତ୍ସକଙ୍କୁ ସୂଚନା ଦେବା ଜରୁରୀ। ମାନସିକ ରୋଗ କ୍ଷେତ୍ର ବୋଇଲେ ମୁଣ୍ଡର କୌଣସି କ୍ଷତି ବା ଆଉ କିଛି ବି ନୁହେଁ। କିନ୍ତୁ କଥା ହେଉଛି ମାନସିକ ରୋଗ କ୍ଷେତ୍ରରେ ଯେଉଁମାନେ ସାମ୍ନାକୁ ଆସିପାରୁଛନ୍ତି ଏହାଙ୍କୁ ନେଇ ଏକ ସଚେତନତାର ବାର୍ତା ପ୍ରଦାନ କରିବା। ମାନସିକ ରୋଗକୁ ସନ୍ତୁଳି ହେଉଥିବା ଚରିତ୍ରଟି ଯଦି ନିଜ ପୂର୍ବ ଦିନର କଥାକୁ ମନେପଡ଼େ ତାହେଲେ ସେ ଓହରି ଯିବା କଥା। କିନ୍ତୁ ଦୈବୀ ପ୍ରୀତି, ପାପଭିତି, ସଂଘନୀତି ନ୍ୟାୟରେ ଦାୟିତ୍ୱକୁ ସୂଚାରୁ ରୂପେ ତୁଲାବା ବାଞ୍ଛନୀୟ। ଏହିପରି କ୍ଷେତ୍ରରେ ଚିକିତ୍ସାର ବ୍ୟବସ୍ଥା ଦୀର୍ଘ କାଳୀନ ସତ୍ୟ ହେଲେ ଏହି କ୍ଷେତ୍ର ପାଇଁ ଯେହେତୁ ମୁଁ ମାର୍ଗଦର୍ଶନ କରୁଛି ତେଣୁ ଏହା ହିଁ କହିବି ଯେ ମାନସିକ ରୋଗୀଙ୍କ ପାଇଁ ଯୋଗ ପ୍ରାଣାୟମର ଆବଶ୍ୟକତା ରହିଛି। ଆମ୍ଭର ପ୍ରାଚୀନ ଆଧ୍ୟାତ୍ମିକ ସଂସ୍କୃତି ହେଉ ବା ଚରକଙ୍କ ସ୍ୱାସ୍ଥ୍ୟ ଚିକିତ୍ସା। ସବୁ କ୍ଷେତ୍ରରେ ଆମ ପାଇଁ ବଡ଼ ପ୍ରାସଙ୍ଗିକତା ରହିଥାଏ ନିଜ ରୋଗୀଟି ପାଇଁ ଅହର୍ନିଶ ତତ୍ତ୍ୱାବଧାନ। ଭାରତର ପ୍ରଧାନମନ୍ତ୍ରୀ ଜୁନ ଏକୋଇଶିକୁ ଯୋଗ ଦିବସ ଭାବେ ମାନ୍ୟତା ଓ ଗ୍ରହଣୀୟତାର ଯେଉଁ ନିୟମ କରିଥିଲେ ତାହା ଆଜି ସଫଳ ହୋଇଛି। ଚିକିତ୍ସା କ୍ଷେତ୍ରକୁ ବାଦ ଦେଲେ ବ୍ୟକ୍ତିଗତ ଜୀବନ କ୍ଷେତ୍ରରେ ଏହି ଯୋଗର ନିଶ୍ଚିନ୍ତ ଆବଶ୍ୟକତା ରହିଛି। ଏହି ଲେଖକ ଚିକିତ୍ସା ପରାମର୍ଶ କ୍ଷେତ୍ରରେ ଅନୁଭବ ବି କରିଛି ଯେ ଯୋଗ ପ୍ରାଣାୟମର ପ୍ରାସଙ୍ଗିକତା କ'ଣ ? ତେବେ ଯାହାହେଉନା କାହିଁକି ଯୋଗ ଦିବସରେ ଆମ ମାନଙ୍କ ଭିତରେ ଏକ ସଚେତନତାର ବାର୍ତା ପ୍ରତିଷ୍ଠା ହେଉ ଏବଂ ଆମ ମହାନ ଆର୍ଯ୍ୟ ସଂସ୍କୃତିର ବିଚାର ଚିନ୍ତନ ଏହି ଯୋଗକୁ ଗ୍ରହଣ କରିବା ଦ୍ୱାରା ଏହାର ପ୍ରାସଙ୍ଗିକତା ଉଲ୍ଲେଖ ରହିବ।

*ମାନସିକ ରୋଗ ବିଶେଷଜ୍ଞ, ପୁରୀଘାଟ ରୋଡ଼, କଟକ*

# ରାମାୟଣର ୧୧ଟି ସ୍ତମ୍ଭ

**ଡାକ୍ତର ଦିଲ୍ଲୀପ କୁମାର ମହାରଣା**

ଯୁଗ ଯୁଗ ଧରି ରାମାୟଣ ଆଧାତ୍ମିକ ଶ୍ରଦ୍ଧାଳୁ ମାନଙ୍କୁ ନିଜ ଦିବ୍ୟମୟ ଜୀବନ ପାଇଁ ରାସ୍ତା ଦେଖାଉଛି। ସେହିପରି ରାମାୟଣ ସହିତ ଏଗାରଟି କ୍ଷେତ୍ର, ଘଟଣାବଳୀ ସଂଯୋଗ ହୋଇ ରହିଛି। ଏହାରି ଉପରେ ଆସନ୍ତୁ ଆଲୋକପାତ କରିବା।

ଅଯୋଧ୍ୟା : ଅଯୋଧ୍ୟା ହେଉଛି ସେହି ନଗରୀ, ଯେଉଁଠାରେ ଭଗବାନ ରାମ ମନୁଷ୍ୟ ଶରୀର ଧରି ଜନ୍ମ ହୋଇଥିଲେ ଏବଂ ସେହି ସ୍ଥାନ ଯେଉଁଠାରୁ ତାଙ୍କର ୧୪ ବର୍ଷର ବନବାସ ଆରମ୍ଭ ହୋଇଥିଲା। ଅଯୋଧ୍ୟା କୋଶଳ ରାଜ୍ୟର ରାଜଧାନୀ ଥିଲା। ଏହି ରାଜ୍ୟର ଇକ୍ଷାକୁ ରାଜବଂଶରେ ଭଗବାନ ରାମ ଜନ୍ମଗ୍ରହଣ କରିଥିଲେ। ଅଯୋଧ୍ୟାର ଦକ୍ଷିଣ ଭାଗର ଶେଷ ଅଂଶରେ ଥିବା ରାମକୋଟ ହିଁ ଭଗବାନ ରାମଙ୍କ ଅନ୍ତୁଡ଼ିଶାଳ।

ଜନକପୁର : ଜନକପୁର ହେଉଛି ରାମାୟଣର ସେହି ସ୍ଥାନ ଯେଉଁଠାରେ ମା'ସୀତା ଜନ୍ମ ନେଇଥିଲେ ଏବଂ ଭଗବାନ ରାମଙ୍କୁ ବିବାହ କରିଥିଲେ। କିମ୍ବଦନ୍ତୀ ଅନୁଯାୟୀ ଜନକପୁରର ରାଜା ଜନକ ମରୁଡ଼ିରୁ ରକ୍ଷା ପାଇବା ପାଇଁ ଏହି ଜମି କର୍ଷଣ କରିଥିଲେ ଏବଂ କର୍ଷଣ ସମୟରେ ମାଟି ଭିତରୁ ଏକ ପେଡ଼ି ପାଇଥିଲେ, ଯେଉଁଥିରେ ସୀତା ଥିଲେ। ସେହି କାରଣରୁ ଏହାକୁ ସୀତାମାଢ଼ି ମଧ୍ୟ କୁହାଯାଏ।

ପ୍ରୟାଗ : ଭଗବାନ ରାମ ପତ୍ନୀ ସୀତା ଏବଂ ଭାଇ ଲକ୍ଷ୍ମଣଙ୍କ ସହ ଏହି ସ୍ଥାନରୁ ଗଙ୍ଗାନଦୀ ପାର ହୋଇଥିଲେ ନିଜ ରାଜ୍ୟର ସୀମା ବାହାରକୁ ଯିବା ପାଇଁ। ରାମାୟଣର ବର୍ଣ୍ଣନା ଅନୁଯାୟୀ ଏହି ତିନିଜଣ ଆଗକୁ ଯିବା ପୂର୍ବରୁ ଋଷି ଭରଦ୍ୱାଜଙ୍କ ଆଶ୍ରମରେ କିଛି ସମୟ କଟାଇଥିଲେ।

ଚିତ୍ରକୂଟ : ଏହି ସ୍ଥାନ ରାମାୟଣରେ ରାମ ଓ ଭରତଙ୍କ ମିଳନର ସ୍ଥଳ ଭାବରେ ବର୍ଣ୍ଣିତ। ଏହି ସ୍ଥାନରେ ଭରତ ଭଗବାନ ରାମଙ୍କୁ ଦଶରଥଙ୍କ ପରଲୋକ ସମ୍ପର୍କରେ ସୂଚନା ଦେବା ସହ ଅଯୋଧ୍ୟା ଫେରି ରାଜ୍ୟ ଶାସନ ପାଇଁ ଅନୁରୋଧ କରିଥିଲେ। କିନ୍ତୁ ଯେତେବେଳେ ରାମ ୧୪ ବର୍ଷ ବନବାସ ପାଇଁ ଅଟଳ ରହିଲେ ସେତେବେଳେ ସେ ଏହିଠାରେ ହିଁ ରାମଙ୍କ ପାଦୁକା ଗ୍ରହଣ କରିଥିଲେ ଏବଂ ରାମ ଅଯୋଧ୍ୟାକୁ ଫେରିବା ପର୍ଯ୍ୟନ୍ତ ଏହି ପାଦୁକାକୁ ରାଜ ସିଂହାସନରେ ସ୍ଥାପନ କରିଥିଲେ।

ଦଣ୍ଡକାରଣ୍ୟ : ଦଣ୍ଡକାରଣ୍ୟ ରାମାୟଣର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ଏବଂ ଏହିଠାରେ ରାବଣର ଭଉଣୀ ସୁପର୍ଣ୍ଣଖା ରାମଙ୍କୁ ଦେଖି ତାଙ୍କ ପ୍ରେମରେ ପଡ଼ିଥିଲା। କିନ୍ତୁ ଯେତେବେଳେ ରାମ ତାକୁ ସ୍ୱୀକାର କରିବାକୁ ମନା କରିଦେଲେ ସେ ନିଜ ଅନ୍ୟ ଦୁଇଭାଇ ଖର ଏବଂ ଦୁଷଣଙ୍କୁ ରାମଙ୍କୁ ଆକ୍ରମଣ ପାଇଁ ପଠାଇଥିଲା, ଯେଉଁମାନେ କି ରାମଙ୍କ ସହ ଯୁଦ୍ଧରେ ପ୍ରାଣ ହରାଇଥିଲେ। ହିନ୍ଦୁ ପୁରାଣ ଅନୁଯାୟୀ ଏହି ସ୍ଥାନ ଗୁରୁତ୍ୱପୂର୍ଣ୍ଣ, କାରଣ ମନୁଷ୍ୟ ନିଜର କୁକର୍ମ ପାଇଁ ପ୍ରାୟଶ୍ଚିତ କରିବା ନିମନ୍ତେ ଏହି ସ୍ଥାନକୁ ସର୍ବୋତମ ବିବେଚିତ କରାଯାଏ। ବର୍ତମାନ ରାମାୟଣ ବର୍ଣ୍ଣିତ ଘୋର ଜଙ୍ଗଲ ଦଣ୍ଡକାରଣ୍ୟ ରହିଛି ଛତିଶଗଡ଼-ଓଡ଼ିଶା ଏବଂ ଆନ୍ଧ୍ରପ୍ରଦେଶରେ ମିଳିତ ଭାବରେ।

ପଂଚବଟୀ : ଦଣ୍ଡକାରଣ୍ୟ ଜଙ୍ଗଲ ମଧ୍ୟରେ ଯେଉଁ ସ୍ଥାନରେ ଭଗବାନ ରାମ ଏକ କୁଟୀର ସ୍ଥାପନ କରି ପତ୍ନୀ ସୀତା ଏବଂ ଭାଇ ଲକ୍ଷ୍ମଣଙ୍କ ସହ ରହୁଥିଲେ ବନବାସ କାଳରେ ସେହି ସ୍ଥାନ ରାମାୟଣରେ ପଂଚବଟୀ ଭାବରେ ବର୍ଣ୍ଣିତ। ଏହି ସ୍ଥାନକୁ ତପବନ ମଧ୍ୟ କୁହାଯାଏ।

କିସ୍କିନ୍ଧା : ରାମାୟଣରେ ଏହା ବାନରମାନଙ୍କ ରାଜ୍ୟ ଭାବରେ ବର୍ଣ୍ଣିତ। ଏହି ସ୍ଥାନର ବର୍ଣ୍ଣନା ରାମାୟଣ ସହ ମହାଭାରତରେ ମଧ୍ୟ ନିଖୁଣ ଭାବରେ ରହିଛି। ବର୍ତମାନ ଏହି ବାନରଙ୍କ ରାଜ୍ୟ କର୍ଣ୍ଣାଟକର ହାମ୍ପି ନିକଟସ୍ଥ ତୁଙ୍ଗଭଦ୍ରା ନଦୀ ଆଖପାଖରେ ରହିଛି।

ଋଷ୍ୟମୁଖ ପର୍ବତ : ରାମାୟଣରେ ଏହା ରାମଙ୍କ ସହ ହନୁମାନଙ୍କ ଭେଟସ୍ଥଳୀ। ଯେତେବେଳେ ରାମ ଏବଂ ଲକ୍ଷ୍ମଣ ଅପହୃତା ସୀତାଙ୍କୁ ଖୋଜି ଖୋଜି ଏଠାରେ ପହଂଚିଥିଲେ ସେତେବେଳେ ହନୁମାନଙ୍କ ସହ ତାଙ୍କର ଭେଟ ହୋଇଥିଲା। ଏହି ଋଷ୍ୟମୁଖ ପର୍ବତରେ ସୁଗ୍ରୀବ ଏବଂ ହନୁମାନ ବାଳୀକୁ ଭୟ କରି ଲୁଚିଥିଲେ। ଋଷ୍ୟମୁଖ ପର୍ବତ ସହ ସଲଗ୍ନ ହୋଇ ରହିଛି ଅଞ୍ଜନେୟ ପର୍ବତ। ରାମାୟଣରେ ଏହି ପର୍ବତର ଗୁରୁତ୍ୱ ବର୍ଣ୍ଣନା କରାଯାଇଛି, କାରଣ ଏହି ପର୍ବତରେ ହନୁମାନ ଜନ୍ମ ନେଇଥିଲେ।

ରାମେଶ୍ୱରମ୍ : ରାମାୟଣରେ ବର୍ଣ୍ଣିତ ଏହି ସ୍ଥାନରୁ ବାନରସେନା ରାମ ଲଙ୍କାରେ ପହଂଚିବା ପାଇଁ ରାମସେତୁ ନିର୍ମାଣ ଆରମ୍ଭ କରିଥିଲେ। ବିଶ୍ୱାସ କରାଯାଏ ଲଙ୍କାରୁ ଫେରିବା ପରେ ଦେବୀ ସୀତା ଏଠାରେ ଏକ ଶିବଲିଙ୍ଗ ସ୍ଥାପନ କରିଥିଲେ। ଏହିଠାରେ ରାମ ତାଙ୍କୁ ବ୍ରହ୍ମହତ୍ୟା ଦୋଷରୁ ମୁକ୍ତ କରିବା ପାଇଁ ଶିବଙ୍କୁ ଆରାଧନା କରିଥିଲେ। ରାମେଶ୍ୱରମ୍‌ର ରାମସେତୁ ଚୂନ ପଥରର ଏକ ଶୃଙ୍ଖଳ। ଯାହାକି ତାମିଲନାଡୁର ରାମେଶ୍ୱରମ୍ ଉପଦ୍ୱୀପ ଏବଂ ଶ୍ରୀଲଙ୍କାର ମାନାର ଦ୍ୱୀପକୁ ସଂଯୁକ୍ତ କରିଛି।

ଅଶୋକ ବାଟିକା : ଅଶୋକ ବାଟିକା ରାମାୟଣରେ ବର୍ଣ୍ଣିତ ଏକ ପୁଷ୍ପ ଉଦ୍ୟାନ। ଏହି ଉଦ୍ୟାନ ଥିଲା ରାକ୍ଷସରାଜ ରାବଣଙ୍କର। ସୀତାଙ୍କୁ ପଂଚବଟୀରୁ ଅପହରଣ କରି ଆଣିବା ପରେ ରାବଣ ତାଙ୍କୁ ଏହି ସ୍ଥାନରେ ରଖିଥିଲା। ସୀତା ରାବରଣ ମହଲରେ ରହିବାକୁ ମନା କରି ଏହି ଉଦ୍ୟାନର ଏକ ଅଶୋକ ବୃକ୍ଷ ତଳେ ବସିଥିଲେ, ତେଣୁ ଏହି ସ୍ଥାନ ଅଶୋକ ବାଟିକା।

ତାଲାଇମାନାର : ଭଗବାନ ରାମ ଶ୍ରୀଲଙ୍କାରେ ଯେଉଁ ସ୍ଥାନରେ ପ୍ରଥମେ ପାଦ ଦେଇଥିଲେ ସେଇ ସ୍ଥାନ ତାଲାଇମାନାର। ଏହିଠାରେ ହିଁ ରାବଣର ଶକ୍ତିଶାଳୀ ସେନାଙ୍କ ସହ ରାମଙ୍କର ଯୁଦ୍ଧ ଆରମ୍ଭ ହୋଇଥିଲା। ଏହି ଯୁଦ୍ଧ ପରେ ରାମ ରାବଣଙ୍କୁ ବଧ କରି ବିଭୀଷଣଙ୍କୁ ଲଙ୍କାର ରାଜଗାଦିରେ ବସାଇଥିଲେ।

ଲେପାକ୍ଷି : ଆନ୍ଧ୍ରପ୍ରଦେଶରେ ଲେପାକ୍ଷି ନାମକ ଏକ ସ୍ଥାନ ରହିଛି। ରାମାୟଣରେ ରାବଣ ଦ୍ୱାରା ସୀତା ଅପହୃତ ହେଉଥିବାର ଚାକ୍ଷୁଷ ପ୍ରମାଣ ଜଟାୟୁ ସୀତାଙ୍କୁ ଉଦ୍ଧାର କରିବା ପାଇଁ ରାବଣ ସହ ଏଠାରେ ଯୁଦ୍ଧ କରିଥିଲେ ଓ ଏହି ସମ୍ବାଦ ରାମଙ୍କୁ ଜଣାଇବା ପାଇଁ ଭୀଷଣ ଆହତ ଅବସ୍ଥାରେ ଏଠାରେ ଅପେକ୍ଷା କରିଥିଲେ।

ହାମ୍ପି : ସେହି ସ୍ଥାନ ଯେଉଁଠାରେ ରାମ ହନୁମାନଙ୍କୁ ଭେଟିଥିଲେ। ଇତିହାସରେ ମଧ୍ୟ ଏହା ବିଜୟର ସ୍ଥାନ ଭାବରେ ଉଲ୍ଲେଖ ରହିଛି। ଏହି ସ୍ଥାନରେ ପାର୍ବତୀ ଶିବଙ୍କୁ ବିବାହ କରିଥିଲେ ବୋଲି ମଧ୍ୟ ପୁରାଣରେ ବର୍ଣ୍ଣନା ରହିଛି।

ସୀତା କଟଓ୍ୱା : ଯେତେବେଳେ ରାବଣ ସୀତାଙ୍କୁ ଅପହରଣ କରିନେଇଥିଲେ ସେତେବେଳେ ସେ ତାଙ୍କୁ ଏକ ସ୍ଥାନରେ ରଖିଥିଲେ ଯାହା ବର୍ତମାନ ସୀତା କଟଓ୍ୱା ନାମରେ ଖ୍ୟାତ।

ଦିବୁରୁମ୍ପୋଲା : ଦିବୁରୁମ୍ପୋଲା ଶବ୍ଦର ଅର୍ଥ ଶପଥର ସ୍ଥାନ। ଏହି ସ୍ଥାନ ରହିଛି ଶ୍ରୀଲଙ୍କାରେ। ରାବଣ ସହ ଯୁଦ୍ଧରେ ବିଜୟୀ ହୋଇ ଫେରିବା ପୂର୍ବରୁ ସୀତା ସେଠାରେ ଅଗ୍ନି ପରୀକ୍ଷା ଦେଇଥିଲେ।

କାନିଆ ଉଷ୍ଣପ୍ରସ୍ରବଣ : ଶ୍ରୀଲଙ୍କାର ତ୍ରିଙ୍କୋମାଲିରେ ଥିବା କାନିଆ ଉଷ୍ଣପ୍ରସ୍ରବଣ ଠାରେ ସାତଟି ଉତପ୍ତ ଜଳର କୂପ ରହିଛି। ପ୍ରତ୍ୟେକଟି କୂପ ୩-୪ଫୁଟ ଗଭୀର। ବିଶ୍ୱାସ କରାଯାଏ ରାବଣ ନିଜେ ଏହି କୂପଗୁଡ଼ିକ ନିର୍ମାଣ କରାଇଥିଲେ।

ଉଷାଙ୍ଗୋଦା : ଶ୍ରୀଲଙ୍କାରେ ଥିବା ଏହି ସ୍ଥାନକୁ ରାବଣ ନିଜର ପୁଷ୍ପକ ବିମାନ ରଖିବା ପାଇଁ ବ୍ୟବହାର କରୁଥିଲେ ବୋଲି ବିଶ୍ୱାସ କରାଯାଏ।

ବିଶ୍ରାକ : ବିଶ୍ୱାସ କରାଯାଏ ଏହି ସ୍ଥାନ ରାବଣଙ୍କ ଜନ୍ମସ୍ଥାନ। ଏହି ଛୋଟ ଗାଁ ରହିଛି ଉତରପ୍ରଦେଶରେ। ଭାରତରେ ଥିବା ଅଳ୍ପ କେଇଟି ରାବଣ ମନ୍ଦିର ମଧ୍ୟରୁ ଗୋଟିଏ ଏଠାରେ ଅଛି।

ମାଣ୍ଡସୌର : ମଧ୍ୟପ୍ରଦେଶର ଦଶାପୁର ବା ମାଣ୍ଡସୌର ରାମାୟଣର ବର୍ଣ୍ଣନା ଅନୁଯାୟୀ ରାବଣଙ୍କ ପତ୍ନୀ ମନ୍ଦୋଦରୀଙ୍କ ଜନ୍ମ ସ୍ଥାନ।

ଧନୁଷକୋଡି : ତାମିଲନାଡୁର ପାମ୍ବନ୍ ଦ୍ୱୀପରେ ଏକଦମ୍ ଶେଷ ମୁଣ୍ଡରେ ଥିବା ଏକ କ୍ଷୁଦ୍ର ଗାଁ ଧନୁଷକୋଡି। ରାମ ଏହିଠାରୁ ସେତୁବନ୍ଧ ଆରମ୍ଭ କରିବାକୁ ବାନରସେନାଙ୍କୁ ପରାମର୍ଶ ଦେଇଥିଲେ ବୋଲି ବିଶ୍ୱାସ କରାଯାଏ।

ନିଲାଓ୍ୱାରୀ : ନିଲାଓ୍ୱାରୀ ଜାଫନାର ଏକ ବିଖ୍ୟାତ ଗ୍ରାମ। ବିଶ୍ୱାସ କରାଯାଏ ଯେତେବେଳେ ବାନରସେନା ଲଙ୍କାରେ ଜଳାଭାବର ସମ୍ମୁଖୀନ ହେଲେ ସେତେବେଳେ ରାମ ପୃଥିବୀ ବକ୍ଷକୁ ଏକ ଶର ମାରି ଏହି ଜଳଉତ୍ସ ସୃଷ୍ଟି କରିଥିଲେ। ଏହି କୂପର ଗଭୀରତା ଆଜି ମଧ୍ୟ ମପାଯାଇ ପାରିନାହିଁ ଏବଂ ଏହି କୂପର ଜଳ କେବେ ମଧ୍ୟ ଶୁଖିନାହିଁ।

ନାଗଫେଣୀ ଗୁମ୍ଫା : ଶ୍ରୀଲଙ୍କାର ସିଗିରିଆରେ ଏକ ଗୁମ୍ଫା ରହିଛି ଯାହାର ପ୍ରାକୃତିକ ଆକାର ନାଗସାପର ଫଣା ପରି। ଏହି ଗୁମ୍ଫାରେ ମଧ୍ୟ କିଛିଦିନ ପାଇଁ ରାବଣ ସୀତାଙ୍କୁ ବନ୍ଦୀ କରିଥିଲା ଓ ଅସୁରୀମାନେ ସେଠାରେ ତାଙ୍କୁ ଜଗି ରହିଥିଲେ।

*ଶିଖରପୁର ଉପରସାହି, କଟକ*



# ସୁଯୋଗକୁ ଅପେକ୍ଷା


ଅଭିନୟ ଏମିତି ଏକ କ୍ଷେତ୍ର ଯେଉଁଠି ଜଣେ କଳାକାରକୁ ସର୍ବଦା ସକ୍ରିୟ ରହିବାକୁ ପଡ଼ିବ। କୌଣସି କାରଣରୁ ଦର୍ଶକଙ୍କ ଦୃଶ୍ୟପଟରୁ ଥରେ ସେ ଅପସରିଗଲେ ପୁଣି ଥରେ ଫେରିବା କଷ୍ଟକର ହୋଇପଡ଼େ। ଅଭିନେତ୍ରୀ ଆଦିତି ଭାଟିଆଙ୍କ ଭାଗ୍ୟରେ ସେପରି କିଛି ଘଟିଛି। ଷ୍ଟାର୍ସ ପ୍ଲସରେ ୨୦୧୯ ଯାଏ ପ୍ରସାରଣ ଜାରି ରହିଥିବା ଲୋକପ୍ରିୟ ଧାରାବାହିକ 'ୟେ ହୈ ମୋହବତେଁ'ର ରୁହି ଭାଲ୍ଲା ଚରିତ୍ର ପାଇଁ ଦର୍ଶକଙ୍କ ପାଖରେ ଏକ ପରିଚିତ ନାଁ ପାଲଟିଥିବା ଆଦିତିଙ୍କ ହାତ ଏବେ ସଂପୂର୍ଣ୍ଣ ଖାଲି। ଆଗରୁ ପାଞ୍ଚଟି ହିନ୍ଦୀ ସିନେମା ଓ ଦଶଟି ଧାରାବାହିକରେ ଅଭିନୟ କରିଥିବା ଆଦିତିଙ୍କର ନା ପୂର୍ବର ଲୋକପ୍ରିୟତା ଫେରିପାରୁଛି ନା ସେ ଅଭିନୟ ଜଗତ୍‌ରେ ସକ୍ରିୟ ରହି ନିଜ ଛବିକୁ ସତେଜ ରଖିପାରୁଛନ୍ତି। କେବଳ ସାମାଜିକ ଗଣମାଧ୍ୟମରେ ନିଜର କିଛି ମନଲୋଭା ଫଟୋ ଛାଡ଼ି ପୁରୁଣା ପ୍ରଶଂସକମାନଙ୍କୁ ଯାହା ଜାବୁଡ଼ି ଧରିବାକୁ ସେ ଚେଷ୍ଟା କରୁଛନ୍ତି। ମୁମ୍ବାଇଠାରେ ୧୯୯୯ ଅକ୍ଟୋବର ୨୯ରେ ଜନ୍ମ ନେଇଥିବା ଆଦିତିଙ୍କର ଶିକ୍ଷାରେ ସେଭଳି ପାରଦର୍ଶିତା ନଥିଲେ ବି ଜଣେ ଶିଶୁ କଳାକାର ଭାବେ ସେ ବେଶ ଅଗ୍ରଣୀ ଥିଲେ। ତେଣୁ ଯୁକ୍ତ ଦୁଇ ପଢ଼ିଥିବା ଆଦିତି ଅଭିନୟ ନିଶାକୁ ଜୀବନର ପେସା କରିବା ଲକ୍ଷ୍ୟରେ ଶୈକ୍ଷିକ ଦୁର୍ବଳତା ପାଇଁ ଆଦୌ ମନସ୍ତାପ କରିନଥିଲେ। ତାଙ୍କୁ ଯେତେବେଳେ ମାତ୍ର ପାଞ୍ଚ ବର୍ଷ, ହିନ୍ଦୀ ଧାରାବାହିକ 'ହୋମ୍ ସ୍ୱିଟ୍ ହୋମ୍' ମାଧ୍ୟମରେ ସେ ରୁପେଲି ପରଦାକୁ ପ୍ରବେଶ କରିଥିଲେ। ତେବେ ତାହାର ଦୁଇ ବର୍ଷ ପରେ ହିନ୍ଦୀ ଫିଲ୍ମ 'ବିବାହ'ରେ ଏକ ସଂକ୍ଷିପ୍ତ ଶିଶୁ ଭୂମିକାରେ ଅବତୀର୍ଣ୍ଣ ହୋଇ ସେ ଅନ୍ୟମାନଙ୍କର ଦୃଷ୍ଟି ଆକର୍ଷଣ କରିଥିଲେ। ସେହିପରି ସେଇ ବର୍ଷ ଧାରାବାହିକ 'ଘର କି ଲକ୍ଷ୍ମୀ ବେଟିୟାଁ'ରେ ଅନୁରୂପ କ୍ଷୁଦ୍ର ଚରିତ୍ରରେ ତାଙ୍କୁ ଦେଖିବାକୁ ମିଳିଥିଲା। ତେବେ ତହିଁ ପରବର୍ଷ ହିନ୍ଦୀ ଫିଲ୍ମ 'ସୁଟ୍‌ଆଉଟ୍ ଆଟ୍ ଲୋଖଣ୍ଡୱାଲା' ଓ 'ଦି ଟ୍ରେନ୍'ରେ ତାଙ୍କର ଭୂମିକା ତାଙ୍କୁ ଆଉଟିକେ ପରିଚିତ କରାଇଥିଲା। ସେହିପରି ଧାରାବାହିକ 'ତୁଝ ସଙ୍ଗ ପ୍ରୀତ ଲଗାଇ ସାଜନା'ରେ ସେ ନିଭାଇଥିବା ତୁଳସୀ ଚରିତ୍ର ମଧ୍ୟ ବେଶ ଆକର୍ଷଣୀୟ ହୋଇପାରିଥିଲା। ତେବେ ମାଟ୍ରିକ୍ ପରୀକ୍ଷା ପରେ ହିନ୍ଦୀ ସିନେମା 'ଚାନ୍ସ ପେ ଡ୍ୟାନ୍ସ'ରେ ତାଙ୍କର ଜଣେ ଅନୁଢ଼ା କିଶୋରୀ ଅବତାରକୁ ଦର୍ଶକ ବେଶୀ ଗ୍ରହଣ କରିଥିଲେ। ଏଥି ସହିତ ୨୦୧୫ରେ ସେ ନିଜର ସ୍ଥିତିକୁ କାଏମ୍ ରଖିବା ଲାଗି ଧାରାବାହିକ 'ଟସନ୍-ଇ-ଇସ୍କ'ରେ କିଛି ପ୍ରଭାବୀ ଛାପ ଛାଡ଼ିପାରିଥିଲେ। ସର୍ବୋପରି ୨୦୧୬ରୁ ୨୦୧୯ ଯାଏ ପ୍ରସାରିତ ସୁଦୀର୍ଘ ଧାରାବାହିକ 'ୟେ ହୈ ମୋହବତେଁ'ରେ ସେ ଆଶାତୀତ ଲୋକପ୍ରିୟତା ହାସଲ କରିଥିଲେ। ଏହି ଅବସରରେ ୨୦୧୭ରେ ମଧ୍ୟ ହିନ୍ଦୀ ସିନେମା 'ସରଗୋସିୟାଁ'ରେ କୌଣସି ମତେ ସାମିଲ ହୋଇ ବଡ଼ ପରଦା ସହ ଯୋଡ଼ି ହୋଇଥିଲେ। ମାତ୍ର ତାହା ପରଠାରୁ ଆଉ ତାଙ୍କୁ କୌଣସି ଫିଲ୍ମ ପାଇଁ ପ୍ରସ୍ତାବ ଆସିନି। ଅପରପକ୍ଷେ, କିଛି ବାସ୍ତବଧର୍ମୀ ଟିଭି ଧାରାବାହିକରେ କେବଳ ପ୍ରତିଯୋଗୀ ସାଜି ଦର୍ଶକଙ୍କ ପାଖରେ ଆପଣାର ହେବାକୁ ସେ ଚେଷ୍ଟା ଜାରି ରଖିଛନ୍ତି। ଏବେ ବୟସ ଖସିନଥିଲେ ହେଁ ହାତରୁ ସମୟ ଖସି ଖସି ଯାଉଛି। ତଥାପି କୌଣସି ସୁଯୋଗ ଅପେକ୍ଷାରେ ଆଦିତି ରହିଛନ୍ତି।

# ଅଟୋ ଚଳାଉଛନ୍ତି ଇଂରାଜୀ ଅଧ୍ୟାପକ



ଅବସର ପରେ ରୋଜଗାର ଚିନ୍ତା। ଅଟୋ ଚଳାଇ ରୋଜଗାର କରୁଛନ୍ତି ଇଂରାଜୀ ଅଧ୍ୟାପକ। ବେଙ୍ଗାଲୁରୁର ଏହି ଉଚ୍ଚ ଶିକ୍ଷିତ ଅଟୋ ଚାଳକଙ୍କୁ ନେଇ ଚର୍ଚ୍ଚା। ଅଟୋ ଚଳାଇବାକୁ ନେଇ ନାହିଁ ସଂକୋଚ। କୁହନ୍ତି, ମୁଁ ରାସ୍ତାର ରାଜା। ଏବେ ଜଣେ ଅଟୋ ଚାଳକଙ୍କୁ ନେଇ ବେଶ୍ ଚର୍ଚ୍ଚା। ତାଙ୍କ ଶିକ୍ଷା, ବୟସ ଏବଂ ଚିନ୍ତାଧାରାକୁ ନେଇ ହିଁ ଆଲୋଚନା। ୭୪ବର୍ଷୀୟ ଏହି ଅଟୋ ଚାଳକ ଉଚ୍ଚ ଶିକ୍ଷିତ। ଜଣେ ଅବସରପ୍ରାପ୍ତ ଇଂରାଜୀ ଅଧ୍ୟାପକ। ନାଁ ତାଙ୍କର ପଟାବି ରମନ। ମୁମ୍ବାଇ ପୋଆଇର ଏକ ବେସରକାରୀ ଶିକ୍ଷାନୁଷ୍ଠାନରେ ସେ ଅଧ୍ୟାପକ ଭାବେ କାମ କରୁଥିଲେ। କିନ୍ତୁ ଦରମା କମ୍ ଥିଲା। ବେସରକାରୀ ସଂସ୍ଥା ବୋଲି ତାଙ୍କୁ ଅବସର ପରେ ପେନସନ ମଧ୍ୟ ମିଳିଲାନି। ଚାକରି ସରିବା ପରେ ବେଙ୍ଗାଲୁରୁ ଆସିଗଲେ। ସେଠାରେ ତାଙ୍କୁ ତାଙ୍କ ଜାତି ପାଇଁ ତାଙ୍କୁ ଚାକିରି ମିଳିଲାନି। ରୋଜଗାର ପାଇଁ ଶେଷରେ ସେ ଅଟୋ ଚଲାଇବା ଆରମ୍ଭ କଲେ। ଗତ ୧୪ବର୍ଷ ହେବ ସେ ବେଙ୍ଗାଲୁରୁରେ ଅଟୋ ଚଲାଉଛନ୍ତି। ପଟାବି କୁହନ୍ତି, ଅବସର ସମୟରେ ସେ ୧୫ହଜାର ଟଙ୍କା ପାଉଥିଲେ। ଏବେ କିନ୍ତୁ ସେ ଅଟୋ ଚଲାଇ ଦିନକୁ ୭୦୦ରୁ ୧୫୦୦ଟଙ୍କା ରୋଜଗାର କରୁଛନ୍ତି। ଏତିକି ରୋଜଗାରରେ ସେ ତାଙ୍କ ଗର୍ଲଫ୍ରେଣ୍ଡ ଏବଂ ପିଲା ଆରାମରେ ଚଳୁଛନ୍ତି। ଧର୍ମ ପତ୍ନୀଙ୍କୁ ଗର୍ଲଫ୍ରେଣ୍ଡ ବୋଲି ଡାକନ୍ତି ପଟାବି। କାରଣ ତାଙ୍କୁ ଲାଗେ ପତ୍ନୀ ଡାକରେ ବେଳେବେଳେ ଦାସତ୍ୱ ଭାବନା ରହିଯାଏ। ତେଣୁ ପତ୍ନୀଙ୍କୁ ଖୁସି କରିବାକୁ ସେ ତାଙ୍କୁ ଗର୍ଲଫ୍ରେଣ୍ଡ ବୋଲି ଡାକନ୍ତି। ପଟାବି କୁହିଛନ୍ତି, ଅଟୋ ଚଲାଇବା ପାଇଁ ତାଙ୍କୁ ଆଦୌ ସଙ୍କୋଚ ଲାଗେନି। ମତେ ଲାଗେ ମୁଁ ରାସ୍ତାର ରାଜା। ଯେତେବେଳେ ଚାହିଁବି ରାସ୍ତାକୁ ଆସିବି। ଯେତେବେଳେ ଚାହିଁବି ରାସ୍ତାରୁ ଯିବି। ସତରେ ଏସବୁ ପଛରେ ପଟାବିଙ୍କ ଶିକ୍ଷାହିଁ ବଡ କାରଣ ବୋଲି କୁହାଯାଇପାରେ।

# ବ୍ରିଟିଶ ଛାତ୍ରୀଙ୍କ ପ୍ରେମରେ କଏଦୀ



ପ୍ରେମ କାହା ସହିତ କେତେବେଳେ ହେବ ତାହା କହି ହୋଇ ନଥାଏ। ପ୍ରେମ ଜାତି, ଗୋତ୍ର, ଧର୍ମ, ରଙ୍ଗ କିମ୍ବା ଉଚ୍ଚତା ଦେଖେ ନାହିଁ। ଇଂଲଣ୍ଡରୁ ଏଭଳି ଏକ ଅଦ୍ଭୁତ ପ୍ରେମ କାହାଣୀ ସାମ୍ନାକୁ ଆସିଛି। ପ୍ରକାଶିତ ରିପୋର୍ଟ ଅନୁଯାୟୀ, ମନୋବିଜ୍ଞାନର ଜଣେ ବ୍ରିଟିଶ ଛାତ୍ରୀ ଜଣେ କଏଦୀ ପ୍ରେମରେ ପଡି ଯାଇଥିଲେ। ସବୁଠାରୁ ଆଶ୍ଚର୍ଯ୍ୟଜନକ ବିଷୟ ହେଉଛି ଛାତ୍ରୀ ଜଣକ ଥରଟେ ହେଲେ ବି କଏଦୀ ସହିତ ଭେଟ କରି ନଥିଲେ କି ତାକୁ ଦେଖି ନଥିଲେ ।


କେବଳ ଏତିକି ନୁହେଁ ଏହି କୁଖ୍ୟାତ ଅପରାଧୀ ନାମରେ ଛାତ୍ରୀ ଛାତିରେ ଏକ ଟାଟୁ ମଧ୍ୟ ଆଙ୍କିଥିଲେ। ଉକ୍ତ ଛାତ୍ରୀ ଜଣକ ବ୍ରିଟେନର ବ୍ରିଷ୍ଟଲରେ ବସବାସ କରନ୍ତି। ଜ୍ୟାକି ମ୍ୟାକଡାନାଲ୍ଡ ନାମକ ଜଣେ ୩୦ ବର୍ଷ ବୟସର ମନୋବିଜ୍ଞାନ ଛାତ୍ରୀ ୨୦୧୯ରେ 'ଡକ୍ସସ୍ପର ବ ଚକ୍ସସ୍ପକ୍ସଭରକ୍ସ' ପାଇଁ ସାଇନ୍ ଅପ୍ କରିଥିଲେ। ଏହା ପରେ ସେ ୩୧ ବର୍ଷ ଆଲେକଜେଣ୍ଡର୍ ନାମକ ଜଣେ କଏଦୀ ସହ କଥା ହେବା ଆରମ୍ଭ କରିଥିଲେ। ଏହି କଏଦୀ ଡକାୟତି ମାମଲାରେ ଧରାପଡ଼ି ଜେଲ ଯାଇଥିଲା। କଥାବାର୍ତ୍ତା ହେଉହେଉ ଜ୍ୟାକିଙ୍କୁ କଏଦୀର କଣ୍ଠସ୍ୱର ବହୁତ ଭଲ ଲାଗିଥିଲା। ଜ୍ୟାକି ଡକାୟତର କଥାରେ ପ୍ରଭାବିତ ହୋଇ ଭଲ ପାଇ ବସିଥିଲେ। ଏମିତି କି ମନୋବିଜ୍ଞାନ ଛାତ୍ରୀ ୩ ମାସ ମଧ୍ୟରେ କଏଦୀକୁ ସାକ୍ଷାତ ନକରି ଛାତିରେ କୁଖ୍ୟାତ ଅପରାଧୀ ନାମରେ ଟାଟୁ ବି ଆଙ୍କି ଦେଇଥିଲେ। ଏହା ପରେ ସେ ଅପରାଧୀକୁ ଭେଟିବା ପାଇଁ ଆମେରିକାରେ ପହଞ୍ଚିଥିଲେ। ପ୍ରଥମ ଥର ପାଇଁ ପରସ୍ପରକୁ ଭେଟିବା ପରେ ଅପରାଧୀ ନିଜେ ଜେଲରେ ଥାଇ ଛାତ୍ରୀଙ୍କୁ ପ୍ରେମ ପ୍ରସ୍ତାବ ଦେଇଥିଲା। ଏହା ପରେ ଦୁହିଁଙ୍କ ନିର୍ବନ୍ଧ ହୋଇଯାଇଥିଲା।

# ଟ୍ରେନ୍‌ରେ ଆବଶ୍ୟକ ହୁଏ ଭିସା ଓ ପାସପୋର୍ଟ



ଭାରତୀୟ ରେଲୱେ ବିଶ୍ୱର ଚତୁର୍ଥ ଏବଂ ଏସିଆର ଦ୍ୱିତୀୟ ସବୁଠାରୁ ବଡ ରେଲୱେ ନେଟୱର୍କ। ଭାରତରେ ସମୁଦାୟ ୮୩୩୮ ରେଲୱେ ଷ୍ଟେସନ ଅଛି। କିନ୍ତୁ ଜାଣିଛନ୍ତି କି ଦେଶରେ ଏମିତି ଏକ ରେଲୱେ ଷ୍ଟେସନ ଅଛି ଯେଉଁଠିକି ଯିବା ପାଇଁ ଆପଣଙ୍କୁ ଭିସା ଏବଂ ପାସପୋର୍ଟ ଆବଶ୍ୟକ ପଡିଥାଏ। ଯଦି କେହି ବିନା ଭିସାରେ ଯାଏ ତେବେ ତାକୁ ଜେଲ୍ ଯିବାକୁ ପଡିପାରେ। ଏହି ରେଲୱେ ଷ୍ଟେସନର ନାଁ ଅଟାରୀ। ଏବେ ଏହି ଷ୍ଟେସନ ଅଟାରୀ ଶ୍ୟାମ ସିଂହ ଷ୍ଟେସନ ନାଁରେ ଜଣାଯାଏ। ଏଠାକୁ ଯିବା ପାଇଁ ପାକିସ୍ତାନୀ ଭିସା ବାଧ୍ୟତାମୂଳକ କରିଦିଆଯାଇଛି। ଗୁଇନ୍ଦା ଏବଂ ସୁରକ୍ଷା ଏଜେନ୍ସିରେ ୨୪ ଘଣ୍ଟା ଘେରିରହିଥିବା ଏହି ରେଲୱେ ଷ୍ଟେସନକୁ ବିନା ଭିସାରେ ପହଞ୍ଚିଲେ ଦେଶର କୌଣସି ବି ନାଗରିକ ବିରୁଦ୍ଧରେ ୧୪ ଫରେନ୍ ଆକ୍ଟ ଅନୁସାରେ ମାମଲା ରୁଜୁ କରାଯାଇପାରେ। ଏହି ରେଲୱେ ଷ୍ଟେସନରୁ ଦେଶର ସବୁଠାରୁ ଭିଭିଆଇପି ଟ୍ରେନ୍ ସମଝୌତା ଏକ୍ସପ୍ରେସକୁ ଗ୍ରୀନ୍ ସିଗନାଲ୍ ମିଳେ। କହିରଖୁଛୁ ସମଝୌତା ଏକ୍ସପ୍ରେସ କଶ୍ମୀରର ଧାରା ୩୭୦ ହଟିବା ପରଠୁ ବନ୍ଦ ଅଛି। ଏହା ଦେଶର ପ୍ରଥମ ରେଲୱେ ଷ୍ଟେସନ ଯେଉଁଠି ଟ୍ରେନକୁ ସବୁଜ ପତାକା ଦେଖାଇବା ପାଇଁ ସୀମା ଶୁଳ୍କ ବିଭାଗ ସହିତ ଟ୍ରେନରେ ବସିଥିବା ଯାତ୍ରୀଙ୍କଠୁ ଅନୁମତି ନିଆଯାଏ। ଏହା ହେଉଛି ଦେଶର ଶେଷ ରେଲୱେ ଷ୍ଟେସନ। ଏହାର ଗୋଟେ ପଟେ ଅମୃତସର ଏବଂ ଅନ୍ୟ ପଟେ ଲାହୋର। ଟ୍ରେନ୍ ବନ୍ଦ ହେବା ପରେ ମଧ୍ୟ ଷ୍ଟେସନରେ ସବୁବେଳେ କିଛି ନା କିଛି ଜରୁରି କାମ ଚାଲିଥାଏ।

# ଅପରାଜିତା ଫୁଲରୁ ବ୍ଲୁ ଟି'



ସାଧାରଣତଃ ଚା ପିଇବାକୁ ସମସ୍ତ ଭଲ ପାଆନ୍ତି। ଅନେକ ଲୋକ ଭିନ୍ନ ଚା ପିଅନ୍ତି। ଯେପରିକି ଆପଣ ନିଶ୍ଚିତ ଭାବରେ ମସାଲା ଚା, ଗ୍ରୀନ ଟି ଓ ବ୍ଲାକ ଟି ନାମ ଶୁଣିଥିବେ। ସେହିଭଳି ସ୍ୱାସ୍ଥ୍ୟ ଏବଂ ଟେଷ୍ଟ ବିଷୟରେ କହିବାକୁ ଗଲେ ବ୍ଲୁ ଟି' ମଧ୍ୟ ଆଗରେ ରହିଛି। ପ୍ରାକୃତିକ ଉପାଦାନରୁ ପ୍ରସ୍ତୁତ ଏହି ଚା'ରେ ଆଣ୍ଟି-ଅକ୍ସିଡାଣ୍ଟ, ଆଣ୍ଟି-ଇନ୍‌ଫ୍ଲାମେଟୋରୀ, ଆଣ୍ଟି-ବ୍ୟାକ୍ଟେରିଆଲ୍ ଏବଂ ଆଣ୍ଟି-ସେପ୍ଟିକ୍ ଗୁଣ ରହିଛି ଯାହା ବହୁ ପ୍ରକାରରଯନ୍ତ୍ରଣାକୁ ଦୂର କରିଥାଏ । ଏହି ଚା 'ଅତ୍ୟନ୍ତ ଲାଭଦାୟକ ଅଟେ। ଏହି ବ୍ଲୁ ଟି' ପ୍ରକୃତରେ ଅପରାଜିତା ଫୁଲରୁ ତିଆରି ହୋଇଥାଏ ତେଣୁ ଏହାର ରଙ୍ଗ ନୀଳ। ଆୟୁର୍ବେଦ ଅନୁଯାୟୀ, ଅପରାଜିତା ଫୁଲକୁ ଔଷଧ ଭାବରେ ବ୍ୟବହାର କରାଯାଉଥିଲା। ତେବେ ଆସନ୍ତୁ ଜାଣିବା ବ୍ଲୁ ଟି' ପିଇବା ଦ୍ୱାରା କଣ ଲାଭ ମିଳିଥାଏ। ଯେଉଁମାନେ ଓଜନ ହ୍ରାସ କରିବାକୁ ଚାହାଁନ୍ତି, ସେମାନେ ଏହି ଚା' ପିଇପାରିବେ। ବ୍ଲୁ ଟି ' ପଲିଫେନୋଲରେ ପରିପୂର୍ଣ୍ଣ ଏବଂ ଏହା ମେଟାବୋଲିକ୍ ହାର ବୃଦ୍ଧି ପାଇଁ କାମ କରେ। ଏହା ସହ ମଧୁମେହ ରୋଗୀଙ୍କ ପାଇଁ ସୁଗାର ନିୟନ୍ତ୍ରଣ କରିବାରେ ଏହା ମଧ୍ୟ ସହାୟକ ହୋଇଥାଏ। ବିଶେଷକରି ଟାଇପ୍- ୧ ଡାଇବେଟିସ୍ ରେ ଏହା ଭଲ ଫଳାଫଳ ଦେଖାଏ। ଗ୍ରୀନ୍ ଟି ଅପେକ୍ଷା ବ୍ଲୁ ଟି 'ରେ ଅଧିକ ଆଣ୍ଟିଅକ୍ସିଡାଣ୍ଟ ଥାଏ । ଏହି ଚା ଏକ ରୋଗ ପ୍ରତିରୋଧକ ଶକ୍ତି ଭାବରେ କାମ କରେ। କର୍କଟ ରୋଗରେ ଏହି ଚା ପିଇବା ଦ୍ୱାରା ଅନେକ ଉପକାର ଦେଖାଯାଏ।



ବଲିଉଡ୍‌ର ଜଣାଶୁଣା ସୁନ୍ଦର ଏବଂ ଷ୍ଟାଇଲିଶ ଦେଖାଯାଉଥିବା ରିଚା ଚଢା ଖୁବ୍ ପରିଚିତ। ସେ ହିନ୍ଦୀ ଫିଲ୍ମ ଇଣ୍ଡଷ୍ଟ୍ରୀରେ ଅଲଗା ଅଲଗା ଚରିତ୍ର ପାଇଁ ବେଶ ଲୋକପ୍ରିୟ। ତାଙ୍କୁ ନେଇ ଏବେ ନୂଆ ଖବର ଶୁଣିବାକୁ ମିଳୁଛି। ବର୍ତ୍ତମାନ ବଲିଉଡରେ ନିଜର ଦମ୍‌ଦାର ଅଭିନୟ କରିବା ପରେ ଏବେ ହଲିଉଡରେ ଏଣ୍ଟ୍ରି କରିବାକୁ ଯାଉଛନ୍ତି। ଅଭିନେତ୍ରୀ ରିଚା ଚଢାଙ୍କୁ ହଲିଉଡ ଫିଲ୍ମ ଆପ୍ରୋଚ କରାଯାଇଛି। କୁହାଯାଉଛି କି ତାଙ୍କୁ ବଡ ଅଫର ମଧ୍ୟ ମିଳିଛି। ରିଚା ଏଥିରେ ରାଜକୀୟ ମାଲିକାଣୀ ଭୂମିକାରେ ନଜର ଆସିବେ। ଏହି ପ୍ରୋଜେକ୍ଟ ପାଇଁ ରିଚା ନିଜର ଟ୍ରେନିଂ ତଥା ତାଲିମ୍ ମଧ୍ୟ ଆରମ୍ଭ କରିଦେଇଛନ୍ତି। ଏବେ ରିଚା ଘୋଡାଚାଳନାର ଅଭ୍ୟାସ କରୁଛନ୍ତି। ଏହା ପୂର୍ବରୁ ରିଚା ବଏଫ୍ରେଣ୍ଡ ତଥା ଅଭିନେତା ଅଲ୍ଲୀ ଫେଜଲ ସହିତ ବିଗ୍ ବଜଟେ ଫିଲ୍ମରେ ନଜର ଆସିଥିଲେ। ଯାହାର ଫଟୋ ଏବଂ ଭିଡିଓ ନିଜ ଇନଷ୍ଟାଗ୍ରାମରେ ସେୟାର କରିଥିଲେ। ହଲିଉଡରେ ବଏଫ୍ରେଣ୍ଡଙ୍କୁ ସଫଳତା ମିଳିବା ପରେ ଏବେ ରିଚା ମଧ୍ୟ ହଲିଉଡରେ ଏଣ୍ଟ୍ରି ମାରିବାକୁ ଯାଉଛନ୍ତି। ରିଚାଙ୍କ ବ୍ୟକ୍ତିଗତ ଜୀବନ ବିଷୟରେ କହିବାକୁ ଗଲେ, ରିଚା ଏବେ ଅଲ୍ଲୀ ଫୈଜଲଙ୍କୁ ଦୀର୍ଘ ଦିନରୁ ଡେଟ୍ କରୁଛନ୍ତି। ଖବର ଆସିଥିଲା କି ଦୁହେଁ ଖୁବ୍ ଶୀଘ୍ର ବିବାହ କରିବେ । କରୋନା ପାଇଁ ତାଙ୍କ ବିବାହ ସ୍ଥଗିତ ରଖାଯାଇଥିଲା। ବର୍ତ୍ତମାନ ଦୁହିଁଙ୍କ ବିବାହକୁ ନେଇ ଅନେକ ଦିନରୁ ତାଙ୍କ ଫ୍ୟାନ୍ସମାନେ ଚାହିଁ ରହିଛନ୍ତି। ରିଚା ଖୁବ୍ ଶୀଘ୍ର 'ଫୁକରେ ୩'ରେ ମୁଖ୍ୟ ଭୂମିକାରେ ନଜର ଆସିବେ। ଏହି ଫିଲ୍ମର ସୁଟିଂ ଦିଲ୍ଲୀରେ ହେଉଛି। ଏଥିରେ ମଧ୍ୟ ପ୍ରମୁଖ ଭୂମିକାରେ ଅଲ୍ଲୀ ଫୈଜଲ ରହିଛନ୍ତି।

# ହଲିଉଡ୍‌ରେ ରିଚା ଚଢା

# କଳାଦହନା ର ରାଜ୍ୟ ସ୍ତରୀୟ ତୃତୀୟ ସ୍ୱନକ୍ଷତ୍ର ଉଚ୍ଛବ ଏବ ପଞ୍ଚମ ସାହିତ୍ୟ ସଂପାନ ଅନୁଷ୍ଠିତ



ବରଗଡ଼ ୬/୫(ନି.ପ୍ର): ସ୍ଥାନୀୟ ବିଜୁ ପଟ୍ଟନାୟକ ଟାଉନ ହଲ,ବରଗଡ ଠାରେ କଳା ଦହନା ସାଂସ୍କୃତିକ ଅନୁଷ୍ଠାନ,କଟାପାଲି, ବରଗଡ ତରଫରୁ ସମ୍ପାଦକ ତଥା ପ୍ରତିଷ୍ଠାତା କବି ଦିନେଶ ଭୋଇଙ୍କ ସମ୍ପାଦନାରେ ଏବଂ ସଭାପତି କବି ବିକ୍ରମ ସାହୁଙ୍କ ସଭାପତିତ୍ୱରେ ରାଜ୍ୟ ସ୍ତରୀୟ ତୃତୀୟ ସ୍ୱନକ୍ଷତ୍ର ଉଚ୍ଛବ ଏବଂ ପଞ୍ଚମ ସାହିତ୍ୟ ସଂପାନ ଅନୁଷ୍ଠିତ ହୋଇଯାଇଛି ।ସାହିତ୍ୟ,ନୃତ୍ୟ,ଆଲୋଚନା,ପୁସ୍ତକ ଉନ୍ମୋଚନ ସହ ନବୋଦୟ ଯୁବ ପୀଢ଼ି ମାନଙ୍କ ପାଇଁ ଉତ୍ସାହ ଜନକ ସମ୍ମାନ ସନନ୍ଦ ଏବଂ ପ୍ରୋତ୍ସାହନ ସୂଚକ ସମ୍ବର୍ଦ୍ଧନା ଦିଆଯାଇଥିଲା ।ଅନେକ ସୁଦୂର ଜିଲ୍ଲାରୁ ପାଖାପାଖି ୨୧ ଟି ଜିଲ୍ଲାରୁ ଅନେକ କବି କବୟିତ୍ରୀ ମାନେ ଧାଇଁ ଆସିଥିଲେ ।ମୁଖ୍ୟ ଅତିଥିରେ ନରେନ୍ଦ୍ର କୁମାର ହୋତା ବରପାଲିରୁ,ମୁଖ୍ୟ ବକ୍ତାରେ ଡ଼ଃ କୈବଲ୍ୟ ମିଶ୍ର ସୁବର୍ଣ୍ଣପୁରରୁ,ସମ୍ମାନିତ ଆଲୋଚକ ରେ ମଦନାନନ୍ଦ ସେଠ,ଝାରସୁଗୁଡାରୁ, ସମ୍ମାନିତ ଅତିଥିରେ ଡ଼ଃ ନିରଞ୍ଜନ ପଣ୍ଡା ସୁବର୍ଣ୍ଣପୁରରୁ,ସମ୍ମାନିତ ବକ୍ତାରେ ଓଡ଼ିଆ ଅଧ୍ୟାପିକା ସୁନିତା ପଣ୍ଡା,ସମ୍ବଲପୁରରୁ ଏବଂ ପ୍ରାରମ୍ଭିକ ଅଭିଭାଷଣ ତଥା ଦ୍ୱିତୀୟ ଅଧିବେଶନର ମଞ୍ଚ ସଞ୍ଚାଳୀକା ତଥା ସଂଯୋଜିକା ଭାବରେ ସଙ୍ଗୀତା ଦୀପ ମହୋଦୟା ଓ ପ୍ରଥମ ଅଧିବେଶନରେ ମଞ୍ଚ ପରିଚାଳନାରେ ଡ଼ଃ ଶ୍ରୀକାନ୍ତ ପଣ୍ଡା, ଭଦ୍ରକରୁ ପ୍ରଥମ ଅଧିବେଶନରେ ନିୟୋଜିତ ହୋଇଥିଲେ ।ପ୍ରଥମ ଅଧି ବେଶନରେ କବି ଦିନେଶ ଭୋଇଙ୍କ ଚତୁର୍ଥ ଆଧୁନିକ କବିତା ସଂକଳନ ’ ନେପଥ୍ୟର ଅସ୍ତରାଗ କବିତା ପୁସ୍ତକ ଉନ୍ମୋଚନ ସହ ତାର ପୃଷ୍ଠଭୂମିର ପାଠକୀୟ ନିର୍ଯ୍ୟାସ ପ୍ରତିପାଦନ କରିଥିଲେ ମୁଖ୍ୟବକ୍ତା ଏବଂ କବିତା ପୁସ୍ତକର ମୂଳ ଭାବନା ଏବଂ କାବ୍ୟିକ ଚିତ୍ରଣ ଉପସ୍ଥାପନା କରିଥିଲେ ଶ୍ରୀମତୀ ସୁନିତା ପଣ୍ଡା ଏବଂ କବିତା ପୁସ୍ତକଟିର ସାରଗର୍ଭକ ମର୍ମକୁ ଉପସ୍ଥାପନ କରିଥିଲେ ସମ୍ମାନିତ ଆଲୋଚକ ।ଏହା ସହିତ ଦ୍ୱିତୀୟ ଅଧିବେଶନରେ ସମ୍ମାନିତ ଅତିଥି ରୂପରେ ଡ଼ଃ ତନ୍ମୟୀ ଅଗସ୍ତି, ସୁବର୍ଣ୍ଣ ପୁରରୁ,ଡ଼ଃ ବୈରାଗୀ ଚରଣ ମଲ୍ଲିକ, ଅନୁଗୁଳରୁ ଏବଂ ଶରତ ଚନ୍ଦ୍ର ପାଢ଼ୀ ବରଗଡରୁ ଆସନ ଅଳଙ୍କୃତ କରିଥିଲେ ।ଦ୍ୱିତୀୟ ଅଧିବେଶନର ପ୍ରାରମ୍ଭିକ ଅଭି ଭାଷଣରେ ରିଙ୍କୁ ମେହେର,ବଲାଙ୍ଗୀରରୁ ନିୟୋଜିତ ଥିଲେ ।ସମ୍ବର୍ଦ୍ଧନା ଉଚ୍ଛବ ମଧ୍ୟ ଅନୁଷ୍ଠିତ ହୋଇଥିଲା ।ପ୍ରତି ବର୍ଷ ଦିଆ ଯାଉଥିବା ପ୍ରମୁଖ ଦୁଇଟି ସମ୍ମାନ ଯଥା କଳା କୋଶଳି କଳା ରଥି ସମ୍ମାନରେ ସୁଶୀଲ କୁମାର ମେହେର ମହୋଦୟ ଏବଂ କୋଶଳି ଭାଷା ରଥି ସମ୍ମାନରେ ତହଁକ୍ ସାହିତ୍ୟ କୁଟୁମ୍, ବଲାଙ୍ଗୀରକୁ ସମ୍ମାନିତ କରାଯଇଥିଲା ଏହା ସହିତ ଅନ୍ୟାନ୍ୟ ଜିଲ୍ଲାରୁ ଆସିଥିବା ସମସ୍ତ ଯୁବ ପୀଢ଼ି ତଥା ଆଗାମୀ ଅଧ୍ୟାୟର ଗୋଟେ ଗୋଟେ ମାଇଲ ଖୁଣ୍ଟ,ଭାଷା ସାହିତ୍ୟିକ, ନବୋଦୟ କବି ପୀଢ଼ି ସାହିତ୍ୟିକ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ ସମ୍ବଲପୁରରୁ ଲୋକ ନୃତ୍ୟ କଳାକାର ଗଣ ଏବଂ ବରଗଡରୁ କୁନି କୁନି ନୃତ୍ୟ ଶିଳ୍ପୀ ସହ ପ୍ରାରମ୍ଭିକ ନୃତ୍ୟ ପରିବେଷଣରେ କେନ୍ଦ୍ରାପଡ଼ାରୁ ମାନସ କୁମାର ଭଦ୍ର ଓଡିଶୀ ନୃତ୍ୟ କରିଥିଲେ, ସଂଗୀତକାର ମାନେ ସଙ୍ଗୀତ ପରି ବେଷଣ କରିଥିଲେ ।କବିତାକାର ମାନେ କବିତା ପାଠ କରିଥିଲେ ।ପରିଶେଷରେ କବୟିତ୍ରୀ ସନ୍ତୋଷିନୀ ନାଗ ଧନ୍ୟବାଦ ଅର୍ପଣ କରିଥିଲେ ଏବଂ ସଭାପତିଙ୍କ ଦ୍ୱାରା ସଭା ସାଙ୍ଗ ହୋଇଥିଲା ।

## ଡାବରଚୁଆ ନିକଟରେ ଗୋଠ ଛଡା ଦନ୍ତା



ପାଟଣା ୬/୫(ନି.ପ୍ର): ପାଟଣା ବନାଞ୍ଚଳ ଖିରେଇଟାଙ୍ଗିରୀ ସେକ୍ସନ ଅନ୍ତର୍ଗତ ଡାବରଚୁଆ ନିକଟରେ ଆଜି ଅପରାହ୍ନ ରେ ଗୋଟିଏ ଗୋଠ ଛଡା ଦନ୍ତା ଦେଖାଯାଇଛି । ଏହି ଦନ୍ତା ଟି ବିଭିନ୍ନ ସ୍ଥାନରେ ଘର ଭାଙ୍ଗୁ ଥିବାରୁ ଆଖ ପାଖ ଅଞ୍ଚଳବାସୀ ଚିନ୍ତା ରେ ଅଛନ୍ତି । ଖିରେଇଟାଙ୍ଗିରୀ ବନପାଳ ପୂର୍ଣ୍ଣଚନ୍ଦ୍ର ମହାନ୍ତ ଓ ବନ ବିଭାଗ ପାରା କର୍ମଚାରୀ ମାନେ ଏହି ଗୋଠ ଛଡା ଦନ୍ତା ର ଚଳ ପ୍ରଚଳ ଉପରେ ନଜର ରଖିଥିବା ଜଣାପଡିଛି ।

## ଖମୁଆଁରେ ଅଖଣ୍ଡ ଚବିଶ ପ୍ରହର ନାମଯଜ୍ଞ

ପାଟଣା ୦୫/୦୫/୨୦୨୫ କଳିଙ୍ଗ ଜ୍ୟୋତି : କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ସରାସକୋଲା ପଞ୍ଚାୟତ ଅନ୍ତର୍ଗତ ଖମୁଆଁ ଗ୍ରାମରେ ସ୍ଥାନୀୟ ସଙ୍କୀର୍ତ୍ତନ ମଣ୍ଡଳୀ ଓ ଗ୍ରାମବାସୀ ଙ୍କ ମିଳିତ ଉଦ୍ୟମ ରେ ଅଖଣ୍ଡ ଚବିଶ ପ୍ରହର ନାମ ଯଜ୍ଞ ଆରମ୍ଭ ହୋଇଛି । ଏହି ଚବିଶ ପ୍ରହର ନାମଯଜ୍ଞ ଦୀର୍ଘ ବର୍ଷ ଧରି ଖମୁଆଁ ଗ୍ରାମରେ ହୋଇ ଆସୁଛି ।ଏହି ନାମଯଜ୍ଞରେ ପୂଜକ ତରୁଣ କୁମାର ତ୍ରିପାଠୀ ପୂଜାର୍ଚ୍ଚନା କାର୍ଯ୍ୟ ସମ୍ପାଦନ କରୁଛନ୍ତି । ଚବିଶ ପ୍ରହର ନାମଯଜ୍ଞ ରେ ଜିଲ୍ଲା ଓ ମୟୂରଭଞ୍ଜ ର ବିଭିନ୍ନ ପ୍ରାନ୍ତର ସୁନାମ ଧନ୍ୟ ନାମ ସଂକୀର୍ତ୍ତନ ମଣ୍ଡଳୀ ଯୋଗଦାନ କରି ନାଁ ସଂକୀର୍ତ୍ତନ ପରିବେଷଣ କରୁଛନ୍ତି ।ଯୋଗଦାନ କରିଥିବା ସଂକୀର୍ତ୍ତନ ଦଳ ଗୁଡିକ ଶିମିଳିପାଳ ନିକଟ ଗିରିଶଚନ୍ଦ୍ରପୁର ବାରିପଦା ନିକଟ କାଦୁଆଲ ବନ୍ଧ ,ମୟୁରଭଞ୍ଜ ନିକଟ ସାଳଗାଁ , ଶିମିଳିପାଳ ନିକଟ କନ୍ଧଳିଆ, ସାହାରପଡା ବ୍ଲକ ର ଲୁଙ୍ଗା ଓ ସ୍ଥାନୀୟ ଖମୁଆଁ ସଙ୍କୀର୍ତ୍ତନ ମଣ୍ଡଳୀ ଏହି ଚବିଶ ପ୍ରହର ନାମ ଯଜ୍ଞ ରେ ଅଖଣ୍ଡ ନାମ ସଂକୀର୍ତ୍ତନ ପରିବେଷଣ କରୁଛନ୍ତି ।ସୋମବାର ଦିନ ନଗର କୀର୍ତ୍ତନ ସହ ନାମ ଯଜ୍ଞ ଶେଷ ହେବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି ।ଏହି ନାମ ଯଜ୍ଞ ରେ ବହୁସଂଖ୍ୟାରେ ଜନସାଧାରଣ ଯୋଗ ଦେଉଥିବା ଦେଖାଯାଉଛି ।

## ତୁରୁମୁଙ୍ଗା ଶିଶୁ ବିଦ୍ୟାମନ୍ଦିର ରେ ଛାତ୍ର ଛାତ୍ରୀ ଙ୍କୁ ସମ୍ବର୍ଦ୍ଧନା



ପାଟଣା ୬/୫(ନି.ପ୍ର): ପାଟଣା ବ୍ଲକ ଅନ୍ତର୍ଗତ ତୁରୁମୁଙ୍ଗା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ମାଟ୍ରିକ ପରୀକ୍ଷାରେ ରେ ଶତ ପ୍ରତିଶତ ସଫଳତା ପାଇବା ପରେ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ବିଦ୍ୟାଳୟ ଛାତ୍ର ଛାତ୍ରୀ ମାନଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ମୋଟ ୨୮ ଜଣ ଛାତ୍ର ଛାତ୍ରୀ ଙ୍କ ମଧ୍ୟରେ ଏ-୧ ୧ଜଣ , ଏ -୨ ୩ଜଣ , ବି -୧ ୧୧ ଜଣ , ବି -୨ ୦୯ , ସି ୯ଜଣ , ଡି ୩ଜଣ ଓ ଇ ୧ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି । ଆଜି ବିଦ୍ୟାଳୟ ସଭାପତି ପ୍ରଦୀପ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଥିଲା । ଏଥିରେ ବିଦ୍ୟାଳୟର ଉପ ସଭାପତି ସୁଧାଂଶୁ ଶେଖର ସାହୁ , ସମ୍ପାଦକ ପ୍ରମୋଦ କୁମାର ସାହୁ , ଶୁଭେଚ୍ଛୁ ସତ୍ୟବାଦୀ ସାହୁ ଉପସ୍ଥିତ ଥିଲେ । ପ୍ରଧାନ ଆଚାର୍ଯ୍ୟ ଚିତ୍ତରଞ୍ଜନ ମହାନ୍ତ ଅତିଥିଙ୍କ ପରିଚୟ ପ୍ରଦାନ କରିଥିବା ବେଳେ ଆଚାର୍ଯ୍ୟକ୍ଷ ଲୀଳାବତୀ ମହାନ୍ତ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ । ଏହି ଅବସରରେ ଏ -୧ ପାଇଥିବା କୃତୀ ଛାତ୍ରୀ ସାଇସ୍ମିତା ମିଶ୍ରଏବଂ ପ୍ରାଦେଶିକ ମେଧା ବୃତ୍ତି ରେ ରାଜ୍ୟରେ ୯ମ ସ୍ଥାନ ହାସଲ କରିଥିବା ଛାତ୍ର ଆୟୁଷ ଅଭିଜ୍ଞାନ ବେହେରା ଓ ଶ୍ରୀ ଭାରତୀ କୃଷ୍ଣ ଗଣିତ ପ୍ରତିଭାରେ ରାଜ୍ୟରେ ୩ୟ ସ୍ଥାନ ହାସଲ କରିଥିବା ଛାତ୍ର ପ୍ରତ୍ୟୁଷ କୁମାର ବାରିକ ଙ୍କୁ ପୁଷ୍ପଗୁଚ୍ଛ ଦେଇ ବିଦ୍ୟାଳୟ ପରିସରରେ ସମ୍ବର୍ଦ୍ଧିତ କରାଯାଇଥିଲା ।ପାଟଣା ବ୍ଲକ ଟପ୍ପର ହୋଇଥିବା ରାଜନଗର ଝିଅ ତଥା ତୁରୁମୁଙ୍ଗା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ମେଧାବୀ ଛାତ୍ରୀ ସାଇସ୍ମିତା ମିଶ୍ର ସର୍ବୋଚ୍ଚ ୫୫୮ (୯୩%) ମାର୍କ ରଖି ଟପ୍ପର ହେବା ତାଙ୍କର ନିରନ୍ତର ଅଧ୍ୟବସାୟ, କଠୋର ପରିଶ୍ରମ, ନିଷ୍ଠା ଏବଂ ସମର୍ପଣର ପ୍ରତିଫଳନ ବୋଲି ଅତିଥି ମାନେ ମତ ରଖିଥିଲେ । ପରିଶେଷରେ ଆଚାର୍ଯ୍ୟ ଗୋକୁଳ ଚନ୍ଦ୍ର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

## ନୂତନ ଜିଲ୍ଲା ବିଜେଡି ସଭାପତିଙ୍କୁ ଶୁଭେଚ୍ଛା

ପାଟଣା ୬/୫(ନି.ପ୍ର): ରାଜ୍ୟ ବିଜୁ ଜନତା ଦଳ ପକ୍ଷରୁ କେନ୍ଦୁଝର ଜିଲ୍ଲା ପାଇଁ ନୂଆ ବିଜେଡି ସଭାପତି ଭାବେ ଆଶିଷ ଚକ୍ରବର୍ତ୍ତୀଙ୍କ ନାଁ ଘୋଷଣା ପରେ ଦଳୀୟ କର୍ମୀ ମାନଙ୍କ ମଧ୍ୟରେ ଉତ୍ସାହ ବୃଦ୍ଧି ପାଇଛି । ପୂର୍ବତନ ପାଟଣା ବିଧାୟକ ଜଗନ୍ନାଥ ନାଏକ ନୂଆ ଜିଲ୍ଲା ସଭାପତିଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇବା ସହ ଦଳ ଅଧିକ ସୁସଂଗଠିତ କରାଇବାରେ ଶ୍ରୀ ଚକ୍ରବର୍ତ୍ତୀ ଙ୍କ ନିଯୁକ୍ତି ବେଶ ଫଳପ୍ରଦ ହେବ ବୋଲି କହିଛନ୍ତି । ସେହିପରି ପାଟଣା ବ୍ଲକର ବିଜୁ ଜନତା ଦଳର ସଭାପତି ଥିବା ମାଧବାନନ୍ଦ ପୃଷ୍ଟି , ଯୁବନେତା ରଣଜିତ ଚକ୍ର ମଧ୍ୟ ଶ୍ରୀ ଚକ୍ରବର୍ତ୍ତୀ ଙ୍କ ଜିଲ୍ଲା ସଭାପତିଙ୍କ ନିଯୁକ୍ତି କୁ ସ୍ୱାଗତ କରିଛନ୍ତି । ଦ୍ୱିତୀୟ ଥର ପାଇଁ ଶ୍ରୀ ଚକ୍ରବର୍ତ୍ତୀ ଜିଲ୍ଲା ବିଜେଡି ସଭାପତି ହେବା ଦଳ ପାଇଁ ଶୁଭଙ୍କର ହେବ ବୋଲି ସେମାନେ ମତ ରଖିଛନ୍ତି ।

# ସରକାର ଓ ସଂଗଠନର ମିଳିତ ପ୍ରୟାସରେ କୃଷି କ୍ଷେତ୍ରରେ ଓଡ଼ିଶା ଅଗ୍ରଣୀ ରାଜ୍ୟ ହେବ: ମନମୋହନ ସାମଲ

ଭୁବନେଶ୍ୱର, ୬/୫(ନି.ପ୍ର): ରାଜ୍ୟରେ ବିଜେପି ସରକାର ଗଠନ କରିବା ପରେ ଚାଷୀମାନଙ୍କୁ ସମୃଦ୍ଧ କରିବା ପାଇଁ ସ୍ୱଳ୍ପ ସମୟ ମଧ୍ୟରେ କରିଥିବା କୃଷକ କଲ୍ୟାଣକାରୀ ଯୋଜନା ଏକ ଐତିହାସିକ ପଦକ୍ଷେପ । ଧାନ କୁଇଂଟାଲ ପିଛା ୩୧୦୦ ଟଙ୍କା ଦେବା, ୫୮ ସବ୍‌ଡିଭିଜନରେ ଶୀତଳ ଭଣ୍ଡାର କରିବା, ୧୫ ଲକ୍ଷ ହେକ୍ଟର ଜମିକୁ ଜଳ ସେଚିତ କରିବା ନିଷ୍ପତି, ସିଏମ୍ କିଶାନ ଯୋଜନା ଇତ୍ୟାଦି କୃଷକ କଲ୍ୟାଣକାରୀ ଯୋଜନା ଓଡ଼ିଶାର ଚାଷୀମାନଙ୍କ ଆୟକୁ ଦୁଗୁଣିତ କରିବା ସହ ରାଜ୍ୟକୁ ଖାଦ୍ୟଶସ୍ୟରେ ଆତ୍ମନିର୍ଭରଶୀଳ କରିବ ବୋଲି ଭୁବନେଶ୍ୱର ମାଷ୍ଟରକ୍ୟାଂଟିନ୍‌ଠାରେ କୃଷକ ମୋର୍ଚ୍ଚା ପକ୍ଷରୁ ଆୟୋଜିତ ଗୁରୁତ୍ୱପୂର୍ଣ୍ଣ ବୈଠକରେ ରାଜ୍ୟ ସଭପତି ଶ୍ରୀ ମନମୋହନ ସାମଲ କହିଛନ୍ତି । ଶ୍ରୀ ସାମଲ କହିଛନ୍ତି ଯେ, ବିଜେପି ସରକାର ଧାନର ସହାୟକ ମୂଲ୍ୟ ବୃଦ୍ଧି କରିବା ସହ କୃଷି ଭିତିଭୂମିର ବିକାଶ ପାଇଁ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି । ସରକାରଙ୍କ ଏସବୁ କୃଷି କଲ୍ୟାଣକାରୀ ଯୋଜନାଗୁଡ଼ିକୁ ରାଜ୍ୟର ସବୁ ଲୋକଙ୍କ ପାଖରେ ପହଂଚାଇବାକୁ ସେ କୃଷକ ମୋର୍ଚ୍ଚାର କାର୍ଯ୍ୟକର୍ତାମାନଙ୍କୁ ଆହ୍ୱାନ ଦେଇଥିଲେ । ରାଜ୍ୟ ସରକାର ଓ ସଂଗଠନର ମିଳିତ ପ୍ରୟାସରେ ଓଡ଼ିଶାକୁ କୃଷି କ୍ଷେତ୍ରରେ ଏକ ଅଗ୍ରଣୀ ରାଜ୍ୟରେ ପରିଣତ କରିହେବ ବୋଲି ଶ୍ରୀ ସାମଲ କହିଛନ୍ତି । ଉପମୁଖ୍ୟମନ୍ତ୍ରୀ କେ.ଭି. ସିଂହଦେଓ କହିଛନ୍ତି ଯେ, କୃଷକଙ୍କୁ ନୂଆ ବୈଷୟିକ ଜ୍ଞାନ ଓ କୌଶଳ ପ୍ରଦାନ କରିବା ପାଇଁ ରାଜ୍ୟ ସରକାର ଅନେକ ପଦକ୍ଷେପ ନେଇଛନ୍ତି । କେବଳ ଧାନ ନୁହେଁ ଅନ୍ୟାନ୍ୟ ଚାଷ କ୍ଷେତ୍ରରେ ରାଜ୍ୟ ଏବେ ରପ୍ତାନୀ ରାଜ୍ୟ ଭାବେ ପରିଣତ ହୋଇଛି । ଢେଙ୍କାନାଳରୁ ଆମ୍ବ, ବଲାଙ୍ଗୀରରୁ ଷ୍ଟ୍ରବେରୀ ଏବଂ ଜୈବିକ ଫଳ ରପ୍ତାନି କରାଯାଉଛି । ୫୮ଟି ଉପଖଣ୍ଡରେ ଏଲଇଡି ମାଧ୍ୟମରେ ଚାଷୀଙ୍କୁ କୃଷକ କଲ୍ୟାଣ ଯୋଜନା



ବିଷୟରେ ଅବଗତ କରାଯାଉଛି । ସରକାର ସବୁଜ ବିପ୍ଳବ ଉପରେ ଗୁରୁତ୍ୱ ଦେଉଛନ୍ତି । ଯାହା ଚାଷୀଙ୍କୁ ଆଗାମୀ ଦିନରେ ତିନିଗୁଣ ଲାଭ ଦେବ ବୋଲି ଶ୍ରୀ ସିଂଦେଓ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି । ମନ୍ତ୍ରୀ ସୁରେଶ ପୂଜାରୀ ଅଦିନିଆ ବର୍ଷାକୁ ପ୍ରାକୃତିକ ବିପର୍ଯ୍ୟୟ ଘୋଷଣା କରି ଚାଷୀଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିବା ଉପରେ ଗୁରତ୍ୱାରୋପ କରିଥିଲେ । କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ମହେଶ୍ୱର ସାହୁଙ୍କ ସଭାପତିତ୍ୱରେ ଏହି ବୈଠକ ଆୟୋଜନ କରାଯାଇଥିଲା । ଏହି ଅବସରରେ ଶ୍ରୀ ସାହୁ କହିଛନ୍ତି ଯେ, ରାଜ୍ୟର ୨୦ଟି ଜିଲ୍ଲାରେ ୧୭ ଲକ୍ଷ ମେଟ୍ରିକ ଟନ୍ ରବି ଧାନ କିଣାଯିବ । ଏହି ଧାନ କିଣା କାରବାରବେଳେ ସମସ୍ତ ଧାନମଣ୍ଡିରେ ବିଜେପି କୃଷକ ମୋର୍ଚ୍ଚାର କାର୍ଯ୍ୟକର୍ତାମାନେ ଜାଗ୍ରତ ପ୍ରହରୀ ଭଳି କାମ କରିବେ । ଯେଉଁ ପ୍ରଶାସନିକ ଅଧିକାରୀ ଓ ମିଲର ବାଧା ସୃଷ୍ଟି କଲେ ସେମାନଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନେବାକୁ ସରକାର ନିଷ୍ପତି ନେଇଛନ୍ତି ବୋଲି ଶ୍ରୀ ସାହୁ କହିଛନ୍ତି । ବୈଠକରେ ସଙ୍ଗଠନ ମହାମନ୍ତ୍ରୀ ମାନସ ମହାନ୍ତି, ରାଜ୍ୟ ଉପସଭାପତି ତଥା କୃଷକ ମୋର୍ଚ୍ଚା ପ୍ରଭାରୀ ଗୋଲକ ମହାପାତ୍ରଙ୍କ ସମେତ ଶିବାଜୀ ମହାନ୍ତି, ହଳପାଣି ମାଝୀ, ପୁଲିନ ପୁହାଣ, ଉପେନ୍ଦ୍ର ଭଞ୍ଜ, ମନୋଜ ସାହୁ, ପ୍ରଶାନ୍ତ ସ୍ୱାଇଁ, ବିକ୍ରମ କେଶରୀ ରାଉତରାୟ, ବିଶ୍ୱଜିତ୍ ସ୍ୱାଇଁ, ଜଗନ୍ନାଥ ମହାପାତ୍ର, କେଶରୀ ଦୁର୍ଗା, ସୁମନ୍ତ ମହାରଣା, ଲକ୍ଷ୍ମଣ ତ୍ରିପାଠୀ, ଗୋବିନ୍ଦ ପ୍ରଧାନ, ସନ୍ତୋଷ ସ୍ୱାଇଁ, ପ୍ରଭାକର ସ୍ୱାଇଁ, ଶ୍ରୀନିବାସ ପ୍ରଧାନ, ଅଜୟ ପ୍ରଧାନ ଏବଂ ସମସ୍ତ ଜିଲାର ଧାନ ସଂଗ୍ରହ କମିଟି ଚାଷୀ ପ୍ରତିନିଧମାନେ ଉପସ୍ଥିତ ଥିଲେ ।

## ପ୍ରଚଣ୍ଡ ଖରା ଗରମ ଗୁଳୁଗୁଳିରୁ ଆଶ୍ୱସ୍ତି ଦେଇ ପାରୁନି କାଳବୌଶାଖୀ

ହିଞ୍ଜିଳିକାଟୁ ୬/୫(ନି.ପ୍ର): କିଛି ଦିନ ହେଲା ହିଞ୍ଜିଳିକାଟୁ ସହର ସମେତ ନିକଟବର୍ତ୍ତୀ ଅଞ୍ଚଳରେ ପ୍ରଚଣ୍ଡ ଖରା ସାଙ୍ଗକୁ ଅସହ୍ୟ ଗୁଳଗୁଳି ଅନୁଭୂତ ହେଉଛି । ଏଥିରେ ସାଧାରଣ ଜନଜୀବନ ଅସ୍ତବ୍ୟସ୍ତ ହୋଇ ପଡିଛି । ଗତ ୨/୩ ଦିନ ଧରି ରାତ୍ର ସମୟରେ ସ୍ଥାନୀୟ ଅଞ୍ଚଳରେ କାଳବୌଶାଖୀ ପ୍ରଭାବରେ ପବନ ସାଙ୍ଗକୁ ସାମାନ୍ୟ ବର୍ଷା ହେଉଥିଲା । ଶନିବାର ଦିନତମାମ ପ୍ରଚଣ୍ଡ ରୌଦ୍ରତାପରେ ଗ୍ରୀଷ୍ମ ପ୍ରବାହ ଜାରୀ ରହିଥିଲା । କିନ୍ତୁ ଅପରାହ୍ନରେ ପାଗ ସାମାନ୍ୟ ମେଘୁଆ ରହିବା ସହ ସନ୍ଧ୍ୟାରେ ପ୍ରାୟ ୫ ମିନିଟ ପାଇଁ ବର୍ଷା ହୋଇଥିଲା । ଏହା ଗରମ ଓ ଗୁଳୁଗୁଳିରୁ ଆଶ୍ୱସ୍ତି ଦେବା ପାଇଁ ଯଥେଷ୍ଟ ନଥିଲା । ଅନ୍ୟପକ୍ଷରେ ରବିବାର ମଧ୍ୟ ସକାଳ ୮ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଟାଣଖରା ଅନୁଭୂତ ହୋଇଥିଲା । ସୋମବାର ସହରରେ ତାପମାତ୍ରା ୩୯ଢ଼ ରହିଥିବା ବେଳେ ୪୨ଢ଼ ସେଲସିଅସ ଭଳି ଅନୁଭୂତ ହେଉଥିଲା । ଗରମରୁ ରକ୍ଷା ପାଇବା ପାଇଁ ପଙ୍ଖା, ଏସି, କୁଲର ଆଦିର ଅହେତୁକ ବ୍ୟବହାର ବୃଦ୍ଧି ପାଉଛି । ତେବେ ସେଥିରେ ମଧ୍ୟ ଅଘୋଷିତ ବିଦ୍ୟୁତ କାଟ ଦାଉ ସାଧୁଛି । ପଦାକୁ ବାହାରିଲେ ଲୋକମାନେ ଛତା, ଜୋତା, ଟୋପି, ହେଲମେଟ ଆଦି ବ୍ୟବହାର କରିବାକୁ ବାଧ ହେଉଛନ୍ତି । ପ୍ରଚଣ୍ଡ ଗରମ ସାଙ୍ଗକୁ ତୃଷା ମେଣ୍ଟାଇବା ପାଇଁ ଲସି, ଜୁସ୍ ?, ସୋଢା, ଆଖୁରସ ଆଦି ଦୋକାନରେ ଭିଡ ଜମୁଛି । ଏଭଳି ପରିସ୍ଥିତିରେ ଲୋକେ କାଳବୈଶାଖୀକୁ ଚାତକ ଭଳି ଚାହିଁ ବସିଛନ୍ତି । କାଳବୈଶାଖୀ ପ୍ରଭାବରେ ସାମାନ୍ୟ ପବନ କିମ୍ବା ବର୍ଷା ହେଲେ ରାତିରେ ଗୁଳୁଗୁଳିରୁ ସାମାନ୍ୟ ଆଶ୍ୱସ୍ତ ଲାଭ କରୁଛନ୍ତି ।

## ଡାବୁଗାଁ ବ୍ଲକ ସମ୍ମିଳନୀ କକ୍ଷ ଠାରେ ପଞ୍ଚାୟତ ସମିତି ସାଧାରଣ ବୈଠକ ଅନୁଷ୍ଠିତ



ନବରଙ୍ଗପୁର୬/୫(ନି.ପ୍ର): ଆଜି ଦିନ ୧୨ ଘଣ୍ଟା ସମୟରେ ଡାବୁଗାଁ ବ୍ଲକ ସମ୍ମିଳନୀ କକ୍ଷ ଠାରେ ପଞ୍ଚାୟତ ସମିତି ସାଧାରଣ ବୈଠକ ଅନୁଷ୍ଠିତ ହେଲା । ବ୍ଲକ ଅଧକ୍ଷା ବୀଣା ମାଝିଙ୍କ ଅଧକ୍ଷତା ରେ ଆୟୋଜିତ ବୈଠକ ରେ ଉପସ୍ଥିତି ଥିଲେ ଡାବୁଗାଁ ବିଡ଼ିଓ ଶରତ ମାଝୀ, ବିଧାୟକ ପ୍ରତିନିଧି ଏମ ବୁଲୁ ରାଓ, ଜିଲ୍ଲାପାରୁଷଦ ସଭ୍ୟ ଧନସିଂ ଭତ୍ରା ପିଇଓ ଏଡି ପ୍ରସାଦ,ସ୍ଥାନୀୟ ଅଂଚଳର ଜନପ୍ରତିନିଧି ମାନେ, ସମିତି ସଭ୍ୟ, ସମସ୍ତ ସରପଞ୍ଚ ଏବଂ ସରକାରୀ କର୍ମଚାରୀ ମାନେ । ଆଜି ଏହି ଅବସରରେ ଡାବୁଗାଁ ବ୍ଲକ ରେ ଚଳିତ ବର୍ଷ ମେଟ୍ରିକ ପରୀକ୍ଷାରେ ବ୍ଲକ ଟପର ହୋଇଥିବା ଅନିଲ ନାୟକ ସହ ବ୍ଲକରେ ଦ୍ୱତୀୟ ଏବଂ ତୃତୀୟ ସ୍ଥାନ ଅଧିକାର କରିଥିବା କନ୍ୟାଶ୍ରମ ଏବଂ ବଡ଼ ଅଲମା ର ଦୁଇଜଣ ଛାତ୍ରୀଙ୍କୁ ଡାବୁଗାଁ ବିଡ଼ିଓ ଏବଂ ବ୍ଲକ ଅଧକ୍ଷା କିଛି ପୁରସ୍କାର ଦେଇ ସଂମ୍ମାନିତ କରିଥିଲେ । ଆଜିର କାର୍ଯ୍ୟକ୍ରମ ସୁରୁଖୁରୁରେ ସମ୍ପନ୍ନ ହେଲା ସତ କିନ୍ତୁ ବ୍ଲକ ଅଧୀନ ଅଧିକାଂଶ ବିଭାଗର କର୍ମଚାରୀ ମାନେ ଆଜିର ବୈଠକ ରେ ଉପସ୍ଥିତି ନଥିଲେ । କାର୍ଯ୍ୟକ୍ରମ ମଧ୍ୟ ନିର୍ଧାରିତ ସମୟ ଠାରୁ ଦୁଇ ଘଣ୍ଟା ବିଳମ୍ବରେ କରାଗଲା ।

## ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ର ଦ୍ୱାରସ୍ତ ହେଲା ଆମ୍ ଆଦମୀ ପାର୍ଟି

ବରଗଡ଼ ୬/୫(ନି.ପ୍ର): ଜିଲ୍ଲାପାଳ ଙ୍କ ଅଭିଯୋଗ ଶୁଣାଣି ର କେନ୍ଦ୍ର ବିନ୍ଦୁ ଥିଲା ବରଗଡ଼ ସଦର ।ଜିଲ୍ଲାର ବିଭିନ୍ନ ସମସ୍ୟା ନେଇ ପହଂଚି ଥିଲା ଆମ୍ ଆଦମୀ ପାର୍ଟି । ଗତ ଶନିବାର ଦିନ ବରଗଡ ଜିଲ୍ଲାରେ ହୋଇଥିବା ଅଦିନିଆ ବର୍ଷା ଓ କୁଆ ପଥର ମାଡ଼ ରେ ଜିଲ୍ଲାର ସମସ୍ତ ବ୍ଲକ ରେ ଧାନ ଫସଲ ବ୍ୟାପକ ଭାବେ ନଷ୍ଟ ହୋଇଥିବା ଜଣାପଡିଛି ତେଣୁ ସମସ୍ତ କ୍ଷୟ କ୍ଷତି କୁ ଆକଳନ କରି ଚାଷୀ ମାନଙ୍କୁ କ୍ଷତିପୂରଣ ଦେବାକୁ ଆପ୍ ଦାବୀ କରିଛି ।ସେହିପରି ବରଗଡ଼ ସହର ରେ ପରିମଳ ବ୍ୟବସ୍ଥା ଭୁଶୁଡି ପଡ଼ିଥିବା ବେଳେ କୌଣସି ପ୍ରକାର ଆଖି ଦୃଶିଆ ସଫେଇ କାର୍ଯ୍ୟ ହେଉ ନଥିବାରୁ ଏହା ପ୍ରତି ଧ୍ୟାନ ଦେଇ ପଦକ୍ଷେପ ନେବାକୁ ଦାବୀ କରିଛି ଆପ୍ । ସେହିପରି ମୁଣ୍ଡା ପଡା ଡ଼ମ୍ପିଙ୍ଗୟାର୍ଡ଼ କୁ ସ୍ୱଚ୍ଛ କରିବା କୁ ଗ୍ରୀନ ଟ୍ରିବୁନାଲ ନିର୍ଦ୍ଦେଶ ଦେଇଥିବା ସତ୍ୱେ କାହିଁକି ବିଳମ୍ବ କରଯାଉଛି ବୋଲି ରାଜ୍ୟ ସମ୍ପାଦକ ଭବାନୀ ସାହୁ ପ୍ରଶ୍ନ କରିଥିଲେ ସେହିପରି ବରଗଡ ସହର ମଧ୍ୟରେ ଥିବା ହସ୍ପିଟାଲ କୁ ସରକାର କାହିଁକି ଅବହେଳା କରୁଛି ବୋଲି ଆମ୍ ଆଦମୀ ପାର୍ଟି ପ୍ରଶ୍ନ କରିଛି । ଆପ୍ ପକ୍ଷରୁ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ସମ୍ପାଦକ ସ୍ୱରୂପ ଭୋଇ, ମହିଳା ନେତ୍ରୀ ମାରିୟମ ବାର୍ଲା, ଅସିତ ସାହୁ ଉପସ୍ଥିତ ଥିଲେ ।

## ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟରେ ସାମିଲ ହେଲା କାର୍ତ୍ତିକେଶ୍ୱର ନୋଡାଲ ସ୍କୁଲ୍

କଣାସ ୬/୫(ନି.ପ୍ର): ରାଜ୍ୟ ସରକାର ଶିକ୍ଷା କ୍ଷେତ୍ରରେ ପରିବର୍ତନ ଆଣିବା ପାଇଁ ଭିତ୍ତିଭୂମି ବିକାଶ,ଛତ୍ର ଛାତ୍ରୀଙ୍କ ପାଇଁ ବିଭିନ୍ନ ଯୋଜନା ପ୍ରଣୟନ କରୁଛନ୍ତି ଯାହା ଦ୍ୱାରା ଶିକ୍ଷାର ମୂଳଦୁଆ ସୁଦୃଢ ହୋଇପାରିବ । ଏହାରି ଭିତରେ ପ୍ରତି ପଞ୍ଚାୟରେ ଗୋଟିଏ ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟ ଖୋଲିବା ପାଇଁ ସରକାର ନିଷ୍ପତି ନେଇଛନ୍ତି ।ଏହି ପରିପ୍ରେକ୍ଷୀରେ କଣାସ ବ୍ଲକ କାଦୁଆ ପଞ୍ଚାୟତ କଉଡ଼ିଖୁଣି ଗ୍ରାମର କାର୍ତ୍ତିକେଶ୍ୱର ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ପ୍ରଥମକରି ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇ ଥିବାରୁ ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର ଓ କଣାସ ବ୍ଲକ ଶିକ୍ଷା ବିଭାଗର ଅଧିକାରୀ ବିଦ୍ୟାଳୟରେ ପହଞ୍ଚି ପରିଦର୍ଶନ କରିବା ସହ ଶିକ୍ଷକ ଶିକ୍ଷୟତ୍ରୀ,ଅଭିଭାବକ ଓ ଗ୍ରାମବାସୀଙ୍କ ସହ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ ।

# ଆମ ଆଦମୀ ପାର୍ଟି ପକ୍ଷରୁ ରବୀନ୍ଦ୍ର ନାଥ ସାହୁ ଙ୍କୁ ଜିଲ୍ଲା ଉପସଭାପତିଭାବେ ଘୋଷଣା

ନିମାପଡା ୬/୫(ନି.ପ୍ର): ପୁରୀ ଜିଲ୍ଲା ଗୋପ ବ୍ଲକ ନୟା ହାଟ ଫାଣ୍ଡି ଅନ୍ତର୍ଗତ ମଧୁବନ ଗ୍ରାମର ଯୁବ ସମାଜସେବୀ ତଥା ଆମଆଦମୀ ପାର୍ଟି ର ସକ୍ରିୟ କର୍ମୀ ରବୀନ୍ଦ୍ର ନାଥ ସାହୁ ଙ୍କୁ ପୁରୀ ଜିଲ୍ଲା ଆମ ଆଦମୀ ପାର୍ଟିର ଉପସଭାପତି ଭାବେ ଘୋଷଣା କରାଯାଇଛି ।ପୁରୀ ଠାରେ ରାଜ୍ୟ ସ୍ତରୀୟ ଦ୍ୱି ଦିବସିୟ ପ୍ରଶିକ୍ଷଣ ଶିବିରରେ ଓଡିଶା ର ପ୍ରଭାରୀ ତଥା ଦିଲ୍ଲୀ କ୍ୟାଣ୍ଟ ବିଧାୟକ ବିରେନ୍ଦ୍ର ସିଂ କଡ଼ିଆନ ମହୋଦୟ ଙ୍କ ଉପସ୍ଥିତିରେ ଓଡିଶା ରାଜ୍ୟ ସଭାପତି ନିଶିକାନ୍ତ ମହାପାତ୍ର ଙ୍କ ସହଯୋଗରେ ପୁରୀ ଜିଲ୍ଲାର ନୂତନ ସଭାପତି ଭାବେ ସଞ୍ଜୀବ କୁମାର ମହାନ୍ତି ଙ୍କୁ ଘୋଷଣା କରାଯାଇଥିବା ବେଳେ ରବୀନ୍ଦ୍ର ନାଥ ସାହୁ ଙ୍କୁ ଉପସଭାପତି ଭାବେ ଘୋଷଣା କରିଥିଲେ । ରବୀନ୍ଦ୍ର ନାଥ ସାହୁ ଜଣେ ନିଷ୍ଠାପର ,ସମାଜସେବୀ ,କର୍ମୀ ଭାବେ କାର୍ଯ୍ୟ ତୁଲାଉ ଥିବାର ଦେଖି ରାଜ୍ୟ ଆମ ଆଦମୀ ପାର୍ଟି ପକ୍ଷରୁ ପୁରୀ ଜିଲ୍ଲାର ନୂତନ ଉପସଭାପତି ଭାବେ ଘୋଷଣା କରାଯାଇଥିଲା । ପୁରୀ ଜିଲ୍ଲାରେ ପ୍ରତି ବ୍ଲକରେ ବିଜେଡ଼ି ଓ ବିଜେପି ଦଳ ମିଳିତ ଭାବେ କରୁଥିବା ଅନ୍ୟାନ୍ୟ ଦୁର୍ନୀତି ବିରୋଧ ରେ ସଂଗ୍ରାମ କରିବା ସହିତ ଆଗାମୀ ୨୦୨୭ ପଞ୍ଚାୟତ ନିର୍ବାଚନ ରେ ଜିଲ୍ଲାର ପ୍ରତି ପଞ୍ଚାୟତ ରେ ତୃଣମୂଳ ସ୍ତରରୁ ପାର୍ଟି ଜିତିବ ଏହି ଶିବିର ରେ ନୂତନ ଉପସଭାପତି ଶ୍ରୀ ସାହୁ ଶପଥ ଗ୍ରହଣ କରିଥିଲେ । ନୟା ହାଟ ଅଞ୍ଚଳର ଜଣେ ସକ୍ରିୟ ନେତା ଭାବେ ଚୟନ କରାଯାଇ ନୂତନ ଉପସଭାପତି ଭାବେ ଶ୍ରୀ ସାହୁକୁ ଘୋଷଣା କରାଯାଇଥିବାରୁ ।ନିମାପଡା ,ଗୋପ ,କାକଟପୁର ଓ ଅସ୍ତରଙ୍ଗ ବ୍ଲକରୁ ଶୁଭେଚ୍ଛା ର ସୁଅ ଛୁଟୁଥିଲା ।

## ଜିଲ୍ଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର



ବରଗଡ଼ ୬/୫(ନି.ପ୍ର): ବରଗଡ଼ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଜିଲ୍ଲାପାଳ ଆଦିତ୍ୟ ଗୋୟଲଙ୍କ ଅଧ୍ୟକ୍ଷତାରେ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି ।ଜିଲ୍ଲାପାଳ ଶ୍ରୀ ଗୋୟଲଙ୍କ ସମେତ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଲଲାଟ କୁମାର ଲୁହା,ଉପ ଜିଲ୍ଲାପାଳ ପ୍ରସନ୍ନ କୁମାର ପାଣ୍ଡେ ଏବଂ ଭାରପ୍ରାପ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ପ୍ରଶାନ୍ତ କୁମାର ଦାଶ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଥିଲେ ।ସୂଚନା ଯୋଗ୍ୟକି,ଉକ୍ତ ଶିବିରରେ ଜଳସେଚନ,ବିଦ୍ୟୁତ୍ ଯୋଗାଣ, ପାନୀୟ ଜଳ ଯୋଗାଣ,ରାସନ କାର୍ଡ,ବାର୍ଦ୍ଧକ୍ୟ ଏବଂ ବିକଳାଙ୍ଗ ଭତ୍ତା,ରାସ୍ତା ନିର୍ମାଣ, କୃଷି ଆଦି ସମସ୍ୟା ଅଧାରିତ ସମୁଦାୟ ୫୭ ଗୋଟି ଅଭିଯୋଗ ମଧ୍ୟରୁ ୩୫ ଗୋଟି ବ୍ୟକ୍ତିଗତ ଏବଂ ୨୨ ଗୋଟି ସାମୁହିକ ଅଭିଯୋଗର ଶୁଣାଣି କରି ସମସ୍ତ ସମସ୍ୟା ଗୁଡିକୁ ତୁରନ୍ତ ସମାଧାନ କରିବା ପାଇଁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

## ବିଶ୍ୱ ଶାନ୍ତି ଶିଖର ସମ୍ମିଳନୀରେ ଯୋଗ ଦେବେ କବି ଡ଼କ୍ଟର ପ୍ରସନ୍ନ କୁମାର ଦଳାଇ ; ଗଞ୍ଜାମ ମାଟି ପାଇଁ ଗୌରବ

ବେଲଗୁଣ୍ଠା ୬/୫(ନି.ପ୍ର): କଳା ଓ ସଂସ୍କୃତିର ଜିଲ୍ଲା ଗଞ୍ଜାମ ପାଇଁ ଗୌରବ ହେବାକୁ ଯାଉଛନ୍ତି କବିସୂର୍ଯ୍ୟନଗରର ବିଶିଷ୍ଟ କ୍ୱି ଓ ଲେଖକ ଡ଼କ୍ଟର ପ୍ରସନ୍ନ କୁମାର ଦଳାଇ ଓ କବି ଡକ୍ଟର୍ ଦଳାଇଙ୍କୁ ଯୁକ୍ତ ରାଷ୍ଟ୍ର ଆମେରିକାରୁ ଆସିଛି ନିମନ୍ତ୍ରଣ ଓ ସୂଚନା ପ୍ରକାରେ ଅମେରିକାର ଫ୍ଲୋରିଡା ସହରରେ ଆସନ୍ତା ସେପ୍ଟେମ୍ବର ମାସରେ ଅନୁଷ୍ଠିତ ହେବାକୁ ଥିବା ସପ୍ତମ ବିଶ୍ୱ ଶାନ୍ତି ଶିଖର ସମିଳନୀରେ ଭାଗ ନେବା ପାଇଁ ଡକ୍ଟର୍ ଦଳାଇଙ୍କୁ ସ୍ୱତନ୍ତ୍ର ନିମନ୍ତ୍ରଣ ଆସିଛି ଓ ସେଥିରେ ବିଶ୍ୱର ବିଶିଷ୍ଟ ସାହିତ୍ୟିକ ଓ ଶାନ୍ତିଦୂତ ସାମିଲ ହୋଇ ବିଶ୍ୱର ବିଭିନ୍ନ ବିଷୟରେ ଆଲୋଚନା କରିବେ ଓ ଡକ୍ଟର ଦଳାଇ ଏହି ନିମନ୍ତ୍ରଣ ପାଇବା ପରେ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି ଓ ଅତି ନିପଟ ମଫସଲ ଗାଁ ରୁ ଜନ୍ମିତ କବି ପ୍ରସନ୍ନ ଦଳାଇ ଆଜି ବିଶ୍ୱଦରବାରରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିବା ସହ ସମଗ୍ର ଭାରତ ବର୍ଷ ପାଇଁ ଗର୍ବ ଓ ଗୌରବ ଆଣିଦେଇଛନ୍ତି ।

## ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ତରଫରୁ ଜଳଛତ୍ର କାର୍ଯ୍ୟକ୍ରମ




ଗୁଣପୁର, ୬/୫(ନି.ପ୍ର): ଗ୍ରୀଷ୍ମ ଋତୁରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହକୁ ଲକ୍ଷ କରି ପ୍ରଶାସନ ତରଫରୁ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ଜଳ ଛତ୍ରର ବ୍ୟବସ୍ଥା କରାଯାଇଥାଏ । ପ୍ରଶାସନ ରାସ୍ତା କଡ଼ରେ , ଛକ ଜାଗାରେ ମାଟି ହାଣ୍ଡିରେ ପାଣି ଥୋଇ ତାର କାର୍ଯ୍ୟ ସମ୍ପାଦନ କରିଥାଏ । କିନ୍ତୁ ଆଜିକାଲି ତାହା ମଧ୍ୟ ଦେଖିବାକୁ ମିଳୁନାହିଁ । କାରଣ ସହରାଞ୍ଚଳରେ ବିଦ୍ୟୁତ ଚାଳିତ ରେଫ୍ରିଜେରେଟର ମାଟି ହାଣ୍ଡିର ସ୍ଥାନ ଛଡେଇ ନେଇଛି । କିନ୍ତୁ ଗୁଣପୁର ପୌରାଞ୍ଚଳରେ ଏହି ଥଣ୍ଡା ପାଣି ଯନ୍ତ୍ର ଗୁଡ଼ିକ ଅଧାରୁ ଅଧିକ ଖରାପ୍ ହୋଇ ପଡ଼ିଥିବା ଦେଖିବାକୁ ମିଳିଛି । ଫଳରେ ପ୍ରଚଣ୍ଡ ଖରାରେ୍‌ ଟୋଇ ଟିଏ ପାଣି ମୁନ୍ଦିଏ ପାଇଁ ତହଳବିକଳ ହେଉଥିବା ଦେଖିବାକୁ ମିଳୁଛି । କିନ୍ତୁ ପ୍ରତିବର୍ଷ ପରି ଏ ବର୍ଷ ମଧ୍ୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ତରଫରୁ ଏପ୍ରିଲ ୨୬ ତାରିଖରୁ ମେ ୫ ତାରିଖ ପର୍ଯ୍ୟନ୍ତ ଦୀର୍ଘ ୧୦ ଦିନ ବ୍ୟାପୀ ବିଭିନ୍ନ ଦିନ ଦହିପଣା, ମିଶ୍ରି ପାଣି, ଚିନି ପାଣି , ପଣା ଓ ସରବତପାଣି ସହ ବିଭିନ୍ନ ଫଳ ରସ ସ୍ଥାନୀୟ ବାଇପାସ୍ ଛକଠାରେ ବଣ୍ଟନ କରାଯାଇଥିଲା । ପ୍ରତିଦିନ ଶହଶହ ଯାତ୍ରୀ ଏହି ଥଣ୍ଡା ପାନୀୟ ପିଇ ତୃଷ୍ଣା ମେଣ୍ଟାଉଥିବା ଦେଖିବାକୁ ମିଳିଛି । ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ଲକ୍ଷ୍ୟ କରି ଚାଲିଥିବା ଏହି ପଣା ବଣ୍ଟନ ବା ଜଳ ଛତ୍ର କାର୍ଯ୍ୟକ୍ରମଟି ଆଜି ସମାପନ ହୋଇଛି । ଏହି କାର୍ଯ୍ୟକ୍ରମକୁ ଅନୁଷ୍ଠାନର ପ୍ରଧାନାଚାର୍ଯ୍ୟ ପ୍ରଫୁଲ୍ଲ କୁମାର ଶତପଥୀଙ୍କ ତତ୍ତ୍ୱାବଧାନରେ ପରିଚାଳନା କରାଯାଇଥିବା ବେଳେ, ଏହି କାର୍ଯ୍ୟକ୍ରମରେ ପରିଚାଳନା ସମିତି, ଗୁରୁଜୀ ,ଗୁରୁମା, ମଉସା, ମାଉସୀ,ମାତୃ ଭାରତୀ ଓ ପୂର୍ବତନ ଛାତ୍ର ପୂର୍ଣ୍ଣ ସହଯୋଗ କରିଥିବା ଦେଖିବାକୁ ମିଳିଛି ।

## ଇସ୍କନ ପକ୍ଷରୁ ମେଧାବୀ ଛାତ୍ରୀଙ୍କୁ ସମ୍ବର୍ଦ୍ଧନା



ବରଗଡ଼ ୬/୫(ନି.ପ୍ର): ବରଗଡ଼ କାଳୀ ମନ୍ଦିର ନିକଟସ୍ଥ ସ୍ଥାନୀୟ ଇସ୍କନ କାର୍ଯ୍ୟାଳୟ ପକ୍ଷରୁ ଚଳିତ ବର୍ଷ ଓଡ଼ିଶା ମାଧ୍ୟମିକ ଶିକ୍ଷା ବୋର୍ଡ ମେଟ୍ରିକ୍ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ୫୮୪ ମାର୍କ ସହିତ ୯୭.୩୩ %ମାର୍କ ରଖି ରାଜ୍ୟରେ ପ୍ରଥମ ସ୍ଥାନ ଅଧିକାର କରିଥିବା ବରଗଡ଼ ବରମ ଚାରୀ ନିବାସୀ ସନ୍ତୋଷ କୁମାର ରଥ ଓ ରୀନା ରଥଙ୍କ ସୁପୁତ୍ରୀ ତଥା ଶିଶୁ ମନ୍ଦିର ଓଡ଼ିଆ ବିଭାଗର ଛାତ୍ରୀ ଶୁଶ୍ରୀ ବବିତା ରଥଙ୍କୁ ଇସ୍କନ ସଂସ୍ଥା ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା ।ଏହା ପୂର୍ବରୁ ହରେକୃଷ୍ଣ ହରେରାମ ମହାମନ୍ତ୍ର ଜପ କରାଯାଇ ଥିଲା ଏବଂ ଛାତ୍ରୀଙ୍କ ଉତ୍ତରୋ ତ୍ତର ଉନ୍ନତି କାମନା କରାଯାଇ ଥିଲା ।ଏହି ଅବସରରେ ଶୁଶ୍ରୀ ରଥଙ୍କୁ ଶ୍ରୀମ ଭାଗବଦ୍ ଗୀତା,ନାମାବଳୀ ତଥା ଜପାମାଳୀ ପ୍ରଦାନ କରାଯାଇଥିଲା ।ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ରେ ସଂସ୍ଥା ପକ୍ଷରୁ ରସରାଜ ରାଧିକେଶ ଦାଶ, ପ୍ରଚାରକ ଅଭିଜିତ ପ୍ରତିହାର,କୋଷାଧକ୍ଷ ଝସ କେତନ ମେହେର,ଶ୍ରୀବାସ ପତି, ଗୁନାରୁ ମିଶ୍ର,ସତ୍ୟବାଦୀ ସାହୁ,ତପନ ପ୍ରଭୁ, ସୁଲୋଚନା ଶ୍ରୀପଦା ଦେବୀଦାସୀ, ରାଧା ସୁସ୍ମିତା ଦେବୀଦାସୀ, ସରସ୍ୱତୀ ମାତାଜୀ, ଆଦି ଇସ୍କନ ସଦସ୍ୟ ମାନେ ଉପସ୍ଥିତ ଥିଲେ ।

## ଝରିଗାଁଠାରେ 'ବିକଶିତ ଗାଁ ବିକଶିତ ଓଡ଼ିଶା'କାର୍ଯ୍ୟକ୍ରମ

ଝରିଗାଁ ୬/୫(ନି.ପ୍ର): ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନାରେ ଗ୍ରାମୀଣ ଭିତ୍ତିଭୂମି ବିକାଶ ମୂଳକ ପ୍ରକଳ୍ପ କରାଯିବ । ବ୍ଲକ ସ୍ତରରେ ବାର୍ଷିକ ଉନ୍ନତ ମୂଳକ କାର୍ଯ୍ୟ ପାଇଁ ଯୋଜନା କରାଯିବ । ଏହି ବିକଶିତ ଗାଁ ବିକଶିତ ଓଡ଼ିଶା କାର୍ଯ୍ୟକ୍ରମ ସୋମବାର ଝରିଗାଁ ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ ଠାରେ ଅନୁଷ୍ଠିତ ହୋଇଯାଇଅଛି । କାର୍ଯ୍ୟକ୍ରମରେ ଝରିଗାଁ ବିଧାୟକ ନରସିଂହ ଭତ୍ରା, ସାଂସଦ ପ୍ରତିନିଧି ଚନ୍ଦ୍ରଭାନୁ ନାୟକ, ବ୍ଲକ ଅଧକ୍ଷ ଦୁର୍ଗା ପ୍ରସାଦ ମାଝୀ, ବିଡ଼ିଓ ମଧୁସୁଦନ ମାଝୀ, ଜିପିଓ ରମେଶ ହରିଜନ,ଏଇଇ ବିନୀତ ମିଶ୍ର, ସମସ୍ତ ପଞ୍ଚାୟତର ସରପଞ୍ଚ, ଜିଲ୍ଲା ପରିଷଦ, ସମିତି ସଭ୍ୟ ଓ ବ୍ଲକର ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହିଥିଲେ । ଏହି ଯୋଜନା ଦ୍ୱାରା କେନ୍ଦ୍ର ସରକାର ଓ ରାଜ୍ୟ ସରକାର ଙ୍କ ମିଳିତ ପ୍ରୟାସ ରେ ବିକାଶ କୁ ଦ୍ୱିଗୁଣିତ କରିବା, ଏଥିରେ ଟିକେ ମାତ୍ର ସନ୍ଦେହ ନାହିଁ । ଗାଁ ର ବିକାଶ ହିଁ ଓଡିଶା ର ବିକାଶ ବୋଲି ଅତିଥି ମାନେ ମତ ପ୍ରକାଶ କରିଥିଲେ । କାର୍ଯ୍ୟକ୍ରମରେ ୨୦୨୫-୨୬-ଆର୍ଥିକ ବର୍ଷ ପାଇଁ ଆସିଥିବା ଅନୁଦାନ ଉପରେ ଆଲୋଚନା କରାଯିବା ସହିତ ସରକାରଙ୍କ ବିଭିନ୍ନ ଯୋଜନା ତାର ରୂପାୟନକୁ ଉପରେ ଆଲୋଚନା କରାଯାଇଥିଲା ।

# ହରେକୃଷ୍ଣ ଦାସ ସ୍ମୃତି ସମ୍ମାନ ସମାରୋହ ଓ କବିତା ପାଠୋତ୍ସବ

ଯାଜପୁର ୬/୫(ନି.ପ୍ର): ଯାଜପୁର ଜିଲ୍ଲା ବିଂଝାରପୁର ବ୍ଲକ ଅନ୍ତର୍ଗତ ଶ୍ରୀବନ୍ତ ସରକାରୀ ଉଚ୍ଚ ବିଦ୍ୟାଳୟ, କଲ୍ୟାଣପୁର ପରିସରରେ ହରେକୃଷ୍ଣ ଦାସ ସ୍ମୃତି ସମ୍ମାନ ସମାରୋହ ଓ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି । ଫାଉଣ୍ଡେସନର ସଭାପତି ନଳିନୀ ପ୍ରଭା ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାର ପ୍ରାରମ୍ଭରେ ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇ ପରେ ସ୍ୱାତିଲିପସା ବଳ ଓ ଇତିଶ୍ରୀ ରାଉତଙ୍କଦ୍ୱାରା ସ୍ୱାଗତ ସଂଗୀତ ପରିବେଷଣ କରାଯାଇଥିଲା ।ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ସଂଗୀତ ନିର୍ଦ୍ଦେଶକ ଦିନେଶ କୁମାର ମଲ୍ଲିକ ଅତିଥି ପରିଚୟ ପ୍ରଦାନ କରିବା ସହିତ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ । ଉକ୍ତ ସମାରୋହରେ ମୁଖ୍ୟ ଅତିଥିରୂପେ ମାନ୍ୟବର ବିଧାୟିକା ପ୍ରମିଳା ମଲ୍ଲିକ ଯୋଗଦାନ କରି ଅନୁଷ୍ଠାନର ଭୂୟଂସୀ ପ୍ରଶଂସା କରି ଦିବଂଗତ ଦାସଙ୍କର ସ୍ମୃତିଚାରଣ କରିଥିଲେ । ମୁଖ୍ୟ ବକ୍ତାରୂପେ ଇଂ ଅଭୟ ସୁତାର ଯୋଗଦାନ କରି ପଲ୍ଲୀ ଅଂଚଳରେ କଳା- ସାହିତ୍ୟ -ସଂସ୍କୃତିର ବିକାଶ ଜାରି ରହିଛି ବୋଲି ନିଜ ବକ୍ତବ୍ୟରେ ପ୍ରକାଶ କରଥିଲେ । ସମ୍ମାନିତ ଅତିଥି ରୂପେ ଅରୁଣ ପାତ୍ର, ଚଳଚ୍ଚିତ୍ର ଅଭିନେତା ସମ୍ପିତ କୁମାର ସାହୁ, କଣ୍ଠଶିଳ୍ପୀ ଏଞ୍ଜୋଲା ମିଶ୍ର, ଯୁବ ସମାଜସେବୀ ପଦ୍ମାକର ଗୁରୁ, ଯୁବ ସାମ୍ବାଦିକ ଧୀରେନ୍ଦ୍ର ମଲ୍ଲିକ ଓ ରାଜ୍ୟ ପୁରସ୍କାର ପ୍ରାପ୍ତ ଶିକ୍ଷକ ସଞ୍ଜୟ ସାମଲ ଯୋଗଦେଇ ସାହିତ୍ୟ ଓ ପିଲାମାନଙ୍କ ଠାରେ ଥିବା ଲୁକ୍କାୟିତ ପ୍ରତିଭାର ବିକାଶ ଉପରେ ନିଜସ୍ୱ ବକ୍ତବ୍ୟ ପ୍ରଦାନ କରିଥିଲେ । ଅନ୍ୟତମ ଅତିଥି ରୂପେ ବିଂଝାରପୁର ପଂଚାୟତ ସମିତି ଅଧକ୍ଷା ରଂଜିତା ଦାସ ଯୋଗଦେଇ ଅନୁଷ୍ଠାନର ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମକୁ ପ୍ରଂଶସା କରିଥିଲେ । ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ନାଟ୍ୟ ନିର୍ଦ୍ଦେଶକ ସୁଶାନ୍ତ



ନାୟକ, ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷକ ରବି ପ୍ରସାଦ ସାମଲ, ବରିଷ୍ଠ ସ୍ତମ୍ଭକାର ରବି ନାରାୟଣ ସାମଲ, ଯୁବ ସମାଜସେବୀ ଦିଲ୍ଲୀପ କୁମାର ରାଉଳ, ପ୍ରକୃତିପ୍ରେମୀ ବଟକୃଷ୍ଣ ପଣ୍ଡା,ଶ୍ରମିକ ନେତା ଓ କବି ଧନେଶ୍ୱର ରାଉତ ଓ କବି ବିନୋଦ ବିହାରୀ ଦାସ ପ୍ରମୁଖଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଓ ମାନପତ୍ର ପ୍ରଦାନ ଜରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ପରେ ଏକ ଶହରୁ ଉର୍ଦ୍ଧ୍ୱ କବି ଓ କବୟିତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଶ୍ରୀବନ୍ତ ସରକାରୀ ଉଚ୍ଚ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଶିକ୍ଷାକର୍ମୀଙ୍କୁ ସମ୍ମାନିତ କରାଯିବା ସହିତ ପ୍ରି-ବୋର୍ଡ ଓ ବାର୍ଷିକ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ଦ୍ୱିତୀୟ ଅଧିବେଶନରେ ବିଶିଷ୍ଟ କବି ବିନୋଦ ବିହାରୀ ଦାସଙ୍କ ସଭାପତିତ୍ୱରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା ।କବି ପ୍ରଦୀପ୍ତ ଦାସ ,ପ୍ରଭାତ ମଲ୍ଲିକ,କବୟିତ୍ରୀ କ୍ରିଷ୍ଣା କଲ୍ୟାଣୀ ବେହେରା କବିତା ସଂଯୋଜନା କରିଥିଲେ । ଉକ୍ତ ସଂଯୋଜକ/ସଂଯୋଜିକାମାନଙ୍କୁ ଟ୍ରଫି ଓ ମାନପତ୍ର ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଶିକ୍ଷକ ଶମ୍ଭୁନାଥ ଦାଶ, ସିପନ କୁମାର ବେହେରା, ଖଗେଶ୍ୱର ଯେନା, ମୁମସାଦ ଖାନ, ଶିକ୍ଷୟିତ୍ରୀ ବିଜୟା ମଲ୍ଲିକ, ନବ କିଶୋର ସାହୁ, ବିଶ୍ୱନାଥ ପଣ୍ଡା ଓ ସମର୍ଜିତ ସାହୁ ପ୍ରମୁଖ ସଂଚାଳନ କରିଥିଲେ । ସଭାଶେଷରେ କନକଲତା ବିଦ୍ୟାଧର ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ତଥା କବି ବିନୋଦ ବିହାରୀ ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

## 'ମାନବ ସେବା ହିଁ ମାଧବ ସେବା'

### ଅତାବିରା ସାପ୍ତାହିକ ହାଟ ସମ୍ମୁଖରେ ଦହି ସରବତ ବାଣ୍ଟିଲେ ଅତାବିରା ଜାଗୃତି ଶାଖା



ବରଗଡ଼ ୬/୫(ନି.ପ୍ର): ବରଗଡ଼ ଜିଲ୍ଲା ଅତାବିରା ଏନ୍ଏସି ଅନ୍ତର୍ଗତ ୱାର୍ଡ ନଂ - ୧ ଅତାବିରା ଆର ଏମସି ଠାରେ ପ୍ରତି ସୋମବାର ଦିନ ବରଗଡ଼-ସମ୍ବଲପୁର ୫୩ନଂ ମୁଖ୍ୟ ଜାତୀୟ ରାଜପଥ କଡ଼ରେ ଏକ ବଡ ସାପ୍ତାହିକ ହାଟ ବସିଥାଏ ।ଏହି ହାଟକୁ ପନିପରିବା ଚାଷୀଙ୍କ ସମେତ ବେପାରୀ ମାନେ ଦୂରଦୂରାନ୍ତରୁ ରବିବାର ଦିନ ଠାରୁ ନିଜର ଆସବାବ ଜିନିଷ ପତ୍ର ନେଇ ଆସି ସୋମବାର ଦିନ ପେଟ ଚାଖଣ୍ଡକ ପାଇଁ ବେପାର କରି ଦୁଇ ପଇସା ରୋଜଗାର କରିଥାନ୍ତି ।ଏହି ସାପ୍ତାହିକ ବଜାର ଟି ୫୩ନଂ ମୁଖ୍ୟ ଜାତୀୟ ରାଜପଥ କଡ଼ରେ ରହିଥିବା ବେଳେ ବଜାର କୁ ହଜାର ହଜାର ସଂଖ୍ୟାରେ ଛୋଟ ରୁ ବଡ ଗାଡ଼ି ମଟର ସହ ବେପାରୀ ଓ ଗ୍ରାହକ ମାନଙ୍କ ଭିଡ ଜମିଯାଏ ।ଏହି ପରିପେକ୍ଷୀ ରେ ଖରା ତାତିକୁ ଆଖି ଆଗରେ ରଖି ସୋମ ବାର ସାପ୍ତାହିକ ବଜାର ସମ୍ମୁଖ ରେ ଓଡ଼ିଶା ପ୍ରାନ୍ତୀୟ ମାରୱାଡ଼ି ଯୁବାମଞ୍ଚ ଅତାବିରା ଜାଗୃତି ଶାଖା ପକ୍ଷରୁ ସଦସ୍ୟ/ସଦସ୍ୟା ମାନଙ୍କ ଦ୍ୱାରା ଲୋକଙ୍କୁ ଦହି ସରବତ ବିତରଣ କରାଯାଇଥିଲା ।ଏଥିରେ ଜାଗୃତି ଶାଖା ର ସଭାପତି ରେଖା ଅଗ୍ରୱାଲ,ସମ୍ପାଦକ ଅନିତା ଅଗ୍ରୱାଲ,ମଧୁ ବଲୋଦିଆ,ପିଙ୍କି ଅଗ୍ରୱାଲ,କୋମଲ ଅଗ୍ରୱାଲ,କବିତା ଅଗ୍ରୱାଲ,ସୁନିତା ଅଗ୍ରୱାଲ,ସଞ୍ଜୁ ବଙ୍କା, ଶିଖା ବଙ୍କା,ଅଞ୍ଜୁ ବଙ୍କା ପ୍ରମୁଖ ଙ୍କ ସମେତ ଶାଖା ର ସମସ୍ତ ସଦସ୍ୟ/ସଦସ୍ୟା ଙ୍କ ସକ୍ରିୟ ସହଯୋଗ ରହିଥିଲା ।

## ମାଟ୍ରିକ ପରୀକ୍ଷାରେ କୃତି ଛାତ୍ରଙ୍କୁ ସମର୍ଦ୍ଧନା

ନିମାପଡା ୬/୫(ନି.ପ୍ର): ପୁରୀ ଜିଲ୍ଲା ନିମାପଡା ବ୍ଲକ ଚାରିଛକ ଅନ୍ନପୂର୍ଣା ସରକାରୀ ଉଚ୍ଚ ବିଦ୍ୟାଳୟର ଚଳିତ ମାଟ୍ରିକ ପରୀକ୍ଷାରେ ଏ-୧ ଗ୍ରେଡ ରେ ୫୬୧ ନମ୍ବର ରଖିଥିବା ବିଷ୍ଣୁସୁଧା ସ୍ୱାଇଁ ବିଦ୍ୟାଳୟକୁ ଗୌରବାନ୍ୱିତ କରିଛନ୍ତି. ଏ ତତ ବ୍ୟତୀତ ବିଦ୍ୟାଳୟ ର ଲଗାତର ୩ ବର୍ଷ ଧରି ଶତ ପ୍ରତିଶତ ଫଳାଫଳ ହୋଇଛନ୍ତି । ଏହି ପରିପ୍ରେକ୍ଷୀରେ ମେଧା ଛାତ୍ର ଙ୍କୁ ପୁରସ୍କାର କରିବା ପାଇଁ ବିଦ୍ୟାଳୟ ର ପ୍ରଧାନ ଶିକ୍ଷୟିତ୍ରୀ ମନସ୍ୱିନି ଲେଙ୍କା ଙ୍କ ସଭାପତିତ୍ୱ ରେ ଏକ ମେଧା ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି ।ଏହି ଉତ୍ସବ ରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ନିଗମାନନ୍ଦ ମହିଳା ମହାବିଦ୍ୟାଳୟ ର ପ୍ରାକ୍ତନ ଅଧକ୍ଷ ପ୍ରଫେସର ଗୋପୀନାଥ କର ,ମୁଖ୍ୟ ବକ୍ତା କାକଟପୁର ମଙ୍ଗଳା ମହାବିଦ୍ୟାଳୟ ର ପ୍ରାକ୍ତନ ଅଧକ୍ଷ ପ୍ରଫେସର ଡକ୍ଟର ସନ୍ତୋଷ କୁମାର ମିତ୍ର ,ସମ୍ମାନିତ ଅତିଥି ଭାବେ ଗୋପ ମହା ବିଦ୍ୟାଳୟ ର ପ୍ରାକ୍ତନ ଅଧକ୍ଷ ତଥା ବାନରସେନା ସମ୍ପାଦକ ପ୍ରକାଶ ଚନ୍ଦ୍ର ଖଟୋଇ , ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଦ୍ୱିଜବର ମୁଦୁଲି ,ସ୍ଥାନୀୟ ଭୋଦର ପଞ୍ଚାୟତ ସରପଞ୍ଚ ଚାରୁଲତା ବେହେରା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ନିରଞ୍ଜନ କର ଯୋଗଦେଇଥିଲେ । ଏ ତତ ବ୍ୟତୀତ ଏସ ଏମ ଡି ସି ର ସଭ୍ୟ ରାମଚନ୍ଦ୍ର ଜେନା ବୈରାଗୀ ସାହୁ ,ପୁର୍ଣଚନ୍ଦ୍ର ଓଝା ,ଏବଂ ଅନେକ ଅଭିଭାବକ ଓ ଅଭିଭାବିକା ଉପସ୍ଥିତ ଥିଲେ । ସମସ୍ତ ଅତିଥି ବିଷ୍ଣୁସୁଧା ସ୍ୱାଇଁଙ୍କୁ ସଫଳତା ପାଇଁ ଭୁୟସୀ ପ୍ରସଂଶା କରିଥିଲେ । ବିଦ୍ୟାଳୟ ତରଫରୁ ପ୍ରଧାନ ଶିକ୍ଷୟତ୍ରୀ ୧ ହଜାର ଟଙ୍କା ପୁଷ୍ପଗୁଚ୍ଛ ଉତ୍ତୋରୀୟ ଦେଇ ସମ୍ବର୍ଦ୍ଧନା କରିଥିଲେ ।ସ୍ଥାନୀୟ ସରପଞ୍ଚ ଚାରୁଲତା ବେହେରା ୫ଶହ ଟଙ୍କା ଓଉତ୍ତୋରୀୟ ଦେଇଥିବା ବେଳେ ବାନରସେନା ସମ୍ପାଦକ ତଥା ପ୍ରାକ୍ତନ ଅଧକ୍ଷ ପ୍ରକାଶ ଚନ୍ଦ୍ର ଖଟୋଇ ଉତ୍ତୋରୀୟ ଓ ମୋମେଣ୍ଟସ ଦେଇଥିଲେ ।ଏହି ଉତ୍ସ୍ୱ ରେ ବିଦ୍ୟାଳୟ ର ଶିକ୍ଷକ ପ୍ରକାଶ ଚନ୍ଦ୍ର ପାତ୍ର ,ବାବାଜୀ ଚରଣ ସେନାପତି , ଆଦ୍ୟାଶ୍ୟା ପ୍ରିୟଦର୍ଶୀନି , କୃଷ୍ଣା ମହାପାତ୍ର ,ରାନୀ ବସ୍ତିୟା ,ବିଭୁ ପ୍ରଶନ୍ନ ଦାସ , ମାନସ ରଞ୍ଜନ ନାୟକ ,ଓ ଶ୍ୱିବ୍ରତ ମଲ୍ଲ ସହିତ ସମସ୍ତ କର୍ମଚାରୀ କାର୍ଯ୍ୟକ୍ରମ ରେ ସହଯୋଗ କରିଥିଲେ । ବିଷ୍ଣୁ ସୁଧା ସ୍ୱାଇଁ ଙ୍କ ପିତା ଶ୍ରୀକାନ୍ତ ସ୍ୱାଇଁ ଓ ମାତା ବୈଦେହି ସ୍ୱାଇଁ ,ଙ୍କୁ ଧନ୍ୟବାଦ ଦିଆଯାଇଥିଲା ।କାର୍ଯ୍ୟକ୍ରମ ଶେଷରେ ବିଦ୍ୟାଳୟ ର ବରିଷ୍ଠ ବିଜ୍ଞାନ ଶିକ୍ଷକ ପ୍ରଦୀପ୍ତ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଆନ୍ତଃରାଜ୍ୟ ଡକାୟତ ଗ୍ୟାଙ୍ଗର ତିନି ଗିରଫ

### ଦୁଇ ଫେରାର : ମାଉଜର ସହ ମାରଣାସ୍ତ୍ର ଜବତ




ବାଲିଗୁଡ଼ା ୬/୫(ନି.ପ୍ର): କନ୍ଧମାଳ ଜିଲ୍ଲା ଫୁଲବାଣୀ-ବାଲିଗୁଡା ରାସ୍ତାରେ ସାରଙ୍ଗଡ଼ ଥାନା ପୋଲିସ୍ ଏମ୍,ଭି ଚେକିଙ୍ଗ କରୁଥିବା ସମୟରେ ଆନ୍ତଃରାଜ୍ୟ ଡକାୟତି ଗ୍ୟାଙ୍ଗ ଠାବ ହୋଇଛି, ଏହି ଘଟଣା ରେ ତିନି ଜଣ ଗିରଫ ହୋଇଥିବା ବେଳେ ମାଷ୍ଟରମାଇଣ୍ଡ ସହ ଅନ୍ୟଜଣେ ଫେରାର ଥିବା ଜଣାପଡିଛି କ୍ଷ ଘଟଣା ରୁ ପ୍ରକାଶ ଯେ, ଫୁଲବାଣୀ ଠାରୁ ବାଲିଗୁଡ଼ା ରାସ୍ତାରେ ଏକ ଅଲଟ୍ରା କାର ନଂ. ଏମଏଚ -୦୨-ଏ ୱାଇ -୭୧୭୨ ରେ ପାଞ୍ଚଜଣ ଆସୁଥିବାବେଳେ ସାରଙ୍ଗଡ ପୋଲିସ ଅଟକାଇ ସନ୍ଦେହ ରେ ପଚାରିବା ସହ ଗାଡ଼ି ତନଖି କରାଯିବା ବେଳେ ଗାଡିରୁ ଏକ ମାଉଜର,ଗୋଟେ ଏଆର୍ ଗନ୍,ଭୁଜାଲି, ଦୁଇଟି ଛୁରୀ କିଛି ଟଙ୍କା ଜବତ କରିଥିଲା ପୋଲିସ କ୍ଷ ପଚରା ଉଚରା ବେଳେ ସେମାନେ ସେମିତି କିଛି ବିଶ୍ୱାସ ଯୋଗ୍ୟ ମତାମତ ଦେଇ ନଥିଲେ ସେଥିରୁ ତିନି ଜଣଙ୍କୁ ପୋଲିସ୍ ଗିରଫ କରିଥିବାବେଳେ ମାଷ୍ଟର ମାଇଣ୍ଡ ସହ ଅନ୍ୟ ଜଣେ ଫେରାର ହୋଇଯାଇଥିଲେ କ୍ଷ ଗିରଫ ତିନିଜଣ ମହାରାଷ୍ଟ୍ର ରାଜ୍ୟର ମହମ୍ମଦ ଆରିଫ ଅନସାରୀ (୨୩), ଶାହାବନ ଶାହା (୧୮), ଶେଖ୍ ମୁସ୍ତଫା (୧୮) ହୋଇଥିବା ଜଣାପଡିଛି କ୍ଷ ଏନେଇ ସାରଙ୍ଗଡ ଥାନ କେଶ ନଂ.୬୭/୨୫ରେ ଏକ ମାମଲା ରୁଜୁ କରି ପୋଲିସ୍ ଅଧିକ ତଦନ୍ତ କରୁଥିବା ବିଷୟ ଜି.ଉଦୟଗିରି ଏସଡିପିଓ ବିଜୟ କୁମାର ବିଶି ସୂଚନା ଦେଇଛନ୍ତି ।

## ବନ କଢ଼ି ପ୍ରସ୍ଫୁଟିତ ହୋଇ ମହକି ଯାଉ ଚାରିଆଡ଼େ

### ଜାମଦା ବ୍ଲକ ଦଶମ ପରୀକ୍ଷାରେ ଆଗ ଧାଡିରେ ରହିଥିବା ବାପଛେଉଣ୍ଡ ମମି ବିନ୍ଧାଣୀ



ମୟୂରଭଞ୍ଜ ୦୫/୦୫/୨୦୨୫ କଳିଙ୍ଗ ଜ୍ୟୋତି : ମୟୂରଭଞ୍ଜ ଜିଲ୍ଲା ସବୁଜଭରା ଶୁଦ୍ଧ ପରିବେଶ,ବଣ ପାହାଡ,ଜଙ୍ଗଲ,ଝରଣା ଭରପୁର ତେଣ୍ଡରା ତଥା ବିଭିନ୍ନ ପକ୍ଷୀର ମଧୁର ସ୍ୱରରେ ପ୍ରକମ୍ପିତ ହେଉଥିବା ପଲ୍ଲୀପୁର , ଛାୟାପ୍ରଚ୍ଛାୟା ଭରା ତେଣ୍ଡେରା ଗାଁ ର ସ୍ୱତନ୍ତ୍ରତା ରହିଥିଲାବେଳେ ବର୍ତ୍ତମାନ ଏହି ଗାଁ ଜାମଦା ଅଞ୍ଚଳର ପ୍ରତିଟି ଗାଁ ରେ ଉଚ୍ଚାରିତ ହେଉଛି ଦଶମ ପରୀକ୍ଷାରେ ବ୍ଲକ ର ଆଗଧାଡିରେ ରହିଥିବା ଅଲିଅଳି ଝିଅ ମମି ବିନ୍ଧାଣୀ ।ତେଣ୍ଡେରା ଗାଁ ର ଲେଟ୍ ନରେନ୍ଦ୍ର ବିନ୍ଧାଣୀ (ଚାଷୀ ) ଓ ରାଧିକା ବିନ୍ଧାଣୀ ଙ୍କ ଔରସରୁ ଛଣ ଛପର ଘରେ ଜନ୍ମ ନେଇଥିଲେ ମମି ବିନ୍ଧାଣୀ ।ପିଲାଟି ବେଲୁ ପାଠରେ ଏକାଗ୍ରତା ରହିଆସିଛି ।ଗାଁ ସ୍କୁଲରେ ହିଁ ପ୍ରଥମରୁ ଦଶମ ଯାଏଁ ପଢ଼ି ଚଳିତ ଦଶମ ପରୀକ୍ଷାରେ ଭଲ ନମ୍ବର ରଖି ଚର୍ଚ୍ଚିତା ହେଉଥିବା ଓଡ଼ିଶା ୟୁଏସଆଇ ସଂଗଠନ ର କର୍ତ୍ତା ପିକେ ଶତପଥୀ ସୂଚନା ପ୍ରଦାନ କରିଛନ୍ତି ।ସୂଚନାନୁସାରେ ତାଙ୍କ ପିତା ଙ୍କ ଲକ୍ଷ୍ୟ ଝିଅ ଡାକ୍ତରାଣୀ ହେବ ।ବାପାଙ୍କ ଲକ୍ଷ୍ୟକୁ ପୂରଣ କରିବା ପାଇଁ ଦିବାରାତ୍ର ସମୟକୁ ଭାଗ ଭାଗ କରି ପାଠ ଅଧ୍ୟୟନ ଓ ଅଭ୍ୟାସ ଜାରି ରଖିଥାନ୍ତି ଛୋଟବେଳରୁ ମମି ।କିନ୍ତୁ ଅତ୍ୟନ୍ତ ଦୁଃଖର କଥା ତାଙ୍କ ପିତାଙ୍କ ସ୍ୱାସ୍ଥ୍ୟ ଖରାପ ହେତୁ ଅକ୍ଟୋବର ୨୬ ,୨୦୨୪ରେ ଦେହାନ୍ତ ହୋଇଥିଲା ।ପରିବାରରେ ମମିଙ୍କର ମାତା,ବଡ ଭାଇ ପୃଥ୍ୱୀରାଜା,ବଡ ଭଉଣୀ ମାମା ଓ ସ୍ୱୟଂ ମମି ଭାଙ୍ଗି ପଡିଥିଲେ ।ପରିବାରଜନ,ବନ୍ଧୁବାନ୍ଧବ ଓ ବିଦ୍ୟାଳୟର ଶିକ୍ଷକମାନଙ୍କ ଆଶ୍ୱାସନାରେ ପରିବାର କିଛି ଦିନ ପରେ ଅଣ୍ଟା ସଳଖି ଉଠିଥିଲା ।ମମି ପରିଶ୍ରମ ଅନୁସାରେ ଏକାଗ୍ରତା ଓ ନିଜ ର ବିଶ୍ୱାସ ଅନୁସାରେ ପାଠ ଅଭ୍ୟାସ ଜାରି ରଖିଥିଲେ ।ମମି ର ଏଇ କୃତକାର୍ଯ୍ୟକୁ ବାପା ଜାଣିପାରିଲେ ନାହିଁ କି ଦେଖି ପାରିଲେ ନାହିଁ କହି ମମି ଓ ମାମା ଓ ତାଙ୍କ ମାତା ରାଧିକା ଆଖି ଛଳଛଳ କରି ୟୁଏସ୍ଆଇ ସଂଗଠକ ପିକେ ଶତପଥୀଙ୍କୁ ଜଣାଇଛନ୍ତି ।ମମିଙ୍କ ମାତା ରାଧିକା ବିନ୍ଧାଣୀ ଝିଅର ଆଶା ପୂରଣ ପାଇଁ ପର୍ଯ୍ୟାପ୍ତ ଅର୍ଥ ରାଶିର ଆବଶ୍ୟକତା ରହିଛି ।ତେଣୁ ତା'ର ବଡ ଭାଇ ବହୁ ପରିଶ୍ରମ କରୁଛି ।ମାତା ରାଧିକା ମଧ୍ୟ ପଞ୍ଚାୟତରେ ପିଅନ କାମ କରନ୍ତି ।ମାଆପୁଅ ଙ୍କ ରୋଜଗାରରେ ବଡ଼ ଝିଅ ମାମା ଯୁକ୍ତ ତିନିରେ ପାଠ ପଢୁଛି ଏବଂ ମମି ମଧ୍ୟ ।ମମିଙ୍କୁ ପଚାରିବାରୁ କହନ୍ତି ସେ ଡାକ୍ତରୀ ପାଠ ପଢ଼ିବି ଓ ରୋଗୀସେବା ରେ ନିଯୋଜିତ ହେବି ।ବାପାଙ୍କ ଆଶାକୁ ପୂରଣ କରିବି ବୋଲି କହିଛନ୍ତି ।ମମିର ଏହି ସଫଳତା ପଛରେ ଭାଇ ପୃଥ୍ୱୀରାଜ ଓ ଭଉଣୀ ମାମାଙ୍କର ମଧ୍ୟ ହାତ ରହିଛି ।ତେବେ ମମିର ଲକ୍ଷ୍ୟକୁ ପ୍ରଶାସନ ପୂରଣକରିବାରେ ପୂର୍ଣ୍ଣମାତ୍ରାରେ ସହଯୋଗ କରିବା ଉଚିତ୍ ବୋଲି ରାଧିକା ବିନ୍ଧାଣୀ ଖବରକାଗଜ ମାଧ୍ୟମରେ ଜଣାଇଛନ୍ତି ।

# ମାଁ ବ୍ରାହ୍ମଣ ଦେବୀ ଯାତ୍ରା ମହୋତ୍ସବ: ଗ୍ରାମସଭା ଅନୁଷ୍ଠିତ,ଆସନ୍ତା ୯ରେ ମହୋତ୍ସବ ଶୁଭଖୁଣ୍ଟି

ବେଲଗୁଣ୍ଠା ୬/୫(ନି.ପ୍ର): ଗଞ୍ଜାମ ଜିଲ୍ଲାର ଅନ୍ୟତମ ମନ୍ଦିର ମାଳିନୀ ସହର ବେଲଗୁଣ୍ଠାର ପ୍ରସିଦ୍ଧ ମାଁ ବ୍ରାହ୍ମଣ ଦେବୀ ଯାତ୍ରା ଅବସରରେ ଯାତ୍ରାକୁ ସରସ ସୁନ୍ଦର କରିବା ପାଇଁ ବେଲଗୁଣ୍ଠା ନଗରପାଳ ଫିରୋଜ ସେଠୀଙ୍କ ଅଧ୍ୟକ୍ଷତାରେ ଏକ ଗ୍ରାମସଭା ବେଲଗୁଣ୍ଠା ବଡ଼ଦାଣ୍ଡରେ ଅନୁଷ୍ଠିତ ହୋଇଯାଇଛି ।ଏହି ବୈଠକ ସୋରଡା ବିଧାୟକ ନୀଳମଣି ବିଷୋୟୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ବିଧାୟକ ବୈଠକ ସ୍ଥଳରେ ପହଞ୍ଚିବା ପରେ ବେଲଗୁଣ୍ଠାର ବହୁ ମହିଳା ପହଞ୍ଚି ବିଧାୟକ ଶ୍ରୀ ବିଷୋୟୀଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ ଏଥିସହିତ ସହରବାସୀଙ୍କ ତରଫରୁ ବିଧାୟକ ଶ୍ରୀ ବିଷୋୟୀଙ୍କୁ ପୁଷ୍ପମାଲ୍ୟ ଓ ଉପଢ଼ୌକନ ଦେଇ ସ୍ୱାଗତ କରାଯାଇଥିଲା ।ପରମ୍ପରା ଅନୁସାରେ ବେଲଗୁଣ୍ଠା ମାଁ ବ୍ରାହ୍ମଣ ଦେବୀ ଯାତ୍ରା ମହୋତ୍ସବ କମିଟିର ସଭାପତି ଭାବେ ବିଧାୟକ ଶ୍ରୀ ବିଷୋୟୀ ଦାୟିତ୍ୱ ନିର୍ବାହ କରିବା ପାଇଁ ନଗରପାଳ ଶ୍ରୀ ସେଠୀ ପ୍ରସ୍ତାବ ରଖିଥିଲେ । ବିଧାୟକ ଶ୍ରୀ ବିଷୋୟୀ ଏହାକୁ ସମ୍ମତି ଜଣାଇ ବେଲଗୁଣ୍ଠା ଯାତ୍ରା ଏକ ସଂସ୍କୃତି, ପରମ୍ପରା ସମ୍ପୃକ୍ତ ଯାତ୍ରା ହୋଇଥିବା ବେଳେ ଏହି ଯାତ୍ରାକୁ ଏହି ବର୍ଷ ସୂଚାରୁରୂପେ ତଥା ଶାନ୍ତିଶୃଙ୍ଖଳାରେ ସମାପନ କରିବା ପାଇଁ ସହରବାସୀଙ୍କ ସହଯୋଗ ଲୋଡ଼ିଥିଲେ ଏବଂ କାର୍ଯ୍ୟକାରୀ ସଭାପତି ଭାବେ ନଗରପାଳ ଫିରୋଜ କୁମାର ସେଠୀଙ୍କୁ ଦାୟିତ୍ୱ ପ୍ରଦାନ କରିଥିଲେ ।ଏହି ଅବସରରେ ମହୋତ୍ସବ କମିଟି ଅନ୍ୟ କାର୍ଯ୍ୟକର୍ତ୍ତାଙ୍କୁ ବିଧାୟକ ଶ୍ରୀ ବିଷୋୟୀ ମନୋନୀତ କରିଥିଲେ ?। କମିଟିର ଉପଦେଷ୍ଟା ଭାବେ ପୂର୍ବତନ ନଗରପାଳ ରବିନ୍ଦ୍ରନାଥ ମହାପାତ୍ର ଓ ବରିଷ୍ଠ ନେତା ନୀଳାଚଳ ମହାପାତ୍ର,ସମ୍ପାଦକ ଭାବେ ଏଲ୍. ସତିଶ ରେଡ୍ଡୀ ଓ ସହ ସମ୍ପାଦକ ଭାବେ ଦିବ୍ୟ ରଞ୍ଜନ ଦାଶ ଦାୟିତ୍ୱ ନିର୍ବାହ କରିବା ନେଇ ବିଧାୟକ ପ୍ରକାଶ



କରିଥିଲେ ।ଏଥି ସହିତ ଆସନ୍ତା ୯ ତାରିଖରେ ପୂର୍ବ ପରମ୍ପରା ଅନୁସାରେ ବଡ଼ଦାଣ୍ଡ ଠାରେ ବିଧାୟକଙ୍କ ମୁଖ୍ୟ ଆତିଥ୍ୟରେ ଶୁଭଖୁଣ୍ଟି ସ୍ଥାପନ କରାଯିବା ନେଇ ସୁଚନା ମିଳିଛି । ଶୁଭଖୁଣ୍ଟି ସ୍ଥାପନା ପରେ ବିଭିନ୍ନ ସାହି ତରଫରୁ ନଗର ପରିକ୍ରମା କରାଯିବା ସହିତ ବିଭିନ୍ନ ପ୍ରକାରର ବାଣ ପଟୁଆର ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଜଣାପଡିଛି ।ଏହି ଯାତ୍ରାରେ ମୁଖ୍ୟ ଆକର୍ଷଣ ବାଣ ପଟୁଆର ଦେଖିବା ପାଇଁ ଅଞ୍ଚଳ ବାସୀ ଉତ୍କଣ୍ଠାର ସହ ଅପେକ୍ଷା କରିଛନ୍ତି ।ଭକ୍ତି, ବିଶ୍ୱାସ, ସଂସ୍କୃତି ଓ ପରମ୍ପରାର ଏହି ମିଶ୍ରିତ ପର୍ବରେ ମାଁ ଙ୍କ ନଗର ପରିକ୍ରମା ବିଶେଷ ଭାବେ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥାଏ ।ଆଜିର ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ସୋରଡା ନିର୍ବାଚନ ମଣ୍ଡଳୀ ଯୁବ ସଙ୍ଗଠକ ଜିତେନ୍ଦ୍ର କୁମାର ନାୟକ,ପୂର୍ବତନ ନଗରପାଳ ଚନ୍ଦ୍ରମଣି ସାମଲ,ପୂର୍ବତନ ଉପନଗରପାଳ ପ୍ରଶାନ୍ତ କୁମାର ସାହୁ,ପୂର୍ବତନ ଉପନଗରପାଳ ପ୍ରତିନିଧି ସତ୍ୟନାରାୟଣ ମହାପାତ୍ର, ବରିଷ୍ଠ ଆଇନଜୀବୀ ସନ୍ତୋଷ କୁମାର ପଣ୍ଡା, ସନ୍ତୋଷ କୁମାର ସୁବୁଦ୍ଧି,ରାଧାକୃଷ୍ଣ ସ୍ୱାଇଁ, କାଉନସିଲ ଭାସ୍କର ପାତ୍ର, ଦିବ୍ୟ ରଞ୍ଜନ ଦାଶ, ପ୍ରଦୀପ କୁମାର ସେଠୀ, ଦିଲ୍ଲୀପ ଆଚାରୀ, କାଉନସିଲର ପ୍ରତିନିଧି ଜିତେନ୍ଦ୍ର ସୁବୁଦ୍ଧି,ରଞ୍ଜିତ କୁମାର ସାମଲ,ଆଲୋକ କୁମାର ସାହାଣୀ, ମହେନ୍ଦ୍ର ବେହେରା,ନାରାୟଣ ସାହୁ,ବିଭିନ୍ନ ଗଣମାଧ୍ୟମ ପ୍ରତିନିଧି ,ବହୁ ସାହି କମିଟି ସଦସ୍ୟ, ଗ୍ରାମ ବାସୀ ଉପସ୍ଥିତ ଥିଲେ ।

## ଶ୍ରୀ ଜୟଦେବ ଜୟନ୍ତୀ ସଂକୀର୍ତ୍ତନ ଯାତ୍ରା ଶ୍ରୀହୀନ ଭକ୍ତ ମର୍ମାହତ

ନିମାପଡା ୬/୫(ନି.ପ୍ର): ପବିତ୍ର ପ୍ରାଚୀ ନଦୀ ତଟ ରେ ଅକ୍ଷୟ ତୃତୀୟା ରେ ଜନ୍ମିତ ଭକ୍ତ ଜୟଦେବ ଙ୍କ ବିଶ୍ୱ ପ୍ରସିଦ୍ଧ ଭକ୍ତି ଭାବ ଭରା ଗ୍ରନ୍ଥ ଶ୍ରୀ ଗୀତ ଗୋବିନ୍ଦ ର ପଦ ପୁରାଣ ନିଜେ ମହାପ୍ରଭୁ ଶ୍ରୀ ଜଗନ୍ନାଥ କରିଥିଲେ. ସେଥିପାଇଁ ଶ୍ରୀ ମନ୍ଦିର ସହ ବିଶ୍ୱର ପ୍ରମୁଖ ଦେବ ପୀଠରେ ସମ୍ମାନ ର ସହ ନିତ୍ୟ ଶ୍ରୀ ଗୀତ ଗୋବିନ୍ଦ ପାଠ କରାଯାଏ । ଓଡ଼ିଆ ଜାତିର ଅସ୍ମିତା କୁ ଯୁଗ କୀର୍ତ୍ତି କୁ ବିଶ୍ୱ ବ୍ୟାପକ କରିଥିବା ଭକ୍ତ ଜୟଦେବ ଙ୍କ ଜୟନ୍ତୀ ମହୋତ୍ସବ ତଥା ଶ୍ରୀ ଚୈତନ୍ୟ ଙ୍କ ପ୍ରାଚୀ ପରିକ୍ରମା ମାର୍ଗ ରେ ଜୟନ୍ତୀ ସଂକୀର୍ତ୍ତନ ଯାତ୍ରା ପାଳନ ନିମନ୍ତେ ସରକାରଙ୍କୁ ଅନୁରୋଧ କରିଥିଲେ ତାଙ୍କ ବଂଶଜ ପଣ୍ଡିତ ତ୍ରିଲୋଚନ ମିଶ୍ର, ମୁଖ୍ୟମନ୍ତ୍ରୀ ବିଜୁ ବାବୁ ।ଏହାକୁ ଗୁରୁତ୍ୱ ଦେଇ ୧୯୯୨ ମସିହା ଠାରୁ ସରକାରୀ ସ୍ତରରେ ଜୟଦେବ ଜୟନ୍ତୀ ମହୋତ୍ସବ ଓ ତ୍ରିଦିବସିୟ ସଂକୀର୍ତ୍ତନ ଯାତ୍ରା ର ପ୍ରାରମ୍ଭ କରାଇଥିଲେ ।ଏ ସଂକୀର୍ତ୍ତନ ଯାତ୍ରା ଏକାମ୍ର କ୍ଷେତ୍ର ଶ୍ରୀ ଜୟଦେବ ଜନ୍ମ ପୀଠ ମାଧବ ମନ୍ଦିର ଚାରିଛକ, ତୁଳସୀପୁର ନୟା ହାଟ ପାଣିଛତ୍ର ପୀଠ ବିଶ୍ୱାମିତ୍ର ଋଷି ମଠ ମଙ୍ଗଳା ମନ୍ଦିର ଦେଉଳି ମଠ ଶ୍ରୀକ୍ଷେତ୍ର ଦଶ ଅବତାର ମଠ ଶ୍ରୀ ମନ୍ଦିର ପରିକ୍ରମାଁ ଧ୍ୱି ପାଳନ କରୁଥିଲା. ପୂର୍ବରୁ ପ୍ରଚାର ପ୍ରସାର ହେଉଥିବାରୁ ପ୍ରତ୍ୟେକ ପୀଠରେ ଭକ୍ତ ସମାଗମ ହେଉଥିଲା ।ସରକାର ସେଠାରେ ଭଜନ ସନ୍ଧ୍ୟା ଓ ଶ୍ରୀ ଗୀତ ଗୋବିନ୍ଦ ଗାୟନ ବ୍ୟବସ୍ଥା କରୁଥିଲେ ।ଏ ବର୍ଷ ଚରମ ପରିଚାଳନା ତ୍ରୁଟି ଯୋଗୁଁ ଶ୍ରୀ ଜୟଦେବ ଜୟନ୍ତୀ ସଂକୀର୍ତ୍ତନ ଯାତ୍ରା ଶ୍ରୀହୀନ ହୋଇଗଲା ।ଏହା ଅଗଣିତ ଶ୍ରୀ ଜଗନ୍ନାଥ ପ୍ରେମୀଙ୍କୁ ମର୍ମାହତ କରିଛି ।ସରକାର ଆଗକୁ ଏପରି ତ୍ରୁଟି ପ୍ରତି ସତର୍କ ରହିବାକୁ ଅନୁରୋଧ କରିଛନ୍ତି ପ୍ରାଚୀ ସଂସ୍କୃତି ସୁରକ୍ଷା ପରିଷଦ ର ଆବାହକ ପଣ୍ଡିତ ତ୍ରିଲୋଚନ ମିଶ୍ର. ସମ୍ପାଦକ ଛବିନ୍ଦ୍ର ପାତ୍ର ମୁଖ୍ୟ ଉପଦେଷ୍ଟା ଡ଼ ସନ୍ତୋଷ କୁମାର ମିତ୍ର ପ୍ରମୁଖ । ଏ ସମସ୍ତ ପରିକ୍ରମା ପୀଠରେ ଶ୍ରୀ ଜୟଦେବ ମଣ୍ଡପ ସ୍ଥାପନ ସହ ଶ୍ରୀ ଜୟଦେବ ବିଗ୍ରହ ସ୍ଥାପନ ହେବାର ଦାବି ଭକ୍ତ ମାନେ ରଖିଛନ୍ତି ।

## ନୂଆପଡ଼ା ରେ ଗଛ ପଡି ରାସ୍ତା ଅବରୋଧ

ପାଟଣା ୬/୫(ନି.ପ୍ର): ଆଜି ଅପରାହ୍ନରେ କାଳ ବୈଶାଖୀ ପବନ ଫଳରେ ଘଟଗାଁ - ଭିମକୁଣ୍ଡ ରାସ୍ତାର ନୂଆପଡ଼ା ମାଝୀ ସାହି ନିକଟରେ ଏକ ବଡ କୃଷ୍ଣ ଚୁଡ଼ା ଗଛ ଭାଙ୍ଗି ପଡି ରାସ୍ତା ଅବରୋଧ ହୋଇଥିଲା ଯାହା ଫଳରେ ଏହି ରାସ୍ତା ଦେଇ ଯାନବାହାନ ଓ ସାଧାରଣ ଚଳାଚଳ ବ୍ୟାହତ ହୋଇଥିଲା ।ଏନେଇ ପାଟଣା ଅଗ୍ନିଶମ ବାହିନୀକୁ ଖବର ଦିଆଯିବା ରେ ଅଗ୍ନିଶମ ବାହିନୀ ର କର୍ମଚାରୀ ମାନେ ନୂଆପଡ଼ା ଆଦି ଗଛ ଟିକୁ କାଟି ଗଡ ଗଡ କରି ରାସ୍ତାରୁ ହଟାଇବା ପରେ ଯାନ ବାହାନ ଚଳାଚଳ ସ୍ୱାଭାବିକ ହୋଇଛି ।କାଳ ବୈଶାଖୀ ପ୍ରଭାବରେ ଆଖ ପାଖ ଗ୍ରାମରେ ବହୁ ଗଛ ରୁ ଡାଳ ଭାଙ୍ଗିବା ସହ କେତେକ ସ୍ଥାନରେ ଗଛ ଉପୁଡ଼ି ପଡ଼ିଥିବା ଜଣାପଡିଛି ।

# ସାଇବର ଠକେଇର ଅମୋଘ ଅସ୍ତ୍ର ମ୍ୟୁଲ୍ ଆକାଉଣ୍ଟ

## ୨୦ହଜାର ଆକାଉଣ୍ଟରେ ୫ ହଜାର କୋଟି ଠକେଇ



ଭୁବନେଶ୍ୱର,୬/୫: ସମ୍ପ୍ରତି ସାଇବର ଠକେଇ ପୂରା ଦେଶକୁ କବଳିତ କରିସାରିଲାଣି। ସାଇବର୍ ବିଶେଷଜ୍ଞଙ୍କ ସଚେତନତା ଓ ସାଇବର ପୁଲିସର ବ୍ୟାପକ ଗିରଫଦାରୀ ପରେ ବି ଏହି ଠକେଇର ମୂଳ ଉତ୍ପାଟନ ହୋଇପାରୁନାହିଁ। ପୁଲିସ ଡାଳେଡାଳେ ଗଲେ, ସାଇବର ଠକମାନେ ପତ୍ରେପତ୍ରେ ଯାଇ ଲୋକଙ୍କୁ ଚୂନ ଲଗାଉଛନ୍ତି। ପୁଲିସ ତଥ୍ୟ କହୁଛି ସାଇବର ଠକଙ୍କ ଅମୋଘ ଅସ୍ତ୍ର ହେଉଛି ମ୍ୟୁଲ୍ ଆକାଉଣ୍ଟ। ନିରୀହ ଲୋକଙ୍କୁ ଅଳ୍ପ କିଛି ପଇସାର ଲୋଭ ଦେଖାଇ ସାଇବର ଠକମାନେ ସେମାନଙ୍କ ବ୍ୟାଙ୍କ୍ ଆକାଉଣ୍ଟକୁ ଏହି ଠକେଇରେ ବ୍ୟବହାର କରୁଛନ୍ତି। ଠକେଇର ଶିକାର ବ୍ୟକ୍ତିଙ୍କ ଲକ୍ଷଲକ୍ଷ ଟଙ୍କାକୁ ଏକାଧିକ ମ୍ୟୁଲ୍ ଆକାଉଣ୍ଟ ଜରିଆରେ ଟ୍ରାନ୍ସଫର କରି ନେଉଛନ୍ତି। ଧରପଗଡ଼ ହେଲେ ମ୍ୟୁଲ୍ ଆକାଉଣ୍ଟର ମାଲିକ ଗିରଫ ହେଉଛି ଏବଂ ସାଇବର ଠକ ପାର ହୋଇଯାଉଛି। କାଉ ପଣସ ଖାଉଛି ଏବଂ ବଗ ମୁଣ୍ଡରେ ଅଠା ବୋଳା ହେଉଛି ନ୍ୟାୟରେ ଗରିବ ଲୋକଟି ଫସିଯାଉଛି। କ୍ରାଇମ୍‌ବ୍ରାଞ୍ଚ ଠାରୁ ଆରମ୍ଭ କରି କମିସନରେଟ୍ ପୁଲିସ ଓ ସାଇବର ଥାନା ପୁଲିସ ୧୦୦ରୁ ଅଧିକ ମାମଲାରେ ୨୦ ହଜାରରୁ ଅଧିକ ମ୍ୟୁଲ୍ ଆକାଉଣ୍ଟ ଠାବ କରିଛନ୍ତି। ଏହି ଆକାଉଣ୍ଟ ମାଧ୍ୟମରେ ୫ ହଜାର କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ଠକେଇ ହୋଇଥିବା ଜଣାପଡ଼ିଛି। ବଡ଼ କଥା ଯେତିକି ମ୍ୟୁଲ୍ ଆକାଉଣ୍ଟ ଠାବ କରାଯାଇଛି, ତା'ଠାରୁ ବହୁ ଅଧିକ ମ୍ୟୁଲ୍ ଆକାଉଣ୍ଟ ଏବେ ବି ବଜାରରେ ବୁଲୁଛି। **ଗରିବ ଯୁବପିଢ଼ିଙ୍କୁ ମୋହରା:** ମ୍ୟୁଲ୍ ଆକାଉଣ୍ଟ ପ୍ରସ୍ତୁତ କରିବା ପାଇଁ ଗରିବ ଶ୍ରେଣୀର ଯୁବକମାନଙ୍କୁ ଟାର୍ଗେଟ୍ କରାଯାଉଛି। ମାସିକ ୧୦ରୁ ୧୫ ହଜାର ଟଙ୍କା ଦରମାରେ ନିଯୁକ୍ତି ପାଇଥିବା ଠକେଇ ର୍ୟାକେଟ୍‌ର ଏଜେଣ୍ଟମାନେ ବୁଲିବୁଲି ଗାଁ'ଗଣ୍ଡାର ଗରିବ ଯୁବକଙ୍କୁ ଫସାଉଛନ୍ତି। ଏହି ଏଜେଣ୍ଟମାନଙ୍କୁ ସ୍ୱତନ୍ତ୍ର ତାଲିମ ଦିଆଯାଇଛି। ସେମାନେ କିଭଳି ଯୁବକମାନଙ୍କୁ ଫସାଇ ବ୍ୟାଙ୍କ ଆକାଉଣ୍ଟ ଖୋଲିବେ, ସେବିଷୟରେ ତାଲିମ ଦିଆଯାଉଛି। ଏଜେଣ୍ଟମାନେ ଗ୍ରାମାଞ୍ଚଳର କମ୍ ପାଠପଢ଼ିଥିବା ଲୋକ ଓ ମହିଳାଙ୍କୁ ଟାର୍ଗେଟ୍ କରୁଛନ୍ତି। ଘରେ ବସି ବିନା ପୁଞ୍ଜି ନିବେଶରେ କିଭଳି ଲକ୍ଷଲକ୍ଷ ଟଙ୍କା ରୋଜଗାର କରିହେବ, ସୁନେଲି ସ୍ୱପ୍ନ ଦେଖାଉଛନ୍ତି। ସେହିଭଳି ସରକାରୀ ଯୋଜନା ମାଧ୍ୟମରେ ଟଙ୍କା ମିଳିବାର ଲୋଭ ଦେଖାଇ ବ୍ୟାଙ୍କ ଆକାଉଣ୍ଟ ଖୋଲିବାକୁ ପ୍ରବର୍ତ୍ତାଉଛନ୍ତି। ଏହାପରେ ସେମାନଙ୍କ ଆଧାରକାର୍ଡ, ପାନ୍ କାର୍ଡ ଓ ପରିଚୟପତ୍ର ନେଇ ସେମାନଙ୍କ ନାଁରେ ସିମ୍ କିଣୁଛନ୍ତି। ବ୍ୟାଙ୍କରେ ଆକାଉଣ୍ଟ ଖୋଲିବା ବେଳେ ଉକ୍ତ ସିମ୍‌କାର୍ଡକୁ ସେଥିରେ ସଂଯୋଗ କରୁଛନ୍ତି। ଏହାପରେ ଉକ୍ତ ମୋବାଇଲ୍‌କୁ ନିଜ ପାଖରେ ରଖି ପାସ୍‌ୱାର୍ଡ ବଳରେ ଆର୍ଥିକ କାରବାରର ନିୟନ୍ତ୍ରଣ ନିଜ ହାତରେ ରଖୁଛନ୍ତି। ଠକେଇ ଟଙ୍କାକୁ ବାରମ୍ବାର ଏକାଧିକ ମ୍ୟୁଲ୍ ଆକାଉଣ୍ଟ ଜରିଆରେ ଟ୍ରାନ୍ସଫର କରିକରି ଶେଷରେ ନିଜ ଆକାଉଣ୍ଟକୁ ନେଉଛନ୍ତି। **ସନ୍ଦେହରେ ଘରୋଇ ବ୍ୟାଙ୍କ:** ତଦନ୍ତରୁ ଜଣାପଡ଼ିଛି ଯେ ବିଶେଷକରି ଘରୋଇ ବ୍ୟାଙ୍କଗୁଡ଼ିକରେ ଏହି ମ୍ୟୁଲ୍ ଆକାଉଣ୍ଟ ପ୍ରସ୍ତୁତି ଦ୍ରୁତଗତିରେ ବଢ଼ିଚାଲିଛି। ଠକ ତଥା ଏଜେଣ୍ଟ ସହଜରେ ଏଭଳି ବ୍ୟାଙ୍କ୍‌ରେ ଆକାଉଣ୍ଟ ଖୋଲାଇ ପାରୁଛନ୍ତି। ଅନେକ ଘଟଣା ପଦାକୁ ଆସିବା ପରେ ମଧ୍ୟ ବ୍ୟାଙ୍କଗୁଡ଼ିକ ପକ୍ଷରୁ କୌଣସି ଆଖିଦୃଶିଆ ପଦକ୍ଷେପ ନିଆଯାଉ ନାହିଁ। ତେଣୁ ବ୍ୟାଙ୍କ କର୍ତ୍ତୃପକ୍ଷ ଓ କର୍ମଚାରୀଙ୍କ ଭୂମିକାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। **ବିଦେଶୀ ଠକଙ୍କ ହାତରେ ଚାବିକାଠି:** ପୂର୍ବରୁ କ୍ରାଇମ୍‌ବ୍ରାଞ୍ଚ ଏସ୍‌ଟିଏଫ୍ ଟିମ୍ ଏଭଳି ଅନେକ ଅନ୍ତରାଜ୍ୟ ସାଇବର ଠକେଇ ଗ୍ୟାଙ୍ଗ୍‌ର ପର୍ଦ୍ଦାଫାସ କରିଛି। ସେକ୍ ହାପିଜୁଲ, ସେକ୍ ଜାହାଙ୍ଗୀର, ଜମିରୁଦ୍ଦିନ, ସମିମ୍ ଇସ୍‌ଲାମଙ୍କ ଭଳି କୁଖ୍ୟାତ ସାଇବର ଠକଙ୍କୁ ମଧ୍ୟ ଗିରଫ କରିଛି। ସେମାନଙ୍କଠାରୁ ୧୫ହଜାରରୁ ଉର୍ଦ୍ଧ୍ୱ ମ୍ୟୁଲ୍ ଆକାଉଣ୍ଟ ଠାବ କରାଯାଇଛି। ଜଣାପଡ଼ିଛି ଯେ, ଗ୍ୟାଙ୍ଗ୍‌ର ମାଷ୍ଟରମାଇଣ୍ଡ ଦୁବାଇ, ମାଲେସିଆ, ଚୀନ, ଭିଏତନାମ୍ ଭଳି ଦେଶରେ ଥାଇ ପରିଚାଳନା କରୁଛନ୍ତି। ମ୍ୟୁଲ୍ ଆକାଉଣ୍ଟ ମାଧ୍ୟମରେ ଟଙ୍କା ନେବା ପରେ ସେହି ଟଙ୍କାକୁ କ୍ରିପ୍ଟୋ, ବିଟ୍‌କଏନ୍‌ରେ ନିବେଶ କରୁଛନ୍ତି।

## ଡାକ ବିଭାଗ ପକ୍ଷରୁ ଜ୍ଞାନ ପୋଷ୍ଟ ଉଦଘାଟିତ



ଯାଜପୁର ୬/୫ ଯାଜପୁର ମୁଖ୍ୟ ଡାକଘର ପରିସରରେ ପୁସ୍ତକ ଓ ଅଧ୍ୟୟନ ସାମଗ୍ରୀ ପାଇଁ ଏକ ନୂତନ ସେବା ଜ୍ଞାନ ପୋଷ୍ଟ ଯାଜପୁର ଡ଼ିଭିଜନ ର ଡାକ ଅଧିକ୍ଷକ ଶୁଭ୍ରକାନ୍ତ ନାୟକ ଙ୍କ ଦ୍ୱାରା ଉଦଘାଟିତ ହୋଇଯାଇଛି। ଏହି ସେବା ଦ୍ୱାରା ସାରା ଦେଶରେ ପୁସ୍ତକ ଏବଂ ଅଧ୍ୟୟନ ସାମଗ୍ରୀ ଡାକ ଦ୍ୱାରା ପଠାଇବାର ସୁଲଭତା ବୃଦ୍ଧି କରିବ। ଏଥିରେ ପ୍ରେରକ ମାନଙ୍କୁ ଲାଭ ଦେବା ପାଇଁ ବିଭିନ୍ନ ପ୍ରକାର ର ବୈଶିଷ୍ଟ ମିଳିବ। ସରକାର ଙ୍କ ସ୍ୱୀକୃତିପ୍ରାପ୍ତ ଶିକ୍ଷାବୋର୍ଡ, ବିଶ୍ୱବିଦ୍ୟାଳୟ ଦ୍ୱାରା ଛାତ୍ରଛାତ୍ରୀଙ୍କ ପାଇଁ ପତ୍ରାଳାପ ଓ ନିୟମିତ ପାଠ୍ୟକ୍ରମ ପାଇଁ ପାଠ୍ୟକ୍ରମ ରେ ନିର୍ଦ୍ଧାରିତ ଜିନିଷ ସାମାଜିକ,ସାଂସ୍କୃତିକ, ଏବଂ ଧାର୍ମିକ ପ୍ରବୃତ୍ତି ସହିତ ଜଡିତ ସାହିତ୍ୟ, ଦେଶର ପ୍ରାସଙ୍ଗିକ ଆଇନ ଅନୁସାରେ ଜାରି କିମ୍ବା ପ୍ରକାଶିତ , ବିଭିନ୍ନ ପ୍ରତିଯୋଗିତା ମୂଳକ ପରୀକ୍ଷାର ଆଶାୟୀମାନଙ୍କ ଦ୍ୱାରା ବ୍ୟବହୃତ ପାଠ୍ୟପୁସ୍ତକ ଜ୍ଞାନ ପୋଷ୍ଟ ର ମୁଖ୍ୟ ବୈଶିଷ୍ଟ୍ୟ ଗୁଡ଼ିକ ମଧ୍ୟରେ ଅନ୍ତର୍ଭୁକ୍ତ। ଅନଲାଇନ ଟ୍ରାକିଂ ସେବା ସହିତ ଜିନିଷ ର ଯାତ୍ରା ବିଷୟରେ ଜାଣି ହେବ। ଯେ କୌଣସି ପୋଷ୍ଟ ଅଫିସ କାଉଣ୍ଟର ରେ ଜ୍ଞାନ ପୋଷ୍ଟ ଜିନିଷ ଗୁଡ଼ିକୁ ସହଜରେ ବୁକ କରିହେବ। ଏହା ବ୍ୟତୀତ ଜ୍ଞାନ ପୋଷ୍ଟ ପ୍ରେରକ ମାନଙ୍କୁ ବିତରଣ ପାଇଁ ପ୍ରକ୍ରିୟାକରଣ ହେବା ପୂର୍ବରୁ ପୋଷ୍ଟ ହୋଇଥିବା ଜିନିଷ ର ଠିକଣା ପ୍ରତ୍ୟାହାର କିମ୍ବା ପରିବର୍ତ୍ତନ ପାଇଁ ଅନୁରୋଧ କରିବାର ବିକଳ୍ପ ପ୍ରଦାନ କରିଥାଏ। ପୃଷ୍ଠ ପରିବହନ ପୃଷ୍ଠ ମୋଡ ମାଧ୍ୟମ ରେ ନିର୍ଭର ଯୋଗ୍ୟ ଓ କମ ଖର୍ଚ୍ଚରେ ବିତରଣ କରାଯାଇଥାଏ। ଏହି ନୂତନ ସେବା ଦେଶର ବିକଶିତ ଆବଶ୍ୟକତା ପୂରଣ କରିବା ପାଇଁ ସୁଗମ ଓ ଉପଯୁକ୍ତ ପୋଷ୍ଟାଲ ସମାଧାନ ପ୍ରଦାନ କରିବା ପାଇଁ ଡାକ ବିଭାଗ ର ପ୍ରତିବଦ୍ଧତା କୁ ଗୁରୁତ୍ୱାରୋପ କରିଥାଏ। ଜ୍ଞାନ ପୋଷ୍ଟ ଛାତ୍ର ଛାତ୍ରୀ ଶିକ୍ଷାନୁଷ୍ଠାନ ଏବଂ ଶିକ୍ଷଣସାମଗ୍ରୀ ବାଣ୍ଟିବାକୁ ଚାହୁଁଥିବା ବ୍ୟକ୍ତି ବିଶେଷ ଙ୍କ ପାଇଁ ବିଶେଷ ଭାବରେ ଲାଭ ଦାୟକ ହେବ ବୋଲି ଆଶା କରାଯାଉଛି।

## ଯାଜପୁର ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷଠାରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର



ଯାଜପୁର , ତା ୦୬.୦୫.୨୦୨୫ ରିଖ : ଆଜି ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଅଛି ।ଏହି ଅଭିଯୋଗ ଶିବିର ରେ ଉପସ୍ଥିତ ରହି ଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡୀ ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗ ର ଶୁଣାଣି କରିଥିଲେ ।ବିଭାଗୀୟ ଅଧିକାରୀ ମାନେ ଏହି ଅଭିଯୋଗ ଗୁଡିକ ଯାଞ୍ଚ କରିବେ ଓ ଯେଉଁମାନେ ଯୋଗ୍ୟ ଅଛନ୍ତି ସେମାନଙ୍କର ଯଥାସମ୍ଭବ ସମସ୍ୟାର ସମାଧାନ କରାଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ ।ଆଜି ମୋଟ ୩୧୨ ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୧୨୦ ଗୋଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ /ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୧୫ ଗୋଟି, ମୁଖ୍ୟମନ୍ତ୍ରୀ ଙ୍କ ରିଲିଫ ପାଣ୍ଠି ରୁ ସହାୟତା ନିମନ୍ତେ ୧୭୭ ଗୋଟି ଅଭିଯୋଗର ଶୁଣାଣି କରାଯାଇଥିଲା। ୨୦୨ ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ରେ ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ଶ୍ରୀ ପ୍ରଶାନ୍ତ କୁମାର ମାଝୀ, ଅତିରିକ୍ତ ଜିଲ୍ଲାପାଳ, ପ୍ରଶାସନ ଶ୍ରୀ ଯୁଧିଷ୍ଠିର ନାୟକ, ଜିଲ୍ଲା ପରିଷଦର ମୁଖ୍ୟ ବିକାଶ ଅଧିକାରୀ ଶ୍ରୀ ଅଶୋକ କୁମାର ବେହୁରିଆ, ଉପ ଜିଲ୍ଲାପାଳ, ଯାଜପୁର ଶ୍ରୀ ତାପସ ରଂଜନ ଦେହୁରୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଯାଜପୁର ,ଶ୍ରୀ ହେମନ୍ତ କୁମାର ମହନ୍ତ, ତହସିଲଦାର, ଯାଜପୁର ଶ୍ରୀ ରବି ନାରାୟଣ ପାଢ଼ୀ, ଜିଲ୍ଲା ସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକ ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗ ର ଶୁଣାଣି କରିଥିଲେ।

## ପ୍ରୋତ୍ସାହନ ଅଭାବ: କଳାହାଣ୍ଡିରେ ତେନ୍ତୁଳି ବଜାର ବ୍ୟବସ୍ଥା ମାନ୍ଦା



ଭବାନୀପାଟଣା, ୬।୫ : ଆଦିବାସୀ ଉନ୍ନୟନ ସମବାୟ ନିଗମ (ଟିଡିସିସି) ତଥା ରାଜ୍ୟ ସରକାର ତେନ୍ତୁଳି ସଂଗ୍ରହ ପାଇଁ ଯେତିକି ତତ୍ପରତା ଦେଖାଇବା କଥା ତାହା ନ ହେବା କାରଣରୁ କଳାହାଣ୍ଡି ଜିଲାର ହିତାଧିକାରୀ ବାହାରିଆ ବେପାରୀଙ୍କ ଉପରେ ନିର୍ଭରଶୀଳ ହେଉଛନ୍ତି। ଜିଲାର ତେନ୍ତୁଳି ସଂଗ୍ରହକାରୀ ଟିଡିସିସି ଦ୍ୱାରା ଯେଉଁଭଳି ଲାଭ ପାଇବା କଥା ତାହା ପାଉ ନ ଥିବା ଦେଖିବାକୁ ମିଳିଛି। ସାଧାରଣତଃ ପଛୁଆ ବର୍ଗର ଲୋକେ ବିଶେଷକରି ଆଦିବାସୀମାନେ ବଜାର ବ୍ୟବସ୍ଥା ସମ୍ପର୍କରେ ଜାଣିପାରନ୍ତି ନାହିଁ। ପୁରୁଷ ପୁରୁଷ ଧରି ଜୀବନ ଜୀବିକା ଉଦ୍ଦେଶ୍ୟରେ ତେନ୍ତୁଳି ଉପରେ ନିର୍ଭର କରିଆସୁଥିବା ପରିବାରଙ୍କୁ ଉଚିତ ପ୍ରାପ୍ୟ ନ ମିଳିବା ଉଦ୍‌ବେଗର କାରଣ ହୋଇଛି ।ଟିଡିସିସି କଳାହାଣ୍ଡିରେ ତେନ୍ତୁଳି କୁଇଣ୍ଟାଲ ପିଛା ୩୬ ଶହ ଟଙ୍କାରେ ସଂଗ୍ରହ କରୁଥିବା କୁହାଯାଇଛି। କିନ୍ତୁ ଗ୍ରାମାଞ୍ଚଳରେ କୁଇଣ୍ଟାଲ ପ୍ରତି ଦର ନିର୍ଦ୍ଧାରଣ କରି ବିକ୍ରି କରିବା ସହଜ ହେଉନାହିଁ। ତେଣୁ କିଏ କୁଇଣ୍ଟାଲ ପିଛା ଏକ ହଜାରରେ ବିକ୍ରି କରୁଛି ତ ଆଉ କିଏ ବଜାରରେ ବୁଲି ବୁଲି ଉଚ୍ଚା ଦରରେ ବିକିବା ଲାଗି ଆପ୍ରାଣ ଉଦ୍ୟମ ଚଳାଇଛନ୍ତି। ବର୍ତ୍ତମାନ ତେନ୍ତୁଳିର ବଜାର ଦର ୪୦ରୁ ୫୦ଟଙ୍କା ହୋଇଥିବାରୁ ଟିଡିସିସି ଏଥର ତେନ୍ତୁଳି ସଂଗ୍ରହ କରୁନାହିଁ। ଟିଡିସିସି ଗୋଟିଏ କେ.ଜି. ତେନ୍ତୁଳି କ୍ରୟ କରି ନ ଥିବା ବିଭାଗୀୟ ଅଧିକାରୀମାନେ ପ୍ରକାଶ କରିଛନ୍ତି। ତେବେ ଗତବର୍ଷ ଟିଡିସିସି ସିଧାସଳଖ ଏସ୍‌ଏଚ୍‌ଜି ମହିଳାଙ୍କ ଜରିଆରେ ତେନ୍ତୁଳି ସଂଗ୍ରହ ପ୍ରକ୍ରିୟା ଜାରି ରଖିଥିଲା। ଏସ୍‌ଏଚ୍‌ଜି ମହିଳା ତେନ୍ତୁଳି ସଂଗ୍ରହକାରୀଙ୍କ ସହ ଯୋଗସୂତ୍ର ରଖି ସଂଗୃହୀତ ତେନ୍ତୁଳିକୁ ଗଚ୍ଛିତ ରଖୁଛନ୍ତି। ପରବର୍ତ୍ତୀ ସମୟରେ ଟିଡିସିସିକୁ ହସ୍ତାନ୍ତର କରିଥାନ୍ତି। ଏହି କାର୍ଯ୍ୟ ପାଇଁ ସେମାନେ କୁଇଣ୍ଟାଲ ପିଛା ୭୨ ଟଙ୍କା ଟିଡିସିସିଠାରୁ ପାଉଛନ୍ତି। ଅନ୍ୟପକ୍ଷରେ ତେନ୍ତୁଳି ସଂଗ୍ରହକାରୀ ଗତଥର ଟିଡିସିସିରୁ କୁଇଣ୍ଟାଲ ପିଛା ୩୬୦୦ ଟଙ୍କା ନିଜ ପ୍ରାପ୍ୟ ହିସାବରେ ନେଉଥିଲେ। ଏହି କ୍ରମରେ କଳାହାଣ୍ଡି ଜିଲାରେ ଗତବର୍ଷ ଟିଡିସିସି ୯୬୬.୭୪ କୁଇଣ୍ଟାଲ ତେନ୍ତୁଳି କ୍ରୟ କରି ୩୪,୮୦,୨୬୪ ଟଙ୍କା ପ୍ରଦାନ କରିଥିବା କୁହାଯାଇଛି। ଜିଲାର ଲାଞ୍ଜିଗଡ, ଥୁଆମୂଳ ରାମପୁର ଓ ଏମ୍ ରାମପୁର ବ୍ଲକରେ ତେନ୍ତୁଳିର ଚାହିଦା ବେଶୀ। ଶାଳ ମଞ୍ଜି ଭଳି ତେନ୍ତୁଳି ମଧ୍ୟ ଜଙ୍ଗଲ ଅଞ୍ଚଳରେ ବାସ କରୁଥିବା ଅଧିବାସୀଙ୍କ ପାଇଁ ଲାଭପ୍ରଦ ହେଉଥିଲେ ସୁଦ୍ଧା ଉଚିତ ପ୍ରାପ୍ୟ ନ ପାଇ ଦଲାଲ ହାତରେ ତେନ୍ତୁଳିକୁ ଟେକି ଦେଉଛନ୍ତି। ଟିଡିସିସି ଜିଲାର ଲାଞ୍ଜିଗଡ, ଏମ୍. ରାମପୁର, ଥୁଆମୂଳ ରାମପୁର, ଭବାନୀପାଟଣା ଓ କଲମପୁର ଅଞ୍ଚଳକୁ ବାଦ ଦେଲେ ଅନ୍ୟ ବ୍ଲକରୁ ତେନ୍ତୁଳି ସଂଗ୍ରହ କରିବା ଜଣାପଡୁନାହିଁ। କୋକସରା ଭଳି କେତେକ ବ୍ଲକରେ ତେନ୍ତୁଳି ସଂଗ୍ରହ କରାଯାଉଥିଲେ ବି ଟିଡିସିସି ଏଥିପ୍ରତି ଧ୍ୟାନ ଦେଉନାହିଁ। ଗତବର୍ଷ ଦଲାଲମାନେ କିଲୋ ପିଛା ୧୫ଟଙ୍କା ଏବଂ ୫୦ କେଜି ବସ୍ତା ପିଛା ୮୦୦ ଟଙ୍କାରୁ କମ ମୂଲ୍ୟରେ ନେଇଥିବା ନଜିର ରହିଛି। ଜିଲାରେ ଟିଡିସିସି ଅଧୀନରେ ଥିବା ୫ ବ୍ଲକର ୩୨ ଏସ୍‌ଏଚ୍‌ଜି ମହିଳା କାମ କରୁଥିବାବେଳେ ଚଳିତ ବର୍ଷ ଟିଡିସିସି ହାତ ଯୋଡି ବସିଛି। ଜିଲାରେ ୧୦ ହଜାର କୁଇଣ୍ଟାଲ ତେନ୍ତୁଳି ସଂଗ୍ରହ ହୋଇପାରିବ ବୋଲି ଆଶା କରାଯାଉଛି। କିନ୍ତୁ ତେନ୍ତୁଳିକୁ ରଖିବା ପାଇଁ ଶୀତଳ ଭଣ୍ଡାର ବ୍ୟବସ୍ଥା ନାହିଁ, ଯଦ୍ୱାରା ସଂଗୃହୀତ ତେନ୍ତୁଳିକୁ ସମ୍ବଲପୁର ଶୀତଳଭଣ୍ଡାରକୁ ପଠାଯାଉଛି। ଅନ୍‌ଲାଇନ ବଜାର ବ୍ୟବସ୍ଥା ଭିତ୍ତିରେ ଉକ୍ତ ତେନ୍ତୁଳି ବିକ୍ରିବଟା କରାଯାଉଛି। ଜିଲାରେ ଶୀତଳଭଣ୍ଡାର ବ୍ୟବସ୍ଥା ସହ ଅଧିକରୁ ଅଧିକ ହିତାଧିକାରୀଙ୍କୁ ଟିଡିସିସି ଦ୍ୱାରା ଯୋଡି ଦିଆଗଲେ ସେମାନେ ଲାଭବାନ ହୋଇପାରନ୍ତେ ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଉଛି।

## ଶ୍ରୀକ୍ଷେତ୍ରରୁ ଉଡିବ ବିମାନ, ମଞ୍ଜୁରୀ ପ୍ରଦାନ କଲେ କେନ୍ଦ୍ର ସରକାର

ପୁରୀ,୬/୫: ଶ୍ରୀକ୍ଷେତ୍ର ପୁରୀରେ ନୂତନ ବିମାନବନ୍ଦର ନିର୍ମାଣ ପାଇଁ କେନ୍ଦ୍ର ସରକାର ମଞ୍ଜୁରୀ ପ୍ରଦାନ କରିଛନ୍ତି । ଏଥିଲାଗି ପ୍ରତିରକ୍ଷା ମନ୍ତ୍ରାଳୟ ପକ୍ଷରୁ ନୋ ଅବଜେକ୍ସନ ସାର୍ଟିଫିକେଟ୍ ମିଳିଥିବା ଜଣାପଡିଛି । ବେସାମରିକ ବିମାନ ଚଳାଚଳ ମନ୍ତ୍ରାଳୟ ମଧ୍ୟ ନୂତନ ବିମାନବନ୍ଦର ପ୍ରତିଷ୍ଠା ଲାଗି ପ୍ରକଳ୍ପ କାର୍ଯ୍ୟକୁ ଅନୁମତି ଦେଇସାରିଛି । ୨୦୨୩ ସେପ୍ଟେମ୍ବରରେ ଗ୍ରୀନ୍ ଫିଲ୍ଡ ବିମାନବନ୍ଦର ପ୍ରତିଷ୍ଠା ପାଇଁ ବେସାମରିକ ବିମାନ ଚଳାଚଳ ମନ୍ତ୍ରାଳୟ ଅନୁମତି ଦେଇଥିଲା । ଓଡ଼ିଶା ସରକାର ପ୍ରକଳ୍ପର ଅଗ୍ରଗତି ନେଇ ପୂର୍ବରୁ କେନ୍ଦ୍ର ସରକାରଙ୍କ ନିକଟରେ ପ୍ରସ୍ତାବ ଆଗତ କରିଥିଲେ । ଏହି ବିମାନବନ୍ଦର ନିମନ୍ତେ ଜମି ଅଧିଗ୍ରହଣ, ରାଜ୍ୟର ଭାଗ ସମେତ ପ୍ରକଳ୍ପର ଆନୁସଙ୍ଗିକ କାର୍ଯ୍ୟ ନିମନ୍ତେ ରାଜ୍ୟ ସରକାର ସମ୍ମତି ଜଣାଇଥିଲେ । ତେବେ ଏହି ନୂତନ ବିମାନବନ୍ଦର ଭାରତୀୟ ବିମାନ ନିୟାମକ ପ୍ରାଧିକରଣ କିମ୍ବା ପିପିପି ମୋଡରେ ହେବ ତାହା ଏଯାବତ୍ ସ୍ଥିର ହୋଇନାହିଁ । ସୂଚନାଯୋଗ୍ୟ ରାଜସ୍ଥାନ କୋଟାରେ ମଧ୍ୟ ନୂତନ ବିମାନବନ୍ଦର ନିର୍ମାଣ ନିମନ୍ତେ କେନ୍ଦ୍ର ସରକାର ଅନୁମତି ପ୍ରଦାନ କରିଛନ୍ତି ।



## ଏସଡିଆଇପିଆରଓ ପରୀକ୍ଷାରେ ଗ୍ରେସ୍ ୬ ମାର୍କ

ଭୁବନେଶ୍ୱର,୬/୫: ଓଡ଼ିଶା ଲୋକସେବା ଆୟୋଗ (ଓପିଏସସି) ମଙ୍ଗଳବାର ଦିନ ଏସଡିଆଇପିଆରଓ ପରୀକ୍ଷାର୍ଥୀଙ୍କ ପାଇଁ ୬ ଗ୍ରେସ୍ ମାର୍କ ଘୋଷଣା କରିଛି। ପୂର୍ବରୁ ଅଭିଯୋଗ ଆସିଥିଲା ଯେ ସାମ୍ବାଦିକତା ଏବଂ ଗଣ ଯୋଗାଯୋଗ ପତ୍ରରେ ୯୪ ନମ୍ବର ପାଇଁ ପ୍ରଶ୍ନ ପଚରାଯାଉଥିଲା ବେଳେ ଏହା ୧୦୦ ନମ୍ବର ହେବା ଉଚିତ। ତେଣୁ, ପରୀକ୍ଷାର୍ଥୀମାନେ ପ୍ରଶ୍ନପତ୍ର ତ୍ରୁଟି ପାଇଁ ୬ ଗ୍ରେସ୍ ମାର୍କ ମାଗିଥିଲେ। ପ୍ରାର୍ଥୀମାନେ ଅଭିଯୋଗ କରିଥିଲେ ଯେ ଉକ୍ତ ପ୍ରଶ୍ନପତ୍ରରେ ପୂର୍ଣ୍ଣ ସଂଖ୍ୟା ଅପେକ୍ଷା ୬ ମାର୍କ କମ୍ ଅଛି। ଓଡ଼ିଶା ଲୋକସେବା ଆୟୋଗ (ଓପିଏସସି) ଓଡ଼ିଶା ସୂଚନା ସେବା (ଓଆଇଏସ୍-ଓଓ) କ୍ୟାଡର ପାଇଁ ଉପ-ବିଭାଗୀୟ ସୂଚନା ଏବଂ ଲୋକସମ୍ପର୍କ ଅଧିକାରୀ (ଏସଡିଆଇପିଆରଓ) ପରୀକ୍ଷା ପରିଚାଳନା କରିଥିଲା, ଯାହାର ଲିଖିତ ପରୀକ୍ଷା ୨୯ ଏବଂ ୩୦ ମାର୍ଚ୍ଚ, ୨୦୨୫ ରେ ଅନୁଷ୍ଠିତ ହୋଇଥିଲା।


B-98

OFFICE OF THE SUPERINTENDING ENGINEER
BHUBANESWAR (R&B) DIVISION NO III

BHUBANESWAR bbsrrandb03@yahoo.com

60Estg.No - 3198 Date - 05/05/2025

Government of Odisha "e"-Procurement Notice No (04 ) of 2025-26 Bid Identification No: - C.C. (R&B) 03

| | | |
|---|---|---|
| 1 | Name of the Work | E.I. ( Road & Building ) Works |
| 2 | Total No of works | 2nos. works |
| 3 | Estimated Cost | i)Rs. 16,07,959.00, ii)Rs.18,13,834.00. |
| 4 | Class of Contractor | SI No 1 - "MV" & SI No 2 - "HT" Class Contractor |
| 5 | Period of Completion | 1 (One) ) Calendar Month |
| 6 | Type of Tender | Single Cover System (Online) |
| 7 | Date & time of availability of bid document in the portal | From 07/05/2025 at 11.30 P.M. to 16/05/2025 ati,5.30 P.M. |
| 8 | Last Date & Time for Receipt of bids in the Portal | 16/05/2025, upto 5.30 P.M. |
| 9 | Name & Address of the Officer inviting Bid | Er. Narendra Kumar Ghadai, Superintending Engineer, Bhubaneswar (R&B) Division No III, Bhubaneswar |

Further details can be seen from the e-procurement portal https://tendersorissa.gov.in N.B: Subsequent corrigendum / addendum if required shall be available in the website as indicated above

Superintending Engineer
BBSR(R&B) Division No.III, BBSR

OIPR-34089/11/0026/2526


## ତଦନ୍ତ ରିପୋର୍ଟ ପ୍ରଦାନ କଲେ ମୁଖ୍ୟ ପ୍ରଶାସକ

ଭୁବନେଶ୍ୱର,୬/୫: ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ମନ୍ଦିର ଏବଂ ଶ୍ରୀଜଗନ୍ନାଥଙ୍କ ସଂସ୍କୃତିକୁ ନେଇ ଗତ କିଛିଦିନ ଧରି ଗଣମାଧ୍ୟମରେ ପ୍ରଚାରିତ ହେଉଥିବା ପ୍ରସଙ୍ଗରେ ଆଜି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ ରାଜ୍ୟ ସରକାରଙ୍କୁ ଅନ୍ତରୀଣ ତଦନ୍ତ କମିଟି ରିପୋର୍ଟ ପ୍ରଦାନ କରିଛନ୍ତି । ଶ୍ରୀଜଗନ୍ନାଥଙ୍କର ମନ୍ଦିର ଦିଘାଠାରେ ହେବା, ମନ୍ଦିରର ନାମକୁ ଜଗନ୍ନାଥ ଧାମ ଲେଖାଯିବା, ଏଠାରୁ ସେବାୟତମାନେ ମନ୍ଦିର ପ୍ରତିଷ୍ଠାରେ ଯୋଗଦେବା ତଥା ବଳକା ଦାରୁ କାଠରେ ପ୍ରତିମା ନିର୍ମାଣ ହେବା ଇତ୍ୟାଦି ବାବଦରେ ଅନ୍ତରୀଣ ତଦନ୍ତ କମିଟି କରିଥିବା ରିପୋର୍ଟକୁ ଡ. ପାଢ଼ୀ ଆଜି ଲୋକସେବା ଭବନରେ ଆଇନ ମନ୍ତ୍ରୀ ଶ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କୁ ପ୍ରଦାନ କରିଛନ୍ତି । ଏହି ରିପୋର୍ଟ ଗ୍ରହଣ ପରେ ଗଣମାଧ୍ୟମକୁ ସୂଚନା ଦେଇ ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଛନ୍ତି ଯେ ଦିଘା ଜଗନ୍ନାଥ ମନ୍ଦିର ପ୍ରସଙ୍ଗରେ ଅନ୍ତରୀଣ ତଦନ୍ତ କରି ରିପୋର୍ଟ ପ୍ରଦାନ ପାଇଁ ଶ୍ରୀମନ୍ଦିର ପ୍ରଶାସନକୁ ଚିଠି ଲେଖା ଯାଇଥିଲା । ଆଜି ଏହାର ରିପୋର୍ଟ ଆମର ହସ୍ତଗତ ହୋଇଛି । ମହାରଣା ସେବକ, ମନ୍ଦିର ସୁରକ୍ଷା ଦାୟିତ୍ୱରେ ଥିବା ନିଯୋଗ, ଦାଇତାପତି ନିଯୋଗ ଓ ଯେଉଁମାନେ ଦିଘା ମନ୍ଦିର ଯାଇଥିଲେ ସେମାନଙ୍କୁ ନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ତିନିଦିନ ଧରି ମାରାଥନ ବୈଠକ ଅନୁଷ୍ଠିତ ହୋଇଥିଲା । ଏହା ପରେ ସମସ୍ତ ଦିଗକୁ ଅନୁଧ୍ୟାନ କରି ବିଭିନ୍ନ ପ୍ରସ୍ତାବ ଏବଂ ବିସ୍ତୃତ ରିପୋର୍ଟକୁ ରାଜ୍ୟ ସରକାରଙ୍କୁ ଦାଖଲ କରିଛନ୍ତି ଶ୍ରୀମନ୍ଦିର ପ୍ରଶାସନ । ଏ ନେଇ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଯିବା ସହ ଏହି ରିପୋର୍ଟକୁ ସଂପୂର୍ଣ୍ଣ ଅନୁଧ୍ୟାନ କରାଯାଇ ଆଗାମୀ କାର୍ଯ୍ୟପନ୍ଥା ଓ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ ଶ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସୂଚନା ଦେଇଛନ୍ତି। ଗଣମାଧ୍ୟମକୁ ସୂଚନା ଦେଇ ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଛନ୍ତିଯେ ଯେ କୌଣସି ସ୍ଥାନରେ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା କରିବାରେ କିଛି ଅସୁବିଧା ନାହିଁ ତେବେ ଅନେକ ସ୍ଥାନରେ ନୀତିକାନ୍ତି ନେଇ ତାଳମେଳ ରହୁନି ଓ ତେଣୁ ମହାପ୍ରଭୁଙ୍କ ଦୈନିଦିନ କ'ଣ କାର୍ଯ୍ୟ ରହିବ ଏ ନେଇ ଶ୍ରୀମନ୍ଦିର ପକ୍ଷରୁ ରାଜ୍ୟର ସବୁ ଜଗନ୍ନାଥ ମନ୍ଦିରକୁ ଖୁବ ଶୀଘ୍ର ମାର୍ଗଦର୍ଶିକା ଜରିହେବ । ଏଥି ସହିତ ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଲେ ଯେ ଦେଶରେ କେବଳ ଚାରିଟି ଧାମ ରହିଛି ଓ ତେଣୁ କେବଳ ଏହି ସ୍ଥାନ ବ୍ୟତୀତ ଅନ୍ୟ ସ୍ଥାନରେ "ଧାମ" ଶବ୍ଦର ନାମ ଲାଗିପାରିବ ନାହିଁ । ତେଣୁ ଦିଘାରେ "ଜଗନ୍ନାଥ ଧାମ" ବୋଲି ଯାହା ଉଲ୍ଲେଖ କରାଯାଇଛି ତାହା ଠିକ ନୁହେଁ, ଏହାକୁ ଶୀଘ୍ର ହଟାଇବା ପାଇଁ ଓଡ଼ିଶା ସରକାରଙ୍କ ପକ୍ଷରୁ ପ୍ରୟାସ ଆରମ୍ଭ ହେବ । ପଶ୍ଚିମବଙ୍ଗ ସରକାରଙ୍କୁ ଓଡ଼ିଶା ସରକାରଙ୍କ ତରଫରୁ ପତ୍ର ଲେଖାଯିବ ଏବଂ ଦିଘା ଠାରେ ମହାଦୋଧି ନାମକୁ କାଟିବା ପାଇଁ ମଧ୍ୟ କୁହାଯିବ । ଅନ୍ୟପକ୍ଷରେ ସେବାୟତମାନେ କୌଣସି ସ୍ଥାନକୁ ଯାଇ ସେଠାରେ ପୂଜା ଅର୍ଚ୍ଚନା କରିବା ବିଧି ନାହିଁ । ଏଥି ସହିତ ଜଗନ୍ନାଥଙ୍କ ବିଭିନ୍ନ ନୀତିକାନ୍ତି ବିଷୟରେ ବାହାରେ କ'ଣ ସବୁ ପ୍ରକାଶ କରି ପାରିବେ ଓ ନ କରିପାରିବେ ସେଥିନେଇ ମାର୍ଗଦର୍ଶିକା ଜାରି ହେବ । ରିପୋର୍ଟରୁ ଯାହା ଜଣାପଡିଛି ବଳକା ଦାରୁ କାଠ ବାହାରକୁ ଯିବା ଏବଂ ଏଥିରେ ବିଗ୍ରହ ନିର୍ମାଣ ହେବା ସମ୍ଭବ ନୁହେଁ ଏବଂ ଏହା ସମ୍ପୂର୍ଣ୍ଣ ମିଛ ବୋଲି ନିଯୋଗମାନେ ଉଲ୍ଲେଖ କରିଛନ୍ତି । ଦାରୁ ଘର ଭିତରେ କାଠ ସୁରକ୍ଷିତ ଅଛି । ୧୯୯୫-୯୬ ରେ ସେତବେଳେର ସରକାରଙ୍କ ନିଷ୍ପତ୍ତି କ୍ରମେ କିଛି ଦଇତାପତି ନିଯୋଗ ଘରେ କିଛି କାଠ ରହିଛି ।


PRINTED, PUBLISHED & Owned by Gitanjali Nanda, Printed at janjali Devi PRESS, Plot no- 131, Rajarani Nagar, Bhubaneswar-751014, Khordha, Odisha & Published at : Plot No- 2033, Keutasahi P.O- Old Town, P.s-Lingaraj, Bhubaneswar, 751002, Dist- Khordha, Odisha (Odisha) MobNo.-9337673884, ) E-mail : jagannathexpress1972@gmail.com

Editor - Balaram prasad Nanda Mananging Editor- Sarangdhar Senapati ସଂପାଦକ- ବଳରାମ ପ୍ରସାଦ ନନ୍ଦ